# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 332 ଭାଗ ୩୩ | ସଂଖ୍ୟା ୩୩୨ | Tuesday 24 February 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୨୪ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ପଶ୍ଚିମବଙ୍ଗ ଜନତାଙ୍କୁ ଚିଠି ଲେଖିଲେ ମୋଦି ପୃଷ୍ଠା ୪


## ସହସମ୍ପାଦକ ଆବଶ୍ୟକ



ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବା। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।

ଯୋଗାଯୋଗ

Mail :- sancharodisha@gmail.com

Whatsapp :- +91 8093008776


# ପାଣିଠୁ ହର୍ଲିକ୍ସ ସବୁ ଭେଜାଲ



**ଅସାଧୁ ବ୍ୟବସାୟୀଙ୍କ ପାଇଁ ବିପଦରେ ଖାଉଟି**

**ଅପମିଶ୍ରଣରେ ରେକର୍ଡ କରିଛି ଖୋର୍ଦ୍ଧା ଜିଲ୍ଲା**

**ପ୍ରାୟ ପ୍ରତିଦିନ ଚଢ଼ାଉ ଓ ଯାଞ୍ଚ ହେଉଛି**

**ଡୁପ୍ଲିକେଟ୍ ମାର୍କେଟ୍ ଉପରେ ନାହିଁ ନିୟନ୍ତ୍ରଣ**

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ) :** ରାଜ୍ୟରେ ଖାଦ୍ୟ ସାମଗ୍ରୀର ଅପମିଶ୍ରଣକୁ ନେଇ ସାଂଘାତିକ ସ୍ଥିତି। ପାଣିଠୁ ହର୍ଲିକ୍ସ ପର୍ଯ୍ୟନ୍ତ ସବୁର ଡୁପ୍ଲିକେଟ୍ ବଜାରରେ ହାଉଯାଉ ହେଉଛି। ପ୍ୟାକେଜିଂ ବି ଏମିତି ହେଉଛି, ସେଥିରୁ ଓରିଜିନାଲ୍ ଓ ଡୁପ୍ଲିକେଟ ଚିହ୍ନିବା ଅସମ୍ଭବ। ଦୈନିକ ଖାଉଟି ବଜାରରୁ ଘରକୁ କିଣି ନେଉଥିବା ପାଉଁରୁଟି, ତେଲ, ଚକୋଲେଟ୍ ବି ନିମ୍ନ ମାନର। ଖୋଦ୍ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏଭଳି ଚାଞ୍ଚଲ୍ୟକର ତଥ୍ୟ ରଖିଛନ୍ତି।

ଅସାଧୁ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ବିପଦରେ ପଡୁଛନ୍ତି ଖାଉଟି। ଅପମିଶ୍ରିତ ଖାଦ୍ୟ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଆଜି ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ, ମସଲା, ସୋରିଷ ତେଲ, ସୂର୍ଯ୍ୟମୁଖୀ ତେଲ, ଦହି, ବିସ୍କୁଟ, ମଇଦା, ସ୍ନାକ୍ସ, ଛତୁଆ, ସସ୍, ସୋୟାବିନ, ଘିଅ, ଲହୁଣୀ, ଚିନି, ପାମ୍ପଡ଼, ଚକୋଲେଟ, ବ୍ରେଡ୍ ଓ ନୁଡୁଲ୍ସ ଭଳି ଅତି ଦରକାରୀ ଖାଦ୍ୟ ସମାଗ୍ରୀର ଅପମିଶ୍ରଣ ହେଉଛି। ଏପରିକି ଲୁଣରେ ବି ବିଷାକ୍ତ ସାମଗ୍ରୀ ରହୁଥିବା ଜଣାପଡ଼ିଛି।

ରାଜ୍ୟର ସବୁ ଜିଲ୍ଲାରେ କାୟା ବିସ୍ତାର କରିଛନ୍ତି ଅପମିଶ୍ରଣକାରୀ। ସବୁ ରେକର୍ଡ ଭାଙ୍ଗି ଅପମିଶ୍ରଣରେ ସବୁଠୁ ଆଗରେ ରହିଛି ଖୋର୍ଦ୍ଧା ଜିଲ୍ଲା। ତା' ପଛକୁ ସୁନ୍ଦରଗଡ଼ ଓ ଅନ୍ୟ ଜିଲ୍ଲା। ସବୁଠୁ ଚିନ୍ତାଜନକ କଥା ହେଲା, ବୌଦ୍ଧ, ଢେଙ୍କାନାଳ, ଜଗତସିଂହପୁର ଓ ମୟୂରଭଞ୍ଜରେ ବିକ୍ରି ହେଉଥିବା ହର୍ଲିକ୍ସ ବି ଅପମିଶ୍ରିତ, ଯାହାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ସାଧାରଣ ଖାଉଟି। ବଜାରରୁ କିଣୁଥିବା ଦ୍ରବ୍ୟ ଅସଲି କି ନକଲି, ଜଣେ ସାଧାରଣ ଲୋକ ଜାଣିବ କେମିତି, ତାହା ଏବେ ବଡ଼ ପ୍ରଶ୍ନ। କେଉଁଠି ନକଲି ସସ୍ ତ କେଉଁଠି ନକଲି ମସଲା ➪ପୃଷ୍ଠା-୬

## ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ବଜେଟ୍

# ଛୁଟୁଛି ସମ୍ବର୍ଦ୍ଧନାର ସୁଅ



**କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ପାଇଁ ଧନ୍ୟବାଦ**

**ଫୁଲନଖରା-ନିଆଳି ୪ ଲେନ ରାସ୍ତା ପାଇଁ କୃତଜ୍ଞତା**

**ପ୍ରଫେସନାଲ ଟ୍ୟାକ୍ସ ଉଚ୍ଛେଦ ପାଇଁ ବିଏମ୍‌ଏସ୍‌ର ଧନ୍ୟବାଦ**

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ରାଜ୍ୟ ଅତିଥି ଭବନଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀର ବାସିନ୍ଦା, କଟକ ଜିଲ୍ଲା ନିଆଳୀ ଅଞ୍ଚଳର ବାସିନ୍ଦା ଏବଂ ଭାରତୀୟ ମଜଦୂର ସଂଘର ସଦସ୍ୟମାନେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଜେଟରେ ପ୍ରତ୍ୟେକ ଅଞ୍ଚଳ ଓ ପ୍ରତ୍ୟେକ ବର୍ଗର ବିକାଶ ପାଇଁ ପ୍ରାବଧାନ କରିଥିବାରୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

୨୦୨୬-୨୭ ବଜେଟରେ କେନ୍ଦ୍ରାପଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ, ଫୁଲନଖରା-ନିଆଳି ମାଧବ ୪-ଲେନ ରାସ୍ତା ଉନ୍ନତିକରଣ ଏବଂ ଏପ୍ରିଲ ପହିଲାରୁ ପ୍ରଫେସନାଲ ଟ୍ୟାକ୍ସ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବଜେଟ ସବୁ ବର୍ଗର ଜନସାଧାରଣଙ୍କ ଆଶା, ଆକାଂକ୍ଷା ପୂରଣ କରି ରାଜ୍ୟ ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ମତ ପ୍ରକାଶ କରିଥିଲେ।

ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କହିଥିଲେ ଯେ ସ୍ୱାଧୀନତା ପରଠାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଉଚ୍ଚ ଶିକ୍ଷାର ବିକାଶ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇନଥିଲା, କିନ୍ତୁ ଏହି ବଜେଟରେ ବିଶ୍ୱବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତି ଜିଲ୍ଲାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିଛି। ସେ ଆହୁରି କହିଥିଲେ ଯେ, ବଳଦେବଜୀଉ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ କେନ୍ଦ୍ରାପଡ଼ାରେ ଜାହାଜ ନିର୍ମାଣ କାରଖାନା ସ୍ଥାପନ ପ୍ରସ୍ତାବ ଜିଲ୍ଲାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ➪ପୃଷ୍ଠା-୬

# ବିଧାନସଭାରେ ବିରୋଧୀ ଦଳରେ ଫାଟ



**ଚାଷୀ ପ୍ରସଙ୍ଗରୁ ଓହରିଲା କଂଗ୍ରେସ**

**ଆସନ ଛାଡ଼ିଲେନି ଦଳୀୟ ସଦସ୍ୟ**

**ବୁମେରାଂ ହେଲା ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ 'ଡିଭିଜନ' ପଲିସି**

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** ଗତ ୬ ଦିନ ଧରି ବିଧାନସଭା ଚାଲିପାରୁନି। ବିଜେଡି ଚାଷୀ ପ୍ରସଙ୍ଗରେ କ୍ରମାଗତ ଭାବେ ଗୃହକୁ ଅଚଳ କରୁଥିବା ବେଳେ ଆଜି କଂଗ୍ରେସ ସହ ଫାଟ ହୋଇଥିବା ଦେଖିବାକୁ ମିଳିଥିଲା। ଆଜି କଂଗ୍ରେସ ଚାଷୀ ପ୍ରସଙ୍ଗରୁ ଓହରି ଯାଇଛି। କଂଗ୍ରେସ ବିଧାୟକମାନେ ଏପଷ୍ଟିନ ଫାଇଲ, ସଂସଦରେ ରାହୁଲ ଗାନ୍ଧୀଙ୍କ ପ୍ରତି ଅପମାନଜନକ ଶବ୍ଦ ପ୍ରୟୋଗ ଏବଂ ଆମେରିକା ସହ ବାଣିଜ୍ୟ ଡିଲ ପ୍ରସଙ୍ଗକୁ ନେଇ ନାରାବାଜୀ କରିଥିଲା। ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗୃହ ମଧ୍ୟଭାଗକୁ ବ୍ୟାନର, ପୋଷ୍ଟର ଓ ପ୍ଲାକାର୍ଡ ଧରି ପ୍ରବେଶ କରିଥିଲେ। ସେପଟେ ବିଧାୟକ ଅରୁଣ ସାହୁ ଚଳଚ୍ଚିତ୍ର ଶୈଳୀରେ 'ଆକ୍ରମଣ' ବୋଲି ନାରା ଦେଇଥିଲେ। ବିଜେଡି ସହ ତାଳ ଦେଇ କଂଗ୍ରେସ ବିଧାୟକମାନେ ବି ଗୃହ ମଧ୍ୟକୁ ଆସିଥିଲେ। ହେଲେ ଆଜି କଂଗ୍ରେସ ଭିନ୍ନ ପ୍ରସଙ୍ଗରେ ନାରାବାଜୀକୁ ଓହ୍ଲାଇଥିଲା। ଆଜି କଂଗ୍ରେସ ➪ପୃଷ୍ଠା-୬

# ଭୂମିରେ ଫିଙ୍ଗାଯିବନି କାଗଜ ତ୍ରିରଙ୍ଗା

**ମର୍ଯ୍ୟାଦାର ସହ ବ୍ୟବହାରକାରୀ ନଷ୍ଟ କରିବେ**

**ଜାତୀୟ ସମ୍ମାନର ବିଭିନ୍ନ ସ୍ତରରେ ସଚେତନତା ଅଭାବ**

**ସାନି ନିର୍ଦ୍ଦେଶନାମା ଜାରି କଲେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ**

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜାତୀୟ ପତାକାର ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। 'ଜାତୀୟ ସମ୍ମାନର ଅପମାନ ନିବାରଣ ଆଇନ, ୧୯୭୧' ଏବଂ 'ଭାରତୀୟ ଜାତୀୟ ପତାକା ସଂହିତା, ୨୦୦୨ରେ ଜାତୀୟ ପତାକାର ବ୍ୟବହାର, ଉତ୍ତୋଳନ ଓ ପ୍ରଦର୍ଶନକୁ ନିୟନ୍ତ୍ରଣ କରାଯାଇଛି। ସଂଶୋଧିତ ଆଇନ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଜାତୀୟ, ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜନତା କାଗଜରେ ତିଆରି ଜାତୀୟ ପତାକା ➪ପୃଷ୍ଠା-୬

# ରାଜ୍ୟରେ ଅପରାଧ ଗ୍ରାଫ ତଳମୁହାଁ

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଦେଖାଦେଇଥିବା ବେଳେ ଅପରାଧିକ ଘଟଣା ଯଥେଷ୍ଟ ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଦୁଷ୍କର୍ମ ମାମଲା ହ୍ରାସ ପାଇଥିବା ଆଜି ବିଧାନସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୨୦୨୩ ଫେବ୍ରୁଆରୀରୁ ୨୦୨୪ ଜୁନ୍ ତୁଳନାରେ ୨୦୨୪ ଜୁଲାଇରୁ ୨୦୨୫ ଡିସେମ୍ବର ମଧ୍ୟରେ ସାମଗ୍ରିକ ଅପରାଧ ହାର ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ଅପରାଧର ଅନେକ ପ୍ରମୁଖ ବର୍ଗରେ ହ୍ରାସ ଦେଖାଦେଇଛି। ଦୁଷ୍କର୍ମ ମାମଲା ୩.୫ ପ୍ରତିଶତ ହ୍ରାସ ପାଇଥିବା ବେଳେ ଅସଦାଚରଣ ମାମଲା ୨.୨ ପ୍ରତିଶତ ହ୍ରାସ ପାଇଛି ଏବଂ ସାର୍ବଜନୀନ ସ୍ଥାନରେ ମହିଳାମାନଙ୍କୁ ଦୁର୍ବ୍ୟବହାର ୨୬.୮ ପ୍ରତିଶତ କମିଛି। ସେହିପରି ଯୌତୁକ ମୃତ୍ୟୁ ମାମଲା ୮.୩ ପ୍ରତିଶତ, ମହିଳାଙ୍କ ବିରୁଦ୍ଧରେ ଏସିଡ୍ ଆକ୍ରମଣ ମାମଲା ୭୩.୩ ପ୍ରତିଶତ, ଅଣଯୌତୁକ ନିର୍ଯାତନା ମାମଲା ୧.୬ ପ୍ରତିଶତ ଓ ହତ୍ୟା ମାମଲା ୭.୪ ପ୍ରତିଶତ ହ୍ରାସ ପାଇଛି। ସେହିପରି ମହିଳା ହିଂସା ମାମଲା ସାମଗ୍ରିକ ଭାବେ ପ୍ରାୟତଃ ସ୍ଥିର ରହିଛି।

୨୦୨୫ ପାଇଁ ମହିଳା ବିରୋଧୀ ଅପରାଧର ବିସ୍ତୃତ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ରାଜ୍ୟରେ ୨,୯୯୪ଟି ଦୁଷ୍କର୍ମ ମାମଲା, ୧୧୫ଟି ଦୁଷ୍କର୍ମ ଉଦ୍ୟମ, ୭,୩୭୮ଟି ମହିଳା ଅପହରଣ, ୪୪୦ଟି ମହିଳା ଚାଲାଣ, ୭,୩୮୨ଟି ଅସଦାଚରଣ ମାମଲା, ୧,୧୮୩ଟି ଯୌନ ନିର୍ଯାତନା, ୧,୪୪୮ଟି ସାର୍ବଜନୀନ ସ୍ଥାନରେ ନିର୍ଯାତନା, ୪୮୫ଟି ପିଛା କରିବା, ଗୋଟିଏ ଏସିଡ୍ ଆକ୍ରମଣ ପ୍ରୟାସ, ୧୧୧ଟି ଅତିରିକ୍ତ ମାନବ ଚାଲାଣ ସମ୍ବନ୍ଧୀୟ ମାମଲା, ୭୫୭ଟି ଅଶ୍ଳୀଳ ଇଙ୍ଗିତ, ୧୪୫ଟି ଯୌତୁକ ସମ୍ବନ୍ଧୀୟ ପୋଡ଼ି ମାରିବା ମାମଲା, ୭୭ଟି ଯୌତୁକ ସମ୍ବନ୍ଧୀୟ ଆତ୍ମହତ୍ୟା, ୪,୩୬୧ଟି ଯୌତୁକ ନିର୍ଯାତନା ମାମଲା ଏବଂ ୫,୪୧୯ଟି ଘରୋଇ ହିଂସା ମାମଲା ରେକର୍ଡ ➪ପୃଷ୍ଠା-୬

## 'ଦି ଟିଚର୍ ଆପ୍ ୨.୦' ଲୋକାର୍ପିତ

# ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନକୁ ସହଜ କରିବ ଏଆଇ : ଧର୍ମେନ୍ଦ୍ର

**ଶିକ୍ଷକଙ୍କ ପାଇଁ ଡିଜିଟାଲ୍ ସହଯୋଗୀ ଭାବେ କାର୍ଯ୍ୟ କରିବ**




**ନୂଆଦିଲ୍ଲୀ, ୨୩।୨ :** ଭାରତର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସମୃଦ୍ଧ ଓ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତୀ ଏୟାରଟେଲ୍ ଫାଉଣ୍ଡେସନ୍‌ର ଏକ ଅଭିନବ ପ୍ରୟାସ 'ଦି ଟିଚର୍ ଆପ୍ ୨.୦'ର ଶୁଭାରମ୍ଭ କରିଛନ୍ତି। ଏହି ଏଆଇଚାଳିତ ଆପ୍ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ପାଇଁ ଏକ ସଶକ୍ତ ମାଧ୍ୟମ ଯୋଗାଇଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ଏହି ଏଆଇ-ଚାଳିତ ଡିଜିଟାଲ୍ ସହଯୋଗୀ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ଉପକରଣ, ଗୁଣାତ୍ମକ ବିଷୟବସ୍ତୁ ଓ ଡ୍ୟାସବୋର୍ଡ ଯୋଗାଇଦେବ, ଯାହା ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆକର୍ଷଣୀୟ କରିବାରେ ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ଏଭଳି ପଦକ୍ଷେପ ଶିକ୍ଷକମାନଙ୍କୁ ସଶକ୍ତ କରିବା ସହ ଆମ ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ଅଧିକ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିବା ସହ ଭାରତୀ ଏୟାରଟେଲ୍ ଫାଉଣ୍ଡେସନ୍ ଓ ସିକେ-୧୨ ଫାଉଣ୍ଡେସନକୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଭାରତ ସଫଳତାର ସହ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ସମ୍ପନ୍ନ କରିଛି ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଜି ଜୀବନର ପ୍ରତିଟି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଜାତୀୟ ଶିକ୍ଷା ନୀତି-୨୦୨୦ର ଆଭିମୁଖ୍ୟ ଅନୁଯାୟୀ, ଶିକ୍ଷା ବ୍ୟବସ୍ଥାରେ ଏଆଇ ଭଳି ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ରକ୍ଷା କରିବା ପାଇଁ ସରକାର ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ 'ଦି ଟିଚର୍ ଆପ୍ ୨.୦' ଦେଶରେ ଚାଲିଥିବା ଏଆଇ ବିପ୍ଳବକୁ ଅଧିକ ଗତିଶୀଳ କରିବ। ଯଦି ଏଆଇକୁ ସଠିକ୍ ଭାବେ ➪ପୃଷ୍ଠା-୬

# ମାର୍ଚ୍ଚ ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** ସରକାରୀ ଚାକିରିଆ ଅଦ୍ୟାବଧି ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ସେମାନେ ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୁପ-ଏ'ଠାରୁ ଆରମ୍ଭ କରି ଗ୍ରୁପ୍-ଡି' ପର୍ଯ୍ୟନ୍ତ ସମସ୍ତଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପତ୍ତି ତାଲିକା ଦାଖଲ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ସରକାରୀ ବିଭାଗ, ଆର୍‌ଡିସି, ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅପଲୋଡ୍ କରିବାକୁ ସରକାରୀ ଚାକିରିଆଙ୍କୁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଗ୍ରୁପ-ଏ'ଠାରୁ ଆରମ୍ଭ କରି ଗ୍ରୁପ୍-ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ ଚାକିରିଆ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ➪ପୃଷ୍ଠା-୬

# ତାରା ତାରିଣୀରୁ ଉଡ଼ିଲା ପବନହଂସ




**ହେଲିଟ୍ୟାକ୍ସି ସୁବିଧାର ଶୁଭାରମ୍ଭ**

**ପୁରୁଷୋତ୍ତମପୁର, ୨୩।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗଞ୍ଜାମ ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଆଣିବା ସହ ପର୍ଯ୍ୟଟକଙ୍କ ସୁବିଧା ଲାଗି ହେଲିଟ୍ୟାକ୍ସି ସେବା ଯୋଜନା ହାତକୁ ନେଇଛନ୍ତି। ଏନ୍‌ଜୟ ରାଇଡ୍ ନାମକ ଏହି ହେଲି ଟ୍ୟାକ୍ସି ସେବା ଆରମ୍ଭ ହୋଇଛି। ଏହା ରଙ୍ଗେଇଲୁଣ୍ଡା ବିମାନଘାଟିରୁ ଉଡ଼ାଣ ଭରି ଧବଳେଶ୍ୱର ଦେଇ ତାରାତାରିଣୀରେ ପହଞ୍ଚିବ। ଏହି ସମୟରେ ଲୋକେ ଆକାଶ ମାର୍ଗରୁ ତାରା ତାରିଣୀ ମନ୍ଦିରର ମଜା ନେଇପାରିବେ। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି ସେବା ଆରମ୍ଭ ହୋଇଥିବା ବେଳେ ହେଲିକପ୍ଟର ପବନ ହଂସର ଆଜି ସଫଳତାର ସହ ପରୀକ୍ଷଣ ସରିଛି। ପବନହଂସ ଭୁବନେଶ୍ୱରରୁ ସିଧା ତାରାତାରିଣୀ ଆସି ସେଠାରୁ ରଙ୍ଗେଇଲୁଣ୍ଡା ହେଲିଷ୍ଟ୍ରିପ୍‌କୁ ଯାଇଛି। ଏହି ସମୟରେ ପୁରୁଷୋତ୍ତମପୁର ଥାନା ଆଇଆଇସି ରାଜେଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ➪ପୃଷ୍ଠା-୬


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବିଜେପିକୁ ବାଟ ଛାଡ଼ିବା ସପକ୍ଷରେ ନାହିଁ ବିଜେଡି



**ଅରୁଣ, ଗଣେଶ୍ୱର ଦେଲେ ସଙ୍କେତ**

**ପରିସ୍ଥିତି ଉପରେ କଂଗ୍ରେସର ନଜର**

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** ରାଜ୍ୟସଭା ନିର୍ବାଚନରେ ବିଜେପିକୁ ସହଜରେ ବାଟ ଛାଡ଼ିବାକୁ ରାଜି ନୁହନ୍ତି ବିଜେଡିର ବରିଷ୍ଠ ନେତା। ଦଳପତି କିଛି ସଙ୍କେତ ଦେବା ପୂର୍ବରୁ ଆଜି ଚତୁର୍ଥ ଆସନ ନେଇ ମତ ରଖିଛନ୍ତି ବିଜେଡିର ବରିଷ୍ଠ ନେତା ଡକ୍ଟର ଅରୁଣ କୁମାର ସାହୁ। ଅରୁଣଙ୍କ ସ୍ୱରରେ ସ୍ୱର ମିଳାଇଛନ୍ତି ଅନ୍ୟତମ ବରିଷ୍ଠ ନେତା ଗଣେଶ୍ୱର ବେହେରା।

ସଂସଦରେ ଓଡ଼ିଶା ବିଜେପିର ସାଂସଦମାନେ ରାଜ୍ୟ ପାଇଁ ପାଟି ଖୋଲୁ ନ ଥିବାରୁ ୨ଟି ଆସନରୁ ଅଧିକ ସିଟରେ ବିଜେପି ଜିତିବା ଉଚିତ ନୁହେଁ ବୋଲି ଶ୍ରୀ ସାହୁ କହିଛନ୍ତି । ସେ କହିଛନ୍ତି ଯେ ସଂଖ୍ୟା ନ ଥାଇ ବିଜେପି ୩ଟି ଆସନ ହାତେଇବା ଅତ୍ୟନ୍ତ ହାସ୍ୟାସ୍ପଦ କଥା। ତାଙ୍କ ଯୁକ୍ତି ହେଉଛି ବିଜେପିର ଯେତେ କମ୍ ସାଂସଦ ଦିଲ୍ଲୀ ଯିବେ ସେତେ ଭଲ। ଏହାକୁ ବ୍ୟକ୍ତିଗତ ମତ ବୋଲି ଦର୍ଶାଇ ଶ୍ରୀ ସାହୁ କହିଛନ୍ତି ସେମାନେ ଦିଲ୍ଲୀ ଯାଇ କେବଳ ଚୁପ୍ ହୋଇ ବସୁଛନ୍ତି। ଦିଲ୍ଲୀରେ ତାଙ୍କ ସରକାର ଥିବାରୁ ପାଟି ଖୋଲୁ ନାହାନ୍ତି। ତେବେ ବିଜେଡି ରାଜ୍ୟସଭା ପାଇଁ କି ପଦେକ୍ଷପ ନେବ, ତାହା ଦଳର ଶୀର୍ଷ ନେତୃତ୍ୱ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଯେ ଆସନ୍ତା ଏପ୍ରିଲରେ ହେବାକୁ ଯାଉଥିବା ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନରେ ୨ଟି ଆସନରେ ବିଜେପି ଓ ଗୋଟିଏ ଆସନ ବିଜେଡି ହାତେଇବା ନିଶ୍ଚିତ। ଚତୁର୍ଥ ଆସନ ପାଇଁ ବିଜେଡି କିଙ୍ଗ ମେକର ସାଜିବ। ରାଜ୍ୟସଭାର ଚତୁର୍ଥ ଆସନ କାହାର ହେବ, ତା'କୁ ନେଇ ସସପେନ୍ସ ଜାରି ରହିଥିବା ବେଳେ ୩ ପ୍ରମୁଖ ରାଜନୈତିକ ଦଳ ଅଙ୍କ କଷିବାରେ ଲାଗିଛନ୍ତି। ବରିଷ୍ଠ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ବିଜେପି ଗୋଟିଏ ସିଟ ନିଶ୍ଚିତ ଜିତିବା ପରେ ବଳକା ଭୋଟ ନେଇ ଦଳ ବିଚାରବିମର୍ଶ କରୁଛି।

ହଠାତ୍ ବିଜେଡିର ଦୁଇ ଦୁଇ ଜଣ ବରିଷ୍ଠ ନେତା ଏଭଳି ମନ୍ତବ୍ୟ ଦେବା ପରେ ରାଜ୍ୟସଭା ନିର୍ବାଚନ ସହ ବିଜେଡି ରାଜନୀତି ମଧ୍ୟ ଜୋର ଧରିଛି। କ'ଣ ପାଇଁ ଅରୁଣ ମୁହଁ ଖୋଲିଲେ, ତା'କୁ ନେଇ ଅଙ୍କକଷା ଚାଲିଛି। ଏହାକୁ ନେଇ ଦଳରେ ତର୍ଜମା ଆରମ୍ଭ ହୋଇଥିବା ବେଳେ ବିଜେଡି ଚତୁର୍ଥ ପ୍ରାର୍ଥୀ ଦେବ ନା ବଳକା ଭୋଟ୍‌କୁ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଦେଇଦେବ, ତା' ବଡ଼ ପ୍ରଶ୍ନବାଚୀ ହୋଇଛି।

ଅନ୍ୟ ପକ୍ଷରେ ପୂର୍ବରୁ ପ୍ରାର୍ଥୀ ଦେବା ପାଇଁ ଘୋଷଣା କରିଥିବା କଂଗ୍ରେସ ଏବେ ବିଜେଡିର ଏଭଳି ବୟାନବାଜି ଉପରେ ନଜର ରଖିଛି। କାରଣ ହାତରେ ମାତ୍ର ୧୪ ଜଣ ବିଧାୟକ ରହିଥିବାରୁ କ୍ରସ ଭୋଟିଂକୁ ➪ପୃଷ୍ଠା-୬

# ଦାତବ୍ୟ ଚିକିତ୍ସାଳୟ ପାଇଁ ଭୂମି ପୂଜନ

**କେନ୍ଦ୍ରାପଡା, ୨୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅଧିନ ଦାନପୁର ପଂଚାୟତର ରଜାଙ୍ଗ ଠାରେ ବହୁ ପ୍ରତିକ୍ଷିତ ସାଇ ଆରୋଗ୍ୟ ସୁପର ସ୍ପେଶିଆଲିଟି ଦାତବ୍ୟ ଚିକିତ୍ସାଳୟର ଭୂମି ପୂଜନ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା

**ବର୍ଷକ ଭିତରେ ସରିବ କାମ, ମିଳିବ ମାଗଣା ଚିକିତ୍ସା**




ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ଶ୍ରୀ ଶ୍ରୀ ଭଗବାନ ସତ୍ୟସାଇ ସେବା ସଂସ୍ଥାର ମୁଖ୍ୟ ସ୍ୱାମୀ ମଧୁସୂଦନ ସାଇ, ଜିଲ୍ଲାପାଳ ଆର ରଘୁରାମ ଆୟାର, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖଙ୍କ କରକମଳ ରେ ଏହି ଦାତବ୍ୟ ଚିକିତ୍ସାଳୟ ର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି।

ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ସେବା ସଂସ୍ଥାର ମୁଖ୍ୟ ସ୍ୱାମୀ ମଧୁସୂଦନ ସାଇ ଜନ ସାଧାରଣଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଏହି ଚିକିତ୍ସାଳୟ ୧ ବର୍ଷ ଭିତରେ ସଂପୂର୍ଣ୍ଣ କରାଯିବ । ଏଠାରେ ସମସ୍ତ ଉନ୍ନତ ଧରଣର ଚିକିତ୍ସା, ଅପରେଶନ ସଂପୂର୍ଣ୍ଣ ମାଗଣାରେ ବିଶେଷଜ୍ଞ ଚିକିତ୍ସକ ମାନଙ୍କ ଦ୍ୱାରା କରାଯିବାର ନିଷ୍ପତି ନିଆଯାଇଛି । ଏଠାରେ କୌଣସି କ୍ୟାସ କାଉଣ୍ଟର ରହିବ ନାହିଁ, କିମ୍ବା କୌଣସି ପ୍ରକାର ଟଙ୍କା ପାଇସାର ଲେଣ ଦେଣ କାରବାର କରାଯିବ ନାହିଁ ଯେକୌଣସି ଧର୍ମ, ବର୍ଣ୍ଣ, ଜାତି ଓ ଧନୀ ଗରିବ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବରେ ଚିକିତ୍ସା ଉପଲବ୍ଧ ହେବ । ଏହି ହସପିଟାଲ ନିର୍ମାଣ ଦାୟିତ୍ୱରେ ସତ୍ୟସାଇ ସେବା ସଂସ୍ଥାର ଭରତ କୁମାର ଜୀ ସାଇ, ଶୁଭଜିତ ରାୟ ମୁଖାର୍ଜୀ ଓ କୃଷ୍ଣ ମୋହନ ଜୀ ସାଇ ପ୍ରମୁଖ ଦାୟିତ୍ୱରେ ଅଛନ୍ତି ବୋଲି ଘୋଷଣା କରା ଯାଇଥିଲା ।

ଏ ଅବସର ରେ ସାଂସଦ ଶ୍ରୀ ପଣ୍ଡା, ଜିଲ୍ଲାର ବିକାଶ ଉପରେ ଆଲୋକପାତ କରିବା ସହ ଚିକିତ୍ସାଳୟ ପାଇଁ ଜାଗା ଯୋଗାଇ ଦେଇ ଥିବାରୁ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଡ଼ଃ ନାୟକ ବକ୍ତବ୍ୟ ରଖିଥିବା ବେଳେ ବରିଷ୍ଠ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ, କଳ୍ପନା ମଲିକ, ତେଜେସ୍ୱର ପରିଡ଼ା, ଉମାକାନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଣ୍ଡା, ଲଳିତ ବେହେରାଓ ବିକ୍ରମ ରାଉତରାୟ ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ବହୁ ବିଜେପି ନେତା, ନେତ୍ରୀଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ଜନ ସାଧାରଣ, ମହିଳା ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଲେ ବିଜେପି ନାରୀନେତ୍ରୀ



**କେନ୍ଦ୍ରାପଡା, ୨୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ବିକାଶର ନୂତନ ଧାରା ଆରମ୍ଭ ହେବାକୁ ଯାଉଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱାଧୀନ ବିଜେପି ପରିଚାଳିତ ରାଜ୍ୟ ସରକାର ଜିଲ୍ଲାର ବିକାଶ ପାଇଁ ବହୁମୁଖୀ ଯୋଜନା କାର୍ଯ୍ୟାନ୍ୱୟନ କରିଥିବା ବେଳେ ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ବଜେଟରେ ମଧ୍ୟ ଅର୍ଥ ଅନୁଦାନ ପ୍ରାବଧ୍ୟାନ ରଖା ଯାଇଥିବା ଘୋଷଣା ହେବପରେ ସବୁ ମହଲରେ ଆନନ୍ଦ ଖେଳି ଯାଇଛି ।

କେନ୍ଦ୍ରାପଡା ରେ ନୂତନ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା, ଶ୍ରୀ ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକାରୀ କରିବା, ମହାକାଳପଡା ରେ ମହାନଦୀ ମୁହାଣରେ ନଦୀ ଭୀତିକ ବନ୍ଦର ସହ ଜାହାଜ ତିଆରି କାରଖାନା ସ୍ଥାପନ କରିବା ଓ ୧୦୦ ଶଯ୍ୟା ବିଶିଷ୍ଟ ଦାତବ୍ୟ ଚିକିତ୍ସାଳୟ ସ୍ଥାପନ ପାଇଁ ସରକାରୀ ଭୂମି ଯୋଗାଇଦେବା ଏବଂ ସେଥିରେ ଭୂମି ପୂଜନ କାର୍ଯ୍ୟକ୍ରମ ସରିଥିବା ଅବସରରେ ବିଜେପି ପକ୍ଷରୁ ମାନବ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି ।

ମାହାକଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ନେତୃତ୍ୱରେ ଓ ବରିଷ୍ଠ ନାରୀନେତ୍ରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନାଙ୍କ ସଂଯୋଜନା ରେ ଶତାଧିକ ବିଜେପି ନାରୀନେତ୍ରୀ ଓ କର୍ମକର୍ତା ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗଭୀର କୃତଜ୍ଞତା ଜ୍ଞାପନ କରିବା ସହ ପୁଷ୍ପଗୁଚ୍ଛ, ଉତରୀୟ ଓ ଶ୍ରୀ ବଳଦେବଜୀଉଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

## ଓଲଟିଲା ହାଇୱା ଓ କାର, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର



**କେନ୍ଦ୍ରାପଡା, ୨୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପଂଚାୟତ ର କଂସାର ଗଡା ନିକଟରେ ଏକ କାର ଭାରସାମ୍ୟ ହରାଇ କେନାଲ ଭିତରକୁ ଓଲଟି ଯାଇଥିଲା। କାର୍ ଭିତରେ ବସିଥିବା ଡ୍ରାଇଭର ଓ ଅନ୍ୟ ଲୋକ ମାନଙ୍କୁ ସ୍ଥାନୀୟ ଲୋକେ କାର କବାଟ ଡାଡି ବାହାର କରିଥିଲେ । ତେବେ ଏଥିରେ କାହାର ବିଶେଷ କ୍ଷତି ହୋଇନାହିଁ । ସେହିପରି କେନ୍ଦ୍ରାପଡା ବ୍ଲକ ନିକଟରେ ଏକ ୧୨ ଚକିଆ ହାଇୱା ବାଲିନେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ବଡ ଚାଖୁଣ୍ଡା ଗଛରେ ବାଡେଇ ହୋଇ ରାସ୍ତା କଡରେ ଓଲଟି ଯାଇଥିଲା । ଡ୍ରାଇଭର ଗୁରୁତର ଆହତ ହୋଇ ଡାକ୍ତରଖାନା ରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଘଟଣାସ୍ଥଳରେ ପୁଲିସ ପହଁଚି ତଦନ୍ତ କରୁଥିବା ଜଣାପଡିଛି ।

## ଗୋଷ୍ଠୀ ସଂଘର୍ଷରେ ବୃଦ୍ଧା ମୃତ, ୨ ଗୁରୁତର; ଗାଁରେ ଚାପା ଉତ୍ତେଜନା



**ଯାଜପୁର, ୨୩।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଶୋଲେଇ ଗାଁ କୁମାରସାହିରେ ଗତକାଲି ରାତିରେ ଗୋଷ୍ଠୀ ସଂଘର୍ଷରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ବୃଦ୍ଧା ଜେମା ଆଳଦା। ଗୁରୁତର ଦ୍ୱୟ ହେଲେ ରଘୁ ଆଳଦା ଓ ସୀତାରାମ ଆଳଦା। ଏ ସମ୍ପର୍କରେ ଜେମାର ପୁଅ ମାରା ଓରଫ ଲାଲସିଂ ଆଳଦା ଯାଜପୁର ରୋଡ଼ ଥାନାରେ ଅଭିଯୋଗ କରିଛି। ପୁଲିସ କେସ ନଂ ୧୩୪/୨୦୨୬ରେ ମାମଲା ରୁଜୁ କରିଛି । ଏହିଁ ଘଟଣାରେ ପୋଲିସ ୬ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହେଲେ ଯାଜପୁରରୋଡ଼ ଥାନା କୁଟୁରା ବାନରାଙ୍କ ପୁଅ ରବି ବାନରା (୨୦), କୁଟୁରା ବାନାରାଙ୍କ ପୁଅ ଟୁରୁ ବାନାରା (୧୮), ଯୁକୁଡୁ ବାନାରାଙ୍କ ପୁଅ ଦାଶିଆ ବାନାରା (୨୬), ଯୁକୁଡୁ ବାନାରଙ୍କ ପୁଅ ଜଗନ୍ନାଥ ବାନାରା (୨୨), ନବୀନ ବାନରାଙ୍କ ପୁଅ ସରୋଜ ବାନରା (୨୫) ଓ ବାଞ୍ଛା ବାନରାଙ୍କ ପୁଅ ଜଗନ୍ନାଥ ବାନାରା (୨୨)। ତେବେ ବୃଦ୍ଧା ଜେମା ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଗୋଷ୍ଠୀ ସଂଘର୍ଷରେ ତାଙ୍କୁ ତଳେ ପକାଇ ମାଡ଼ ମାରିବାରୁ ମୃତ୍ୟୁ ଘଟିଲା ବୋଲି ତଦନ୍ତରେ ସୁରାକ ମିଳିଛି। ମୋବାଇଲ ଛଡାଇବାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଥିବା କୁହାଯାଉଛି। ଏହିଁ ଘଟଣାକୁ ନେଇ ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିଲା।

## ବିବାହ ଶୋଭାଯାତ୍ରା ବେଳେ ବରଯାତ୍ରୀଙ୍କୁ ଆକ୍ରମଣ, ୧୫ ଆହତ

**ପଟ୍ଟାମୁଣ୍ଡାଇ, ୨୩।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଲୁରିଆ ଠାରେ ଗତକାଲି ଏକ ବିବାହ ଶୋଭାଯାତ୍ରା ଚାଲିଥିବାବେଳେ କିଛି ଅଜଣା ଯୁବକ ଅତର୍କିତ ଭାବେ ବର ଯାତ୍ରୀଙ୍କ ଉପରେ ଆକ୍ରମଣ କରିବା ଘଟଣା ସାଧାରଣରେ ଉତ୍ତେଜନା ସୃଷ୍ଟି କରିଛି। ଏହି ଆକ୍ରମଣରେ ୧୫ରୁ ଉର୍ଦ୍ଧ ବରଯାତ୍ରୀ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ଅଭିଯୁକ୍ତଙ୍କ ଗିରଫ ଦାବିରେ ସ୍ଥାନୀୟ ଲୋକମାନେ ରାସ୍ତାରୋକ କରିଥିଲେ। ପଟ୍ଟାମୁଣ୍ଡାଇ ପୁଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ସ୍ଥାନୀୟ ପୁଲିସ ଗତକାଲି ଓ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତ ଗିରଫ ହୋଇନାହାନ୍ତି। ଖୁବ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି।

## ଜମିରେ ଦୁର୍ବୃତ୍ତ ଲଗାଇଲେ ନିଆଁ, ନାକେଦମ ଅଗ୍ନିଶମ ବାହିନୀ



**ରାଜକନିକା, ୨୩।୨ (ସଂଚାର ବ୍ୟୁରୋ):** ଜନବସତି ପାଖ ଚାଷ ଜମିରେ ନିଆଁ ଲଗେଇ ଦେଲେ ଦୁର୍ବୃତ୍ତ । ଚାହୁଁ ଚାହୁଁ ଜମି ଛାଡି ଜନବସତି ମୁହାଁ ହେଲା । ଆତଙ୍କିତ ହୋଇ ପଡିଲେ ୧୦ ପରିବାର। ଶେଷରେ ଅଗ୍ନୀଶମ ବାହିନୀର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁ ଆୟତ୍ତ ହେଲା। ଅଳ୍ପକେ ବର୍ତ୍ତିଗଲେ ଗ୍ରାମବାସୀ । ଘଟଣାଟି ଘଟିଛି ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ଉପାନ୍ତ ପଙ୍କି ଗାଁରେ। ଆଜି ଅପରାହ୍ନ ଦୁଇଟା ସମୟରେ ଜନବସତିକୁ ଲାଗି ରହିଥିବା ଚାଷ ଜମିରେ ହଠାତ୍ ହୁତୁହୁତୁ ହୋଇ ଜଳୁଥିବାର ଲୋକେ ଦେଖି ଥିଲେ। ନିରୋଳା ନିଛାଟିଆ ସମୟରେ କେହି ଦୁର୍ବୃତ୍ତ ଏଭଳି କାଣ୍ଡ କରି ଥିବାର ଅନୁମାନ କରା ଯାଉଛି। ନିଆଁର ପ୍ରକୋପ ଏତେ ଥିଲା ଯେ ପବନ ସାଥିରେ ନିଆଁ ଜନବସତି ଆଡକୁ ଏତେ ଜୋରରେ ମାଡି ଆସୁଥିବାର ଦେଖି ପ୍ରଥମେ ସେଇ ଗ୍ରାମର ଚାଷୀ ଅଶୋକ ବିଶ୍ୱାଳ ପ୍ରଥମେ ଦମକଳକୁ ଖବର ଦେଇଥିଲେ। ଯେହେତୁ ମେସିନ୍ ଯୋଗେ ଧାନ କଟା ପରେ ଚାଷ ଜମିରେ ବହଳ ବହଳ ନଡା ପଡି ରହିଛି । ସେଥିରେ କେହି ଅଗ୍ନୀ ସଂଯୋଗ କରିଥିବାରୁ ଏଭଳି ଅଘଟଣ ଆଶଙ୍କା କରାଯାଉଛି।

# ଦୁହୁରିଆ ଅଣଓସାରିଆ ପୋଲ ସମ୍ପର୍କରେ ରାଜ୍ୟପାଳଙ୍କ ରିପୋର୍ଟ ତଲବ

**ରାଜ୍ୟପାଳଙ୍କ ହସ୍ତକ୍ଷେପରେ ଦୁହୁରିଆରେ ୨ୟ ପୋଲ ନିର୍ମାଣ ସମ୍ଭବ**

**କେନ୍ଦ୍ରାପଡ଼ା, ୨୩।୨ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ- ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ ସମୟରେ ୨୦୧୩ ମସିହାରେ ନିର୍ମାଣ କରାଯାଇଥିବା ଦୁହୁରିଆ ପୋଲକୁ ୩ମାସ କାଳ ଲାଗି ଭଙ୍ଗାଯାଇ ଏଠାରେ ଜଗତପୁର ଗୋଲେଇଛକ ଷ୍ଟାଇଲରେ ୨ଟି ପୋଲ ବିଶିଷ୍ଟ କରାଯିବା ପାଇଁ ନିଷ୍ପି ଗ୍ରହଣ କରାଯାଇଥିଲା। ମାତ୍ର ଦୁଃଖର କଥା ଯେତିକି ଓସାରର ପୋଲ ଭଙ୍ଗାଗଲା ତାକୁ ଚଉଡା କରାନଯାଇ ମାତ୍ର ଏକ ମିଟର ଅଧିକ ଚଉଡା କରାଯାଇ ନିର୍ମାଣ କରାଗଲା। ଏହାପୂର୍ବରୁ କଟକ-ଚାନ୍ଦବାଲି ରାସ୍ତା ୪ଲେନ ବିଶିଷ୍ଟ ହେବାକୁ ସମସ୍ତ ପ୍ରକାର କାଗଜପତ୍ର ଚୁଡାନ୍ତ କରାଯାଇଥିବା ବେଳେ କଟକ-ଚାନ୍ଦବାଲି ରାସ୍ତାର ମାଲିକ ତଥା କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନର ଅଧୀକ୍ଷଣଯନ୍ତ୍ରୀଙ୍କ କୌଣସି ମତାମତ ବା ସହଯୋଗ ନିଆଯାଇନଥିଲା।

ଏହି ଛକ ଜିଲ୍ଲାର ଚଉମୁହାଣ ହୋଇଥିବା ବେଳେ ଜଗତସିଂହପୁର, ଯାଜପୁର, କଟକ ଓ ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାର କୋଣଅନୁକୋଣକୁ ସଂଯୋଗ କରୁଅଛି । ଏହା ଏତେ ଛୋଟ କରି ନିର୍ମାଣ କରାଯାଇ ଥିବାରୁ ସେଠାରେ ପୂର୍ବପରି ଶହ ଶହ ଦୁର୍ଘଟଣା ହୋଇ ବହୁ ଧନଜୀବନ ନଷ୍ଟ ହେଉଛି । ଏହାକୁ ପ୍ରତିବାଦ କରି କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ପରିଷଦ ଓ କେନ୍ଦ୍ରାପଡା ନାଗରିକ ସୁରକ୍ଷା ମର ସଭାପତି ଆଇନଜୀବୀ ବିଜୟ ପରିଡା, ନାଗରିକ ସୁରକ୍ଷା ମର ଆବାହକ ସନାତନ ମୁଦୁଲି, ନୟନବିହାର ଉନ୍ନୟନ ସମିତିର ସଭାପତି ସୁଶିଲ ସାମଲ ଓ ଶ୍ରୀ ଶ୍ରୀ ଶୁଭଲକ୍ଷ୍ମୀ କ୍ରସିଙ୍ଗ ବଜାର ବ୍ୟବସାୟୀ ସଙ୍ଘ ସଭାପତି କ୍ଷେତ୍ରବାସୀ ସାହୁ କେନ୍ଦ୍ରାପଡା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଗିରିଧାରୀ ପଟ୍ଟନାୟକ ପ୍ରମୁଖ ରାଜ୍ୟ ଓ କେନ୍ଦ୍ରର ବିଭିନ୍ନ ପଦାଧିକାରୀମାନଙ୍କୁ ସାକ୍ଷାତକରି ଦୁହୁରିଆ ଛକରେ ଏକ ବୃହତ ଗୋଲେଇଛକ ଓ ୨ଟି ବୃହତ ପୋଲ ନିର୍ମାଣ କରାଯିବାକୁ ଦାବି ଜଣାଇଥିଲେ । ଏଥିସହିତ ଓଡିଶାର ରାଜ୍ୟପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ ।

ରାଜ୍ୟପାଳ ସେହି ଦାବିପତ୍ର ଉପରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଏକ ରିପୋର୍ଟ ତଲବ କରିଛନ୍ତି। ଜିଲ୍ଲାପାଳ ରାଜ୍ୟପାଳଙ୍କ ନିର୍ଦ୍ଦେଶ ପାଇବା ପରେ ପୂର୍ତ୍ତ ଡିଭିଜନର ଅଧୀକ୍ଷଣଯନ୍ତ୍ରୀଙ୍କୁ ଦୁହୁରିଆ ଠାରେ ନିର୍ମାଣାଧିନ ଅଣଓସାରିଆ ପୋଲ(ଓଭରବ୍ରିଜ) ସମ୍ପର୍କରେ ଏକ ସବିଶେଷ ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଜଣାପଡିବା ପରେ ଦୁହୁରିଆରେ ନିର୍ମାଣାଧିନ ପୋଲ ନୂଆ ରୂପରେଖ ପାଇବାର ସମ୍ଭାବନା ଉଜ୍ଜ୍ୱଳ ହୋଇ ଉଠିଛି । ଏସମ୍ପର୍କରେ ଆଇନଜୀବୀ ଶ୍ରୀ ପରିଡା କହିଛନ୍ତି ଯେ ପର୍ଯ୍ୟନ୍ତ ଦୁହୁରିଆରେ ୨ଟି ବଡ ଓଭରବ୍ରିଜ ଓ ଗୋଲେଇଛକ ବାଇପାସ ନିର୍ମାଣ ନହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ।

# ମଣ୍ଡିରୁ ଉଠୁନି ଧାନ: ଚାଷୀ ହତାଶ, ସରିଲାଣି ଟୋକନ ଅବଧି

**କେନ୍ଦ୍ରାପଡା, ୨୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୨୧ଗୋଟି କୃଷି ସମବାୟ ସମିତି ମଧ୍ୟରୁ ମାତ୍ର ୮-୧୦ଟି ମଣ୍ଡିରେ ଧାନ କିଣା ଠିକ ଭାବରେ ଚାଲିଥିବା ବେଳେ ଅଧିକାଂଶ ମଣ୍ଡିରେ ମିଲର ଧାନ ନେଉ ନଥିବା ଫଳରେ ଚାଷୀମାନେ ହତାଶ ହୋଇ ବସିଛନ୍ତି ଏବଂ ସେମାନଙ୍କ ଟୋକନ ଅବଧି ମଧ୍ୟ ସରିଲାଣି।



ଏନେଇ ସୋମବାର ମହାକାଳପଡା ବ୍ଲକ ଅନ୍ତର୍ଗତ ଡେରଗାଁ ସୋସାଇଟର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ମଣ୍ଡିରୁ ମିଲର ଧାନ ନେଉ ନଥିବାରୁ ଚାଷୀମାନେ ଧାନ ଦେଇପାରୁ ନାହାଁନ୍ତି, ମିଲରମାନେ ଅଖା ମଧ୍ୟ ଦେଉ ନାହଁନ୍ତି ବୋଲି ଅଭିଯୋଗ କରିଛନ୍ତି। ଚାଷୀ ଧାନ ଦେଇପାରୁ ନଥିବାରୁ ସେମାନଙ୍କ ଟୋକନ ଅବଧି ମଧ୍ୟ ସରିଲାଣି । ତୁରନ୍ତ ସେମାନଙ୍କ ମଣ୍ଡିରୁ ମିଲର ଧାନ ଉଠାଇବା ସହିତ ଟୋକନ ଅବଧି ସରି ଯାଇଥିବା ଚାଷୀମାନେ କିଭଳି ଧାନ ଦେଇପାରିବେ ସେନେଇ କୃଷି ସମବାୟ ସମିତିରେ ପଞ୍ଜିକରଣ ଚାଷୀ ପ୍ରହଲ୍ଲାଦ ପାଣି, ବିପିନ କୁମାର ଦାସ, ମେଘାନନ୍ଦ ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ଖଟୁଆ, ହୃଷିକେସ ଦାସ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବିଶ୍ୱବିଦ୍ୟାଳୟ ନିଷ୍ପତ୍ତିକୁ ବରିଷ୍ଠ ନାଗରିକ ମଞ୍ଚର ସ୍ୱାଗତ



**କେନ୍ଦ୍ରାପଡ଼ା, ୨୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଏକ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଏଠାରେ ଏକ ବୃହତ ଜାହାଜ ନିର୍ମାଣ କାରଖାନା ଓ ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ନୀତିଗତ ନିଷ୍ପତି ନେଇଥିବାରୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଚଳିତ ବିଧାନସଭା ଅଧିବେଶନରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଏହି ତିନୋଟି ପ୍ରକଳ୍ପ ଘୋଷଣା କରିଥିବାରୁ ସରକାର ଜିଲ୍ଲାକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଜିଲ୍ଲାବାସୀଙ୍କ ବହୁ ଦିନର ଆଶା ଓ ଆକାଂକ୍ଷା ପୂରଣ ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି । ଗତ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ସରକାର ଗଠନ କରିବା ପରେ ତାହାକୁ ପାଳନ କରିଛି । ଏଥିପାଇଁ ଜିଲ୍ଲାର ସମସ୍ତ ବିଧାୟକ, ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀମାନଙ୍କୁ ସଂଘ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି । ସଂଘର ସାଧାରଣ ସମ୍ପାଦକ ନରତ୍ତମୋ ଜେନାଙ୍କ ଆବାହକତ୍ୱ ଓ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ସରକାର ଯେଉଁ ନିଷ୍ପି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି କହିଥିଲେ ।

## ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଜନଗର, ୨୩।୨ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଘନଶ୍ୟାମ ମିଶ୍ରଙ୍କ ପୌରହିତ ଓ ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ଶିଶିର କୁମାର ଜେନା, ମୁଖ୍ୟ ବକ୍ତା ଭାବେ

ଏହି ଅବସରରେ ମହାବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ସଂସ୍କୃତିକ ଓ କ୍ରୀଡ଼ ଉତ୍ସବରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଅଧ୍ୟାପକ ନିହାର ରଂଜନ ପରିଡା ଅତିଥି ପରିଚୟ ପ୍ରଦାନ,ଅଧ୍ୟକ୍ଷ ଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ।



ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ସଂମାନୀୟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ଆଉ ଦିନ କେଇଟା ପରେ ମହାବିଦ୍ୟାଳୟ ଶତବାର୍ଷିକୀ ପୂର୍ତ୍ତି ପାଳନ କରିବା ସହିତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମାନେ ସଂସ୍କୃତ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରି ଥିବାରୁ ଧନ୍ୟବାଦ ଜଣାଇଥିଲେ । ପ୍ରତ୍ୟେକ ଭାଷାର ମୁଳ ଭାଷା ହେଉଛି ସଂସ୍କୃତ ଭାଷା ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟରେ ଶିକ୍ଷାଦାନ ଦେଇଥିବା ଦିବଙ୍ଗତ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା । ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଶିକ୍ଷକ ରତ୍ନାକର ଦାସ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ସତ୍ରରେ ଅଧ୍ୟକ୍ଷ ଡ଼ ମିଶ୍ରଙ୍କ ପୌରହିତରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳପତି କିଶୋର ଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତୀୟ ଜ୍ଞାନ ପରମ୍ପରାର ସଂସ୍କୃତର ଭୂମିକା ବିଶ୍ୱ ସ୍ତରୀୟ ହେବାକୁ ଯାଇଛି ବୋଲି କହିଥିଲେ ।

## ପାରାଦୀପ ବିଜେପି ପକ୍ଷରୁ ଧନ୍ୟବାଦ ସଭା



**ପାରାଦୀପ, ୨୩।୨ (ସଂଚାର ବ୍ୟୁରୋ):** ଜଗତସିଂହପୁରରେ ବିଶ୍ୱ ବିଦ୍ୟାଳୟ ଓ ପାରାଦୀପରେ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ନେଇ ବିଧାନସଭାରେ ବଜେଟ ଆଗତ ହେବା ପରେ ଜିଲ୍ଲାରେ ଖୁସିର ମାହୋଲ। ଏନେଇ ଜିଲ୍ଲାର ଚାରିଆଡୁ ପାରାଦୀପ ବିଧାୟକ ତଥା ଶୀଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନିକଟକୁ ସୁଭେଚ୍ଛା ର ସୁଅ ଛୁଟୁଛି। ଏହି ପରିପ୍ରେକ୍ଷୀରେ ପାରାଦୀପ ଜୟଦେବ ସଦନ ଠାରେ ପାରାଦୀପ ବିଧାନସଭା ମଣ୍ଡଳୀର ୬ପଞ୍ଚାୟତ ଓ ପାରାଦୀପ ର ବିଭିନ୍ନ ଅନୁଷ୍ଠାନ ତରଫରୁ ଆୟୋଜିତ ଧନ୍ୟବାଦ ସଭା ରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବ ସରକାର ସମୟରୁ ଦାବି ହୋଇ ଆସୁଥିବା ଦାବି ଗୁଡିକୁ ମୋହନ ସରକାର ଚଳିତ ବଜେଟରେ ଜଗତସିଂହପୁର ଜିଲ୍ଲାକୁ ପ୍ରାଧାନ୍ୟ ଦେଇଛନ୍ତି। ଏକାବେଳକେ ଦୁଇ ଦୁଇଟି ବିଶ୍ୱ ବିଦ୍ୟାଳୟ ଓ ପାରାଦୀପରେ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି। ଏନେଇ ଜଗତସିଂହପୁର ଜିଲ୍ଲା ତଥା ବିଭିନ୍ନ ସ୍ଥାନରୁ ମୁଖ୍ୟମନ୍ତ୍ରୀଙ୍କୁ ହଜାର ହଜାର ଲୋକ ଭେଟି ତାଙ୍କୁ ସୁଭେଚ୍ଛା ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ପାରାଦୀପ ଜୟଦେବ ସଦନରେ ଆୟୋଜିତ ଧନ୍ୟବାଦ ସଭା ରେ ପାରାଦୀପ ନିର୍ବାଚନ ମଣ୍ଡଳୀ ୬ ପଞ୍ଚାୟତ ବାସୀ ଖୁସି ମନାଇଛନ୍ତି। ଜଗତସିଂହପୁର ଜିଲ୍ଲାରେ ଅନେକ କଲେଜ ଥିଲେ ମଧ୍ୟ ଏକ ସରକାରୀ କଲେଜ ନଥିଲା ଯାହାକି ଜଗତସିଂହପୁର ଜିଲ୍ଲା ବାସୀଙ୍କୁ ଭାଗ୍ୟବାନ ବୋଲି କହିବା ସହିତ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଜିଲ୍ଲା ପାଇଁ ପାରାଦୀପରେ ବୈପ୍ଳବୀ ପରିବର୍ତ୍ତନ ଆସିବାକୁ ଯାଉଛି ବୋଲି କହିଛନ୍ତି ସ୍ଥାନୀୟ ବିଧାୟକ ତଥା ଶୀଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ।

## ଜନଗଣନା ପାଇଁ ୨ ଦିନିଆ ତାଲିମ ଶିବିର




**କେନ୍ଦ୍ରାପଡା, ୨୩।୨ (ସଂଚାର ବ୍ୟୁରୋ):** ଜନଗଣନା ପାଇଁ ୨ ଦିନିଆ ତାଲିମ ଶିବିର କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଜନଗଣନା କାର୍ଯ୍ୟକ୍ରମର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଦୀର୍ଘ ଦଶନ୍ଧି ପରେ ସମଗ୍ର ଦେଶରେ ଜନଗଣନା ଆରମ୍ଭ କରାଯିବାକୁ ଥିବାବେଳେ ଜନଗଣନା ସହିତ ଜନ ସାଧାରଣଙ୍କ ଆର୍ଥିକ ସ୍ଥିତି, ବାସଗୃହ, ରୋଜଗାର ଆଦିର ପରିସଂଖ୍ୟାନ ଗ୍ରହଣ କରାଯିବ । ପ୍ରତ୍ୟେକ ତହସିଲ ର ତହସିଲଦାର ମାନଙ୍କୁ ଚାର୍ଜ ଅଫିସର ଭାବେ ଓ ଅତିରିକ୍ତ ତହସିଲଦାର ମାନଙ୍କୁ ଆଡିସିନାଲ ଚାର୍ଜ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି । ସଂପୃକ୍ତ ତହସିଲର ର ଅଧିନରେ ଜନଗଣନା ପାଇଁ ନିଯୁକ୍ତ ଶିକ୍ଷକ ମାନଙ୍କୁ ପରିସଂଖ୍ୟାନକାରୀ ଭାବେ ଦାୟିତ୍ୱ ଦିଆଯାଇ ଥିବାବେଳେ ଏପ୍ରିଲ ୧୬ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ଏହି ପରିସଂଖ୍ୟାନକାରୀ ଶିକ୍ଷକ ମାନେ ଘର ଘର ବୁଲି ଗଣନା କରିବେ । ଗୃହକର୍ତା ଚାହିଁଲେ ଅନଲାଇନ ମାଧ୍ୟମରେ ନିଜେ ମୋବାଇଲ ମାଧ୍ୟମରେ କିମ୍ବା ଜନସେବା କେନ୍ଦ୍ରରେ ଗୃହ ଗଣନା କରିପାରିବେ । ଗୃହ ଗଣନା ପରବର୍ତୀ ପର୍ଯ୍ୟାୟରେ ଜନ ଗଣନା ପରିସଂଖ୍ୟାନ ଆରମ୍ଭ କରାଯିବ ।

## କୁରୁଣ୍ଟିରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ରାଜନଗର, ୨୩।୨ (ସଂଚାର ବ୍ୟୁରୋ):** ରାଜନଗରବ୍ଲକ କୁରୁଣ୍ଟି ଗ୍ରାମପଂଚାୟତର ବାବା କାଞ୍ଚନେଶ୍ୱର ପୀଠ କୁରୁଣ୍ଟିରେ ଷଷ୍ଠତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଅଛି। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଜଗତ କଲ୍ୟାଣ ପାଇଁ ପ୍ରାଥନା କରିଥିଲେ। ପରେ କମିଟିର ସଭାପତି ସୁବ୍ରତ କୁମାର ନାୟକଙ୍କ ପୌରହିତ ଆଇନଜୀବି ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜନଗର ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି , ପ୍ରାଧ୍ୟାପକ ସତ୍ୟବାଦୀ ଜେନା,ସସ୍ମିତା ମହାନ୍ତି ସରପଞ୍ଚ, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ଜେନା ଯୋଗ ଦେଇ, ଧର୍ମର ପତିଷ୍ଠା ପାଇଁ ନାମସଂକୀର୍ତ୍ତନ ଓ ଯଜ୍ଞର ଆବଶ୍ୟକତା ଉପରେ ଗୁରୁତ ଦେଇଥିଲେ । ଏହି ଅବସରରେ ଯଜ୍ଞ କମିଟି ତରଫରୁ ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ କମିଟି ତରଫରୁ ମାନପତ୍ର ଓ ଉତ୍ତରୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଭଙ୍ଗା କୁଡ଼ିଆରେ କଟୁଛି ପାର୍ବତୀଙ୍କ ଜୀବନ

**ଅପହଞ୍ଚ ଆବାସ ଯୋଜନା**

**ମିଳୁନି ରାସନ୍ ଚାଉଳ କି ବିଧବା ଭତ୍ତା**



**ମହାକାଳପଡ଼ା, ୨୩।୨ (ସଂଚାର ବ୍ୟୁରୋ):** ଭଙ୍ଗା ଦଦରା କୁଡିଆରେ ଜଣେ ଅସହାୟ ବୃଦ୍ଧା ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଗୁମୁରି ଗୁମୁରି କାନ୍ଦୁଛନ୍ତି। ହେଲେ ତାଙ୍କ କାନ୍ଦର ଶବ୍ଦ ପ୍ରଶାସନର ଶୀତତାପ ନିୟନ୍ତ୍ରିତ କୋଠରୀକୁ ଭେଦ କରି ପାରୁନାହିଁ। ଯାହା ଫଳରେ ବୃଦ୍ଧାଙ୍କ ଦୁଃଖ ଶୁଣି ପାରୁ ନାହାନ୍ତି ସରକାରୀ ତହବିଲ୍ ରୁ ମୋଟା ଅଙ୍କର ଦରମା ନେଉଥିବା ସରକାରୀ କର୍ମଚାରୀ।

ଏମିତି ଏକ ସମ୍ବେଦନଶୀଳ ଓ ଆଖିଭିଜିଲା ଭଳି ଚିତ୍ର ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ ରେ। ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତର ସିଂପଡା ଗାଁରେ ବସବାସ କରି ଆସୁଛନ୍ତି ଜନଜାତି ସମୁଦାୟର ୬୫ ବର୍ଷୀୟା ଅସହାୟ ବୃଦ୍ଧା ପାର୍ବତୀ ସିଂ। ୩୦ ବର୍ଷ ସ୍ୱାମୀଙ୍କ ମୃତ୍ୟୁର ପ୍ରାୟ ୩୦ ବର୍ଷ ହେଲା ସ୍ୱାମୀ ଆରପାରିକୁ ଚାଲିଗଲେଣି। ସେହିଦିନ ଠାରୁ ପାର୍ବତୀ ଭଙ୍ଗା କୁଡ଼ିଆରେ ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କୁ ବିଧବା ଭତ୍ତା ପ୍ରଶାସନ ତରଫରୁ ମିଳି ନାହିଁ। କେବଳ ଭତ୍ତା କାହିଁକି ଆବାସ ଯୋଜନାରେ ପକ୍କାଘରର ଖଣ୍ଡିଏ ମଧ୍ୟ ତାଙ୍କ ପାଇଁ ସାତସପନ ପାଲଟିଛି। ସେହିପରି ରାସନ୍ ଚାଉଳ ମଧ୍ୟ ମିଳୁନାହିଁ। ଏମିତି ପରିସ୍ଥିତିରେ ଜୀବନ ଜୀଇବା ପାଇଁ କେତେ ଯେ ସଙ୍ଘର୍ଷ ଏହି ବାର୍ଦ୍ଧକ୍ୟ ବୟସରେ ପାର୍ବତୀ କରୁଛନ୍ତି ତାହା ଆପଣ ଆଖିରେ ଦେଖି ବିଶ୍ୱାସ କରିବା କଷ୍ଟକର ହେବ।

ପେଟର ଭୋକ ମେଣ୍ଟାଇବା ପାଇଁ ସେ ଗହୀରପାଟ ବିଲ ଓ ଧାନ କ୍ଷେତରୁ ପଡିଥିବା ଧାନ ପେଣ୍ଡା ସଂଗ୍ରହ କରି ତାହାକୁ ଗୋଡ଼ରେ ମଳି ଦୁଇ ମୁଠା ଖାଦ୍ୟ ଯୋଗାଡ଼ କରୁଛନ୍ତି। ଦିନେଦିନେ ପାର୍ବତୀ ଖାଲି ପେଟରେ ରାତି କାଟି ଦିଅନ୍ତି। ସରକାର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲା ରୁ ପଲ୍ଲୀକୁ ଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପାର୍ବତୀଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉନାହିଁ। ନା ସେ ଅଭିଯୋଗ ଜାଣିଛନ୍ତି ନା ଅଭିମାନ। କେବଳ ନିଜର ଭାଗ୍ୟକୁ ଆଦରି ସେଇ ଭଙ୍ଗା କୁଡ଼ିଆରେ ଜୀବନ କାଟୁଛନ୍ତି। ଏଠି ପ୍ରଶ୍ନ ଜଣେ ସାଧାରଣ ଅସହାୟ ବୃଦ୍ଧା ତାଙ୍କ ଅଧିକାର ପାଇବାରୁ ବଞ୍ଚିତ ଅଛନ୍ତି ସେ ପଞ୍ଚାୟତର ସରପଞ୍ଚ,ପିଇଓ ଜାଣି ପାରୁ ନାହାନ୍ତି କେମିତି? ସାଧାରଣ ଲୋକଙ୍କ ଟିକସ ପଇସାରେ ଦରମା ନେଉଥିବା ସରକାରୀ କର୍ମଚାରୀ ନାହିରେ ତେଲ ଦେଇ ଶୋଇଛନ୍ତି କି? ଯଦି ପାର୍ବତୀଙ୍କ ଭଳି ବୃଦ୍ଧାଙ୍କ ନ୍ୟାର୍ଯ୍ୟ ଅଧିକାର ଦେବାରେ ପ୍ରଶାସନ ବିଫଳ ତେବେ ସରକାରଙ୍କ ଯୋଜନାର ସୁଫଳ ରୂପାୟନ ସଫଳ ହେଉଛି କିପରି? କେବେ ପାର୍ବତୀଙ୍କ ସମସ୍ୟା ପ୍ରଶାସନ ସମାଧାନ କରାଇବ ସେନେଇ ଗ୍ରାମବାସୀ ଦାବି କରିଛନ୍ତି।

# ବିଜେପିରେ ମିଶିଲେ ବିଜେଡି ଓ କଂଗ୍ରେସ ନେତା




ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ): ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁନାବେଡ଼ା ପୌରପାଳିକାର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହି ଅବସରରେ ତାଙ୍କ ସହ ସୁନାବେଡା ପୌରପାଳିକାର କାଉନ୍‌ସିଲର ସୁରେନ୍ଦ୍ର ସେଠୀ, ଗଜେନ୍ଦ୍ର ମାଝୀ, ସ୍ୱରୂପ ପଟ୍ଟନାୟକ ମଧ୍ୟ ବିଜେଡି ଏବଂ ମମତା କୁମାରୀ ଖୋରା ଓ ଅଲକା ଲେଙ୍କା କଂଗ୍ରେସ ଛାଡ଼ି ଦଳ ବିଜେପିରେ ଯୋଗ ଦେଇଛନ୍ତି। ସେହିପରି ସୁନାବେଡ଼ାର ବରିଷ୍ଠ ବିଜେଡି ନେତା ମନୋଜ ସେନାପତି, ଇନ୍ଦ୍ରାମଣି ନାୟକ, ଗୋଦାବରୀଶ ବେହେରା, ସତ୍ୟବ୍ରତ ପ୍ରଧାନ, ସନ୍ତୋଷ ପରିଡ଼ା, କେ. ସନ୍ତୋଷ କୁମାର, ଅନୁଜ ସାମଲ, ଜିତୁ କୁମାର ସିଓ, ଦ୍ୱିତୀକୃଷ୍ଣା ସାହୁ, ଏସ୍.ଏଲ୍.ଏନ୍ ପାତ୍ର, ଶଙ୍କର ପାତ୍ର, ଶଙ୍କର ସାହୁ, ମନୋଜ ପାତ୍ର, ଶରତ କୁମାର ସାହୁ, ଗୁପ୍ତେଶ୍ୱର ରାଉତ, ବି. ଅଶୋକ ପାତ୍ର, ତିରୁପତି ପାତ୍ର, ଗଣେଶ୍ୱର ପାଣିଗ୍ରାହୀ, ସୁନୀଲ ସେନାପତି, ମମତା ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ବିଧାନ ବୋର ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ କର୍ମୀ ମଧ୍ୟ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। ଆହୁରି ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପିପଲାପୋଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ନମୋ ମାଣ୍ଡିଙ୍ଗା, ପୂର୍ବତନ ନାଏବ ସରପଞ୍ଚ ରାଉତ ମିନିଆକା, ୱାର୍ଡମେମ୍ବର ଗୋପୀ ମାଣ୍ଡିଙ୍ଗା, ନରି କୁଲସିକା, ଚାଚିର କୁଲସିକା, ମଟିଆ ମାଣ୍ଡିଙ୍ଗା, ଆରିଆ ମାଣ୍ଡିଙ୍ଗା, ଅର୍ଚ୍ଚିତା ମାଣ୍ଡିଙ୍ଗା, ବିନୋଦ ମିନିଆକାଙ୍କ ସହ ଲକ୍ଷ୍ମୀପୁର ପଞ୍ଚାୟତ ବିଜେଡି ସଭାପତି ପାତ୍ର ପିଲାକ୍ତି, ସମ୍ପାଦକ ହେମାଳୟ ହାଲୱା, କୁଟିଙ୍ଗା ପଞ୍ଚାୟତ ସଭାପତି ସମୀର ବିଡିକା ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ନନ୍ଦୁ କୁଲସିକା, ନିରଞ୍ଜନ ମାଣ୍ଡିଙ୍ଗା, ଗୋଡା ମାଣ୍ଡିଙ୍ଗା, ବିଷ୍ଣୁ ଖୋରା, କବିର ଦାନଗିରି ପ୍ରମୁଖ ବିଜେଡି କର୍ମୀଙ୍କ ସମେତ କଂଗ୍ରେସ କର୍ମୀ ଜୁମ୍ବା କୁଲସିକା, ଦିଉ ମାଣ୍ଡିଙ୍ଗା ମଧ୍ୟ ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ରଘୁରାମ ମାଛ, ରାଜ୍ୟ ସମ୍ପାଦକ ସରୋଜ କର, କୋରାପୁଟ ଜିଲ୍ଲା ସଭାପତି ଶିବ ମୁଦୁଲି, ବରିଷ୍ଠ ନେତା ସୁମନ୍ତ କୁମାର ପ୍ରଧାନ, କୈଳାସ ଚନ୍ଦ୍ର କୁଲେସିକା ଉପସ୍ଥିତ ଥିଲେ।

# ପାରାଦୀପ ହେବ ସ୍ପୋର୍ଟସ୍ ହବ୍

- କୁଜଙ୍ଗ ଉଦୟବଟରେ ହେବ ବହୁମୁଖୀ ଇନଡୋର ଷ୍ଟାଡିୟମ
- ୨୫ ମିଟର ବିଶିଷ୍ଟ ସୁଇମିଂ ପୁଲ୍ ନିର୍ମାଣକୁ ଅନୁମୋଦନ
- ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଦେଇଥିଲେ ପ୍ରସ୍ତାବ



ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ): ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ତୃଣମୂଳ ସ୍ତରରୁ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି କ୍ରମରେ ପାରାଦୀପକୁ ପ୍ରମୁଖ କ୍ରୀଡ଼ା ହବ୍ ଭାବେ ଗଢି ତୋଳିବା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପ୍ରସ୍ତାବ ପରେ କୁଜଙ୍ଗ ବ୍ଲକ ଉଦୟବଟରେ ଗ୍ୟାଲେରୀ ସହ ଏକ ବହୁମୁଖୀ ଇନଡୋର ଷ୍ଟାଡିୟମ ଓ ୨୫ ମିଟର ବିଶିଷ୍ଟ ସୁଇମିଂ ପୁଲ୍ ନିର୍ମାଣ ପ୍ରସ୍ତାବକୁ ନୀତିଗତ ଭାବେ ଅନୁମୋଦନ କରିଛନ୍ତି କ୍ରୀଡ଼ା ଓ ଯୁବସେବା ବିଭାଗ। ପ୍ରକଳ୍ପ ପାଇଁ ଅତି କମ୍‌ରେ ୫ ଏକର ପରିମିତ ଏକ ଜବରଦଖଲମୁକ୍ତ ସରକାରୀ ଜମି ଚିହ୍ନଟ କରି ବିଭାଗକୁ ଜଣାଇବାକୁ ନିବେଦନ କରାଯାଇଛି।

ଗତ ମାସରେ କୁଜଙ୍ଗ ଓ ତିର୍ତ୍ତୋଲରେ ବ୍ଲକସ୍ତରୀୟ ଷ୍ଟାଡିୟମକୁ ପ୍ରଶାସନିକ ଅନୁମୋଦନ ମିଳିବା ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃତଜ୍ଞତା ଜଣାଇବା ସହ ଏହାକୁ ଅଧିକ ବ୍ୟାପକ ଓ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ରଖିଥିଲେ। କୁଜଙ୍ଗ ବ୍ଲକ ଅନ୍ତର୍ଗତ ଉଦୟବଟରେ ଏକ ପୂର୍ଣ୍ଣାଙ୍ଗ ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିବା ସହ ଏହା ସ୍ଥାନୀୟ କ୍ରୀଡ଼ାବିତଙ୍କ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ସେ ଉଲ୍ଲେଖ କରିଥିଲେ। ସେହିପରି ସେଠାରେ ୨୫ ମିଟର ବିଶିଷ୍ଟ ବିଶ୍ୱସ୍ତରୀୟ ସୁଇମିଂ ପୁଲ୍ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ।

ଏଥିସହ ପୂର୍ବରୁ ଅନୁମୋଦିତ ବ୍ଲକସ୍ତରୀୟ ଷ୍ଟାଡିୟମକୁ ଏକ ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସରେ ଉନ୍ନୀତ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆବେଦନ କରିଥିଲେ। ଏଥିରେ ବ୍ଲକସ୍ତରୀୟ ଷ୍ଟାଡିୟମ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ବିଭିନ୍ନ କ୍ରୀଡ଼ା, ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା, ଅଧିକ କ୍ଷମତା ସମ୍ପନ୍ନ ଗ୍ୟାଲେରୀ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ। ସମାନ ପରିସର ମଧ୍ୟରେ ଏକ କ୍ରିକେଟ ପଡ଼ିଆର ବ୍ୟବସ୍ଥା କରିବାକୁ ଉଲ୍ଲେଖ କରିଥିଲେ।

ପାରାଦୀପ ହେବ ସ୍ପୋର୍ଟସ ହବ। ଗାଁଗାଁରୁ କ୍ରୀଡାବିତଙ୍କ ପ୍ରତିଭାର ବିକାଶ ପାଇଁ ପ୍ଲାଟଫର୍ମ ଯୋଗାଇଦେବେ ରାଜ୍ୟ ସରକାର। ପାରାଦୀପ ଅଞ୍ଚଳର ଦୀର୍ଘଦିନର ଦାବି ପୂରଣ ଦିଗରେ ନିରନ୍ତର ଉଦ୍ୟମ କରିଆସୁଛନ୍ତି ଶିଳ୍ପ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ। ତାଙ୍କ ଉଦ୍ୟମରେ ପାରାଦୀପ ଅଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ ହେବାକୁ ଯାଉଛି, ଯାହା ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡ଼ିଶା ସ୍ୱପ୍ନ ସାକାର କରିବା ଦିଗରେ ବଡ଼ ଭୂମିକା ନେବ।



## ବିଧାନସଭା ଖବର

### ଦୁଇ ବର୍ଷରେ ୭ ହଜାର ସାଇବର ଆକ୍ରମଣ

ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ): ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ସରକାରଙ୍କ ଡାଟା ସେଣ୍ଟର ଉପରେ ବିଭିନ୍ନ ଦେଶରୁ ପାଖପାଖି ୭୦୦୫ଟି ସାଇବର ଆକ୍ରମଣ ପାଇଁ ଉଦ୍ୟମ ହୋଇଛି। ତେବେ ଡାଟା ସେଣ୍ଟର ପକ୍ଷରୁ ସମସ୍ତ ସାଇବର ଆକ୍ରମଣକୁ ପ୍ରତିହତ କରାଯାଇପାରିଛି। ଏହି ଆକ୍ରମଣଗୁଡ଼ିକ ମୁଖ୍ୟତଃ ରୁଷିଆ, ଚୀନ୍, ଉତ୍ତର କୋରିଆ, ଇରାନ୍, ନାଇଜେରିଆ ଓ ରୋମାନିଆ ଭଳି ଦେଶମାନଙ୍କରୁ ହୋଇଥିଲା। ଓଡ଼ିଶାରେ ସାଇବର ଆକ୍ରମଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ, କୃଷି ଭବନ, ବିଭାଗୀୟ ମୁଖ୍ୟ ଦପ୍ତର ଓ ନିର୍ଦ୍ଦେଶାଳୟ, ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟ ଅତିଥି ଭବନ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଜ୍ୟପାଳଙ୍କ ସଚିବାଳୟ, ଓକାକ୍, କଳିଙ୍ଗ ଷ୍ଟାଡିୟମରେ ଥିବା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପର୍ଯ୍ୟଟନ ବିଭାଗରେ ପ୍ରାୟ ୬ ହଜାର କମ୍ପ୍ୟୁଟରରେ ଆଣ୍ଟି ଭାଇରସ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ଦେଶରୁ ଆସିଥିବା ପାଖାପାଖି ୭୦୦୫ଟି ସାଇବର ଆକ୍ରମଣକୁ ସିକ୍ୟୁରିଟି ଅପରେସନ ସେଣ୍ଟର ପ୍ରତିହତ କରିପାରିଛି। ଫଳତଃ କୌଣସି ସରକାରୀ ୱେବସାଇଟ୍ ସାଇବର ଆକ୍ରମଣର ଶିକାର ହୋଇପାରିନାହିଁ।

### ରାଜ୍ୟରେ ଚାଲୁଛି ୮୬୦ଟି ୧୦୮ ଆମ୍ବୁଲାନ୍ସ

ରାଜ୍ୟରେ ରୋଗୀ ପରିବହନ ପାଇଁ ମୋଟ୍ ୮୬୦ଟି ୧୦୮ ଆମ୍ବୁଲାନ୍ସ ଚାଲୁଥିବାବେଳେ ଗତ ଦୁଇ ବର୍ଷ ମଧ୍ୟରେ ଏଥିରେ ୨୪ ଲକ୍ଷରୁ ଅଧିକ ରୋଗୀ ପରିବହନ ହୋଇଛନ୍ତି। ରୋଗୀ ପରିବହନ ବାବଦରେ ସେବା ପ୍ରଦାନକାରୀ ସଂସ୍ଥାକୁ ଦୁଇ ବର୍ଷରେ ୪୪୫ କୋଟି ଟଙ୍କାରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟରେ ୧୦୮ଆମ୍ବୁଲାନ୍ସ ଚଳାଚଳ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଚଳାଚଳ କରୁଥିବା ୮୬୦ଟି ଆମ୍ବୁଲାନ୍ସ ମଧ୍ୟରୁ ୪୧୧ଟିରେ ଉନ୍ନତ ଜୀବନ ରକ୍ଷାକାରୀ ବ୍ୟବସ୍ଥା ରହିଥିବା ବେଳେ ୪୪୯ଟିରେ ମୌଳିକ ଜୀବନ ରକ୍ଷାକାରୀ ବ୍ୟବସ୍ଥା ରହିଛି। ୨୦୨୪ ଓ ୨୦୨୫ ଦୁଇଟି ବର୍ଷରେ ୧୦୮ ଆମ୍ବୁଲାନ୍ସରେ ମୋଟ୍ ୨୪ ଲକ୍ଷ ୪୦ ହଜାର ୮୯୪ ଜଣ ରୋଗୀ ସେବା ପାଇଛନ୍ତି। ସେହିଭଳି ଏହି ସମୟ ମଧ୍ୟରେ ସେବା ପ୍ରଦାନକାରୀ ସଂସ୍ଥାକୁ ଆମ୍ବୁଲାନ୍ସ ବାବଦରେ ୪୪୫ କୋଟି ୮୪ ଲକ୍ଷ ୮୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

### ଜିଏସଟି କ୍ଷତିପୂରଣ ବାବଦରେ ମିଳିଛି ୩୦,୨୩୧ କୋଟି

ପ୍ରଶ୍ନକାଳରେ ଜିଏସ ପ୍ରଚଳନ ପରଠାରୁ ରାଜ୍ୟ ସରକାର କେତେ କ୍ଷତିପୂରଣ ପାଇଛନ୍ତି, ସେ ସମ୍ପର୍କରେ ବିଧାୟକ ବିଜୟ ଦଳବେହେରାଙ୍କ ଏକ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଥିଲେ। ସେ କହିଥିଲେ ଯେ ଜିଏସଟି ପ୍ରଚଳ ପରଠାରୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ ୩୦ ହଜାର ୨୩୧ କୋଟି ୧୪ ଲକ୍ଷ ଟଙ୍କା ପାଇବାକୁ ଥିବା ସମସ୍ତ ରାଜସ୍ୱ କ୍ଷତିପୂରଣ ପାଇସାରିଛନ୍ତି। ଗତ ୨୦୧୭ ଜୁଲାଇରୁ ୨୦୨୨ ଜୁନ୍ ୫ ବର୍ଷ ପାଇଁ ରାଜ୍ୟର ସୁନିଶ୍ଚିତ ରାଜସ୍ୱ ୯୮ ହଜାର ୨୩୯ କୋଟି ୮୦ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା। ରାଜ୍ୟ ସରକାର ଏହି ସମୟ ମଧ୍ୟରେ ଟିକସ ବାବଦରେ ୬୮ ହଜାର ୮ କୋଟି ୬୬ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରିଥିଲେ।

### ଖର୍ଚ୍ଚ କ୍ଷେତ୍ରରେ କ୍ରୀଡ଼ା ଓ ଯୁବସେବା ବିଭାଗ ପଛୁଆ

ବଜେଟ୍‌ରେ ହେଉଥିବା ଅର୍ଥକୁ ଖର୍ଚ୍ଚ କରିବାରେ କ୍ରୀଡ଼ା ଓ ଯୁବସେବା ବିଭାଗ ସବୁଠାରୁ ପଛରେ ପଡ଼ିଛି। ଏଥିସହ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ମିଶନ ଶକ୍ତି ବିଭାଗ ମଧ୍ୟ ପଛରେ ପଡ଼ିଛନ୍ତି। ଗତ ଆର୍ଥିକ ବର୍ଷରେ ବିଭାଗଗୁଡ଼ିକ ବଜେଟ୍ ଅର୍ଥ ଖର୍ଚ୍ଚ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଦେଇଥିବା ଉତ୍ତରରୁ ଜଣାଯାଇଛି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ କ୍ରୀଡ଼ା ଓ ଯୁବସେବା ବିଭାଗ ବଜେଟ୍ ଅର୍ଥରୁ ମାତ୍ର ୨୬.୧୫ ପ୍ରତିଶତ ଅର୍ଥ ବ୍ୟୟରେ ସଫଳ ହୋଇଛି। ବିଭାଗ ପାଇଁ ବଜେଟ୍‌ରେ ୧୨୫୩ କୋଟି ୨୩ ଲକ୍ଷ ଟଙ୍କା ଥିବା ବେଳେ ଖର୍ଚ୍ଚ ହୋଇଛି ମାତ୍ର ୩୨୭ କୋଟି ୭୫ ଲକ୍ଷ ଟଙ୍କା। ସେହିଭଳି ପଞ୍ଚାୟତିରାଜ ବିଭାଗ ୫୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବା ବେଳେ ଇସ୍ପାତ ଓ ଖଣି ବିଭାଗ ୨୯ ପ୍ରତିଶତ ଅର୍ଥ ବ୍ୟୟ କରିଛି। ବିପର୍ଯ୍ୟୟ ପରିଚାଳନା ପାଇଁ ବରାଦ ହୋଇଥିବା ଅର୍ଥରୁ ପ୍ରାୟ ୪୦ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ମିଶନ ଶକ୍ତି ବିଭାଗର ଖର୍ଚ୍ଚ ପାଖାପାଖି ୫୮ ପ୍ରତିଶତ ରହିଛି। ଚଳିତ ଆର୍ଥିକ ବର୍ଷରେ ଜାନୁଆରୀ ଶେଷ ସୁଦ୍ଧା କ୍ରୀଡ଼ା ଓ ଯୁବସେବା ବିଭାଗ ବରାଦ ହୋଇଥିବା ୮୩୧.୨୩ କୋଟି ଟଙ୍କା ମଧ୍ୟରୁ ମାତ୍ର ୧୮୪ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ୨୯,୫୫୪.୩୫ କୋଟି ଟଙ୍କା ମଧ୍ୟରୁ ୧୧,୬୧୬.୧୨ କୋଟି ଟଙ୍କା ଖର୍ଚ୍ଚ କରିଛି।

# ଚାଷୀ ମାରଣ ନୀତି ବିରୋଧରେ ଆଜି ବିଜେଡି ବିକ୍ଷୋଭ



- ସମୁଦାୟ ଧାନ ଉତ୍ପାଦନର ମାତ୍ର ୩୧% ଧାନ ସଂଗ୍ରହ ହୋଇଛି
- ସରକାର ଉତ୍ତର ଦେବା ପରିବର୍ତ୍ତେ ମିଛ ସଫଳତା ବଖାଣୁଛନ୍ତି

ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି, ଯେଉଁଥିପାଇଁ ରାଜ୍ୟର ଚାଷୀକୁଳ ହତାଶ ହୋଇପଡିଛନ୍ତି ବୋଲି ବିଜେଡି ଅଭିଯୋଗ କରିବା ସହ ଆସନ୍ତାକାଲି ଭୁବନେଶ୍ୱରରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଆଜି ସୂଚନା ଦିଆଯାଇଛି। ଆଜି ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସହ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଓ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ କରିଥିଲେ। ବିରୋଧୀ ଦଳ ଉପନେତା କହିଥିଲେ, ଚଳିତ ବର୍ଷ ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ପ୍ରଥମ ଦିନରୁ ଅବ୍ୟବସ୍ଥା ଲାଗି ରହିଛି। ଧାନ ସଂଗ୍ରହ ପାଇଁ ପଞ୍ଜିକରଣ, ଟୋକନ ବିତରଣ, ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା, କଟନୀ ଛଟନୀ ଇତ୍ୟାଦି ଚାଷୀମାନଙ୍କୁ ଅସୁବିଧାରେ ପକାଇଛି। ପ୍ରତି ବ୍ଲକ ଓ ଜିଲ୍ଲାରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟୁଛି। କିନ୍ତୁ ରାଜ୍ୟ ସରକାର ଚାଷୀଙ୍କ ସମସ୍ୟାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନାହାନ୍ତି। ଧାନ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି କହି ସରକାର ନିଜ ପିଠି ଥାପୁଡ଼େଉଛନ୍ତି। କିନ୍ତୁ ସରକାରୀ ତଥ୍ୟ ରାଜ୍ୟ ସରକାରଙ୍କ ଦାବିକୁ ତାହା ମିଛ ବୋଲି ପ୍ରମାଣିତ କରୁଛି। ସେହିପରି ଶ୍ରୀ ମିଶ୍ର କହିଥିଲେ ଯେ ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଗତ ୨ରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷୀଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ ହୋଇଆସୁଛି। ଆସନ୍ତାକାଲି ଲୋୟର ପିଏମଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ରାଜ୍ୟରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ବ୍ୟତୀତ ଆଇନଶୃଙ୍ଖଳା ଓ ମହିଳା ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯିବ।

# ସବ୍‌ଷ୍ଟେସନ ଉଦ୍‌ଘାଟନୀରେ ବିଜେପି-ବିଜେଡ଼ି କର୍ମୀ ମୁହାଁମୁହିଁ





କଟକ,୨୩।୨(ସଂଚାର ବ୍ୟୁରୋ): ଟାଙ୍ଗୀ ଓ ଚୌଦ୍ୱାରଠାରେ ଆଜି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଏକ କାର୍ଯ୍ୟକ୍ରମରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଟାଙ୍ଗୀ ବିଶ୍ୱନାହାକାଣୀଠାରେ ଟିପିସିଓଡିଏଲ୍‌ର ଏକ ସବଷ୍ଟେସନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଣେ ବିଜେଡି କର୍ମୀ ଉପମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆରେ ଭାଷଣ ଦେବାକୁ କହିଥିଲେ। କିନ୍ତୁ ଏହାକୁ ବିଜେପି କର୍ମୀମାନେ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ହାତାହାତି ହୋଇଥିଲା। ତେବେ ଉକ୍ତ ବିଜେଡି କର୍ମୀଙ୍କୁ ପୁଲିସ୍ ବାହାରକୁ ନେଇଯିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ବିଜେପି କର୍ମୀମାନେ ଉକ୍ତ ବିଜେଡି କର୍ମୀଙ୍କୁ ମାଡ଼ ମାରୁଥିବା ସମୟରେ ଉପମୁଖ୍ୟମନ୍ତ୍ରୀ ଏଥିରୁ ବିରତ ରହିବା ସକାଶେ କହୁଥିବା ଦେଖିବାକୁ ମିଳିଥିଲା। ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ପ୍ରମୋଦ ଉଦ୍ୟାନରେ ଉପମୁଖ୍ୟମନ୍ତ୍ରୀ ଏକ ସମୀକ୍ଷା ବୈଠକ କରିଥିଲେ। ୧୧୦୦ ଏକର ପରିମିତ ଏହି ପ୍ରମୋଦ ଉଦ୍ୟାନର ବିକାଶ ତଥା ଏହାକୁ ଏକ ଟୁରିଷ୍ଟ ସ୍ପଟ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ସଭାରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ଟାଙ୍ଗୀ-ସାଲେପୁରର ବିଧାୟକ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ। ତେବେ ସଭାରେ ଲାଗିଥିବା ଏକ ବ୍ୟାନର୍‌ରେ ବିଧାୟକଙ୍କ ଫଟୋ ନ ଥିବାରୁ ତାଙ୍କ ସମର୍ଥକମାନେ ହଙ୍ଗାମା କରିଥିଲେ। ତେବେ ପୁଲିସ୍ ଏହାକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲା। ସଭାରେ ବିଜେପିର ବରିଷ୍ଠ ନେତା ଅରିନ୍ଦମ ରାୟ, ଚୌଧୁରୀ ହେମନ୍ତ ସାହୁ, ବ୍ଲକ ସଭାପତି ମିନାକ୍ଷୀ ଦାସଙ୍କ ସମେତ ଟିପିସିଓଡିଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିଆଳିରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି



କଟକ,୨୩।୨(ସଂଚାର ବ୍ୟୁରୋ): ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ସମୁଦାୟ ୮୭ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ସେଥି ମଧ୍ୟରେ ୮୩ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ୪୯ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ନିଆଯାଇଛି। ଏହି ଶୁଣାଣି ସମୟରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିନାକ୍ଷୀ ଠାକୁର, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଆସନ୍ତା ୨ରେ ବଡ଼ମ୍ବା ବ୍ଲକଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଟେଟ୍ରା ପ୍ୟାକରେ ମଦ ବିକ୍ରି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଦାବି

## ମଦମୁକ୍ତ ନୁହେଁ, ମଦଯୁକ୍ତ ଓଡ଼ିଶା ଗଠନ ବିଜେପିର ଲକ୍ଷ୍ୟ



ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ): ରାଜ୍ୟ ବିଜେପି ସରକାରଙ୍କର ଟେଟ୍ରା ପ୍ୟାକ୍ରେ ମଦ ବିକ୍ରି ନିଷ୍ପତ୍ତିକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିଛି। ନିକଟରେ ଓଡ଼ିଶା ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଥିଲେ ଯେ, ମଦ କାଚ ବୋତଲ ବଦଳରେ ଟେଟ୍ରା ପ୍ୟାକ୍‌ରେ ବିକ୍ରି କରାଯିବ। ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ବିଜୁ ମହିଳା ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା ଏହି ନିଷ୍ପତ୍ତିକୁ ଅନୈତିକ ଓ ଯୁବ ବିରୋଧୀ ବୋଲି କହିବା ସହ ତୀବ୍ର ସମାଲୋଚନା କରିଛନ୍ତି।

ଶ୍ରୀମତୀ ମଲ୍ଲିକ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ସମୟରେ ବିଜେପି ଓଡ଼ିଶାକୁ ମଦମୁକ୍ତ କରିବା ନେଇ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏବେ ଟେଟ୍ରା ପ୍ୟାକ ପ୍ୟାକେଜିଂ ପ୍ରଚଳନ କରି ଦଳ ଓଡ଼ିଶାକୁ ମଦଯୁକ୍ତ ରାଜ୍ୟରେ ପରିଣତ କରିବାକୁ ଯାଉଛନ୍ତି। ମଦ ବିରୋଧରେ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ମଦକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି, ଯେଉଁଥିପାଇଁ ପ୍ରଥମଥର ପାଇଁ ମଦରୁ ରାଜସ୍ୱ ଆୟ ୧୦ ହଜାର କୋଟି ଟଙ୍କା ଅତିକ୍ରମ କରିଛି। ପୂର୍ବ ସରକାରଙ୍କ ଦ୍ୱାରା ବନ୍ଦ ହୋଇଥିବା ୭୦ଟି ମଦ ଦୋକାନକୁ ପୁନର୍ବାର ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ନିହାତି ଭାବେ ଏକ ଲଜ୍ଜାଜନକ କଥା। ରାଜ୍ୟ ସରକାର ଲୋକଙ୍କ କଲ୍ୟାଣ ଅପେକ୍ଷା ରାଜସ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି। ମହୁଲିରୁ ମଦ, ମାଣ୍ଡିଆରୁ ମଦ ଓ ଗନ୍ଧହୀନ ମଦ, ନୂତନ ପ୍ରକାରର ମଦ ପ୍ରଚଳନ ପାଇଁ ସରକାର ଉଦ୍ୟମ କରୁଛନ୍ତି। ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନାଗୁଡ଼ିକର ନାମ ଓ ରଙ୍ଗ ପରିବର୍ତ୍ତନ କରିଛନ୍ତି। ରାଜ୍ୟ ବିଜେପି ସରକାରଙ୍କ ନିଜସ୍ୱ ଯୋଜନା ବୋଲି କିଛି ନାହିଁ। ସରକାରଙ୍କର ଏହି ନିଷ୍ପତ୍ତି ଛାତ୍ର ଓ ଯୁବକଯୁବତୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ତେଣୁ ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦୃଢ଼ ଦାବି କରିଥିଲେ।

# ଖାନଗରର ହାଇସ୍କୁଲ୍‌ର ୧୯୮୫ ବ୍ୟାଚ ବନ୍ଧୁମିଳନ




କଟକ,୨୩।୨(ସଂଚାର ବ୍ୟୁରୋ) : କଟକ ଖାନନଗର ହାଇସ୍କୁଲର ୧୯୮୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ-୨୦୨୬ ନଖରା କୁରାଙ୍ଗ ଶାସନସ୍ଥିତ ଆମ୍ରପଲି ରିସର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରମାନେ ସ୍କୁଲ୍‌ର ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ୧୯୮୫ ବ୍ୟାଚର ମାନସ ଧଳଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ ବ୍ୟାଚର ହୋଟେଲ ଶିଳ୍ପରେ ଖ୍ୟାତି ଅର୍ଜନ କରିଥିବା ଡ. ସୌଭାଗ୍ୟ ମହାପାତ୍ର ଓ ବିଶିଷ୍ଟ ଲେଖିକା ଇତିରାଣୀ ସାମନ୍ତ ଉପସ୍ଥିତ ଥିଲେ। ସର୍ବଶେଷରେ ପ୍ରତିବର୍ଷ ପରି ଚଳିତ ବର୍ଷ ବ୍ୟାଚ ପକ୍ଷରୁ ୫୧ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଶେଷରେ ଆୟୋଜକ ଶିଶିର କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅମିତ ସାହୁଙ୍କ ବିୟୋଗରେ ଶୋକସଭା



ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ): ଆଜି ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସମ୍ପାଦକ ଅମିତ ସାହୁଙ୍କ ଅକାଳ ଦେହାନ୍ତରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଅମିତ୍ ଦୁର୍ଭାଗ୍ୟଜନକ ଭାବେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଖବର ସମଗ୍ର ଛାତ୍ର ସଂଗଠନକୁ ଶୋକରେ ବୁଡ଼ାଇ ଦେଇଛି ବୋଲି ବିଜୁ ଛାତ୍ର ସଭାପତି ଈପ୍ସିତା ସାହୁ କହିଛନ୍ତି। ଛାତ୍ର ସଂଗଠନର କର୍ମୀମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଦଳ ପ୍ରତି ଅମିତଙ୍କ ନିଷ୍ଠା ଓ ସଂଗଠନ ପ୍ରତି ସମର୍ପଣ ସବୁବେଳେ ସ୍ମରଣୀୟ ହୋଇ ରହିବ ସେ କହିଛନ୍ତି।

## ଶେଷ ଦିନରେ ଟାଟା ପାୱାର୍ ଟାରିଫ ଦରଖାସ୍ତର ଶୁଣାଣି

# ବିଦ୍ୟୁତ୍ ଦର ବୃଦ୍ଧି ପାଇଁ ଗ୍ରୀଡକୋ ସମ୍ପୂର୍ଣ୍ଣ ଦାୟୀ




ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ): ଗତ ୮ ବର୍ଷ ଧରି ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ଜାତୀୟ ହାରାହାରି ଟାରିଫ ତୁଳନାରେ ଅଧିକ ପରିଶୋଧ କରୁଛନ୍ତି। ସେଥିପାଇଁ ଗ୍ରୀଡକୋ ସମ୍ପୂର୍ଣ୍ଣ ଦାୟୀ, କାରଣ ବିତରଣ କମ୍ପାନୀ ଏହାର ସମୁଦାୟ ବାର୍ଷିକ ଖର୍ଚ୍ଚର ୭୦ ପ୍ରତିଶତ ବିଦ୍ୟୁତ୍ କ୍ରୟ ବାବଦକୁ ଗ୍ରୀଡ୍‌କୋକୁ ପରିଶୋଧ କରୁଛି। ଗତ ୨୦୦୬-୦୭ରୁ ୨୦୨୫-୨୬ ମଧ୍ୟରେ ଉପଭୋକ୍ତା ଟାରିଫ ୯୮ ପ୍ରତିଶତ ବୃଦ୍ଧି ପଛରେ ଗ୍ରୀଡ୍‌କୋର ପାଇକାରୀ ମୂଲ୍ୟ ବୃଦ୍ଧି ସମ୍ପୂର୍ଣ୍ଣ ଦାୟୀ। ବିଦ୍ୟୁତ ଉତ୍ପାଦନ କମ୍ପାନୀମାନଙ୍କର ଆକଳିତ ଟାରିଫକୁ ଉପଭୋକ୍ତା ଆଜି ପର୍ଯ୍ୟନ୍ତ ବହନ କରି ଆସୁଥିଲେ ବି ତା'ର ବାସ୍ତବତାକୁ ହିସାବ କରିବାରେ ଗ୍ରୀଡ୍‌କୋ ବିଫଳ ହୋଇଛି। ଫଳରେ ଉପଭୋକ୍ତା ଅଧିକ ବିଲ୍ ଭରଣା କରୁଛନ୍ତି। ଓଡ଼ିଶାରେ ଉପଲବ୍ଧ ଶସ୍ତା ବିଦ୍ୟୁତ୍‌କୁ ଗ୍ରୀଡ୍‌କୋ ନ କିଣି କେନ୍ଦ୍ରଠାରୁ ମହାଙ୍ଗା ଦରରେ ଖରିଦ୍ କରୁଛି। ଫଳରେ ଉପଭୋକ୍ତାମାନଙ୍କୁ ଅଧିକ ବିଦ୍ୟୁତ୍ ମୂଲ୍ୟ ପରିଶୋଧ କରିବାକୁ ପଡୁଛି ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଅଭିଯୋଗ କରିଥିବା ବେଳେ ଏହାର ସମାଧାନ ପାଇଁ ଓଇଆର୍‌ସି ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷର ଖୁଚୁରା ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ପାଇଁ ଆଜି ଶେଷ ଦିନରେ ବୁର୍ଲାଠାରେ ଟାଟା ପାୱାର ପଶ୍ଚିମ ଓଡିଶା ବିତରଣ କମ୍ପାନୀର ରାଜସ୍ୱ ଆବଶ୍ୟକତା ଓ ଟାରିଫ ଦରଖାସ୍ତ ଉପରେ କମିଶନ୍ ଜନଶୁଣାଣି କରିଛନ୍ତି। ପ୍ରାରମ୍ଭରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ ୨୦୨୬-୨୭ରେ ଗ୍ରୀଡ୍‌କୋଠାରୁ ୧୧ ହଜାର ୯୫୩ ନିୟୁତ ୟୁନିଟ କ୍ରୟ କରି ୧୦ ହଜାର ୩୨୨ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରି କରିବା ପାଇଁ ୬୮୬୨ କୋଟି ଟଙ୍କା ଆବଶ୍ୟକ କରୁଛି। ଟାରିଫ ଦରଖାସ୍ତଗୁଡ଼ିକର ସମୀକ୍ଷା ପାଇଁ କମିଶନ୍ ନିଯୁକ୍ତ କରିଥିବା ଉପଭୋକ୍ତା ଉପଦେଷ୍ଟା ଡିଲୋଇଟ କମ୍ପାନୀ ସଂକ୍ଷିପ୍ତ ଉପସ୍ଥାପନ କରିବା ପରେ ପ୍ରଥମ ଆପତିକର୍ତ୍ତା ପୂର୍ବାଞ୍ଚଳ ରେଳପଥ ପ୍ରତିନିଧି ରିହାତି ମୂଲ୍ୟରେ ବିଦ୍ୟୁତ୍ ଯୋଗାଣ ପାଇଁ ନିବେଦନ କରିଥିଲେ। ପୂର୍ବତନ ବିଦ୍ୟୁତ ନିରୀକ୍ଷକ ଅକ୍ଷୟ ସାହାଣି କହିଛନ୍ତି, ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପାଇଁ କମିଶନ୍ ଜାରି କରିଥିବା ନିୟମକୁ ବିତରଣ କମ୍ପାନୀ ବାରମ୍ବାର ଭଙ୍ଗ କରୁଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶିଳ୍ପ ସଂଘର ପକ୍ଷ ରଖି ପାୱାରଟେକ ପରାମର୍ଶଦାତା ବିଭୁ ସ୍ୱାଇଁ କହିଛନ୍ତି ଯେ ଗତ ୫ ବର୍ଷରେ ୧୦ ପ୍ରତିଶତ କ୍ଷତି କମିଥିଲେ ବି ତା'ର ସୁଫଳ ଉପଭୋକ୍ତାଙ୍କୁ ମିଳିନାହିଁ। ତେଣୁ ଶିଳ୍ପ ବିଦ୍ୟୁତ ମୂଲ୍ୟକୁ କମ୍ କରାଯିବା ଦରକାର। ଗ୍ରୀଡ୍‌କୋର ପୂର୍ବତନ ବାଣିଜ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନ କହିଛନ୍ତି ଯେ ଅନେକ ଶିଳ୍ପ ଉପଭୋକ୍ତାଙ୍କ ବିଦ୍ୟୁତ୍ ବ୍ୟବହାର କମ୍ ରହିଥିଲେ ବି ସେମାନଙ୍କୁ ସୁରକ୍ଷା ଜମା ଫେରସ୍ତ କରାଯାଇନାହିଁ। ଆସନ୍ତା ମାସ ଶେଷ ସପ୍ତାହରେ କମିଶନ୍ ଆସନ୍ତା ବର୍ଷର ବିଦ୍ୟୁତ୍ ମୂଲ୍ୟ ସଂକ୍ରାନ୍ତ ଆଦେଶ ଜାରି କରିବେ।

# ସ୍ଥାୟୀ ଗୋଶାଳା ପାଇଁ ଅଞ୍ଚଳବାସୀଙ୍କ ଦାବି

ସତ୍ୟବାଦୀ, ୨୩।୨ (ସଂଚାର ବ୍ୟୁରୋ): ସାକ୍ଷୀଗୋପାଳ ଏକ ପର୍ଯ୍ୟଟନ ସ୍ଥଳ ହେଇଥିବାରୁ ପ୍ରତ୍ୟହ ଏଠାକୁ ଶହ ଶହ ପର୍ଯ୍ୟଟକ ଦର୍ଶନ ପାଇଁ ଆସିଥାନ୍ତି। ଫଳରେ ବସ୍‌ଠାରୁ କାର୍ ପର୍ଯ୍ୟନ୍ତ ବହୁ ୪ଚକିଆ ଯାତ୍ରୀବାହୀ ଗାଡି ଏହି ସ୍ଥାନକୁ ଯାତାୟାତ କରିଥାଏ। ତେବେ ଗୋଶାଳାଟିଏ ନଥିବାରୁ ଶତାଧିକ ଗୋବଂଶ ସାକ୍ଷୀଗୋପାଳଙ୍କ ମନ୍ଦିର ସାମ୍ନାରେ ବିଚରଣ କରିବା ଯୋଗୁଁ ପ୍ରତିଦିନ କିଛି ନାଁ କିଛି ଦୁର୍ଘଟଣା ଘଟି ଗାଈଗୋରୁଗୁଡିକ ମୃତାହତ ହେଉଛନ୍ତି। ମନ୍ଦିର ପ୍ରଶାସନ ମୋଟା ଅଙ୍କର ପାର୍କିଂ ଫି ଆଦାୟ କରୁଥିଲେ ବି ଗୋରୁଗାଈଙ୍କ ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ନନେବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଯାତ୍ରୀବାହି ଗାଡିଗୁଡିକ ଦୁର୍ଘଟଣା ଘଟାଇ ଯିବାପରେ ଆହତ ଗୋରୁମାନଙ୍କୁ କେବଳ ଗୋସେବକମାନେ ଚିକିତ୍ସା କରାଉଛନ୍ତି। ବାରମ୍ବାର ଦାବି ହେଲେ ବି ମନ୍ଦିର ପ୍ରଶାସନ କାହିଁକି ବନ୍ଦୋବସ୍ତ କରୁନି ତାହା ଜଣାପଡୁନି। ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଏଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଔପନିବେଶିକ ଐତିହ୍ୟରୁ ରାଷ୍ଟ୍ରପତି ଭବନ ମୁକ୍ତ



## ହଟିଲା ଏଡ୍‌ୱିନ ଲୁଟିୟେନ୍ସଙ୍କ ମୂର୍ତ୍ତି

ନୂଆଦିଲ୍ଲୀ, ୨୩।୨: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ ଚକ୍ରବର୍ତ୍ତି ରାଜଗୋପାଲଚାରୀଙ୍କ ପ୍ରତିମା ଅନାବରଣ କରିଛନ୍ତି। ଏନେଇ ରାଷ୍ଟ୍ରପତିଙ୍କ ଅଧିକାରୀକ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରାଯାଇଛି। ଏଥିରେ ଅଶୋକ ମଣ୍ଡପ ନିକଟସ୍ଥ ଗ୍ରାଣ୍ଡ ଓପନ ସିଡ଼ିରେ ରାଜଗୋପାଲଚାରୀଙ୍କ ମୂର୍ତ୍ତି ଏଡ୍‌ୱିନ ଲୁଟିୟେନସଙ୍କ ମୂର୍ତ୍ତିର ସ୍ଥାନ ନେଇଥିବା ଉଲ୍ଲେଖ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ ଏହି ପଦକ୍ଷେପ ଔପନିବେଶିକ କାଳର ଐତିହ୍ୟରୁ ଆଗକୁ ବଢ଼ିବାକୁ ଓ ଦେଶର ଇତିହାସକୁ ଆକାର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମହାନ ଭାରତୀୟ ନେତାମାନଙ୍କୁ ମାନ୍ୟତା ଦେବାର ବ୍ୟାପକ ରାଷ୍ଟ୍ରୀୟ ପ୍ରୟାସର ପ୍ରତୀକ। ରାଷ୍ଟ୍ରପତି କହିଛନ୍ତି ଯେ ରାଜଗୋପାଲଚାରୀ ଜଣେ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ବିଦ୍ୱାନ ଥିଲେ। ସେ ୧୯୪୮ରୁ ୧୯୫୦ ମସିହା ପର୍ଯ୍ୟନ୍ତ ଭାରତର ଶେଷ ଗଭର୍ଣ୍ଣର ଜେନେରାଲ ରୂପେ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜେ.ପି.ନଡ୍ଡା, ବୈଦେଶିକ ମନ୍ତ୍ରୀ ଡ.ସୁବ୍ରହ୍ମଣିୟମ ଜୟଶଙ୍କର, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ସୂଚନା ଓ ପ୍ରସାରଣ ରାଜ୍ୟମନ୍ତ୍ରୀ ଡ.ଏଲ.ମୁରୁଗାନ ଓ ରାଜାଜୀଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଔପନିବେଶିକ ମାନସିକତାର ଅବଶେଷକୁ ସମାପ୍ତ କରିବା ଓ ଭାରତର ସମୃଦ୍ଧ ସଂସ୍କୃତି, ଐତିହ୍ୟ, ଶାଶ୍ୱତ ପରମ୍ପରାକୁ ଗର୍ବର ସହ ଆପଣେଇବା ତଥା ଭାରତ ମାତାଙ୍କ ସେବାରେ ଅସାଧାରଣ ଯୋଗଦାନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନୀତ କରିବା ଦିଗରେ ପ୍ରୟାସର ଅଂଶବିଶେଷ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ରାଜାଜୀ ଉତ୍ସବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଡ୍‌ୱିନ ଲୁଟିୟେନସଙ୍କ ସ୍ଥାନରେ ସି.ରାଜଗୋପାଲଚାରୀଙ୍କ ପ୍ରତିମାର ଲୋକାର୍ପଣ କରିଛନ୍ତି। ଯାହା ଔପନିବେଶିକ ଐତିହ୍ୟରୁ ମୁକ୍ତିଲାଗି ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

# ପଶ୍ଚିମବଙ୍ଗ ଜନତାଙ୍କୁ ଚିଠି ଲେଖିଲେ ମୋଦି



ନୂଆଦିଲ୍ଲୀ, ୨୩।୨: ଚଳିତ ବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ସମ୍ବୋଧିତ କରି ଏକ ଚିଠି ଲେଖିଛନ୍ତି। ଏହାକୁ ନିର୍ବାଚନ ପ୍ରଚାରର ଆରମ୍ଭ ମଧ୍ୟ ବୋଲି ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ବଙ୍ଗଳା ଓ ହିନ୍ଦୀରେ ଚିଠି ଲେଖିଛନ୍ତି। ଚିଠିରେ ପ୍ରଧାନମନ୍ତ୍ରୀ ମୋଦୀ ଏବର ବିଜେପି ସରକାର ସ୍ଲୋଗାନକୁ ପ୍ରାଥମିକତା ଦେଇଛନ୍ତି। ସେ ଅବୈଧ ପ୍ରବାସ ଓ ମହିଳା ବିରୋଧୀ ହିଂସା ଉପରେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗର ଜନସାଧାରଣଙ୍କୁ ଚିଠିରେ ପ୍ରଧାନମନ୍ତ୍ରୀ ମୋଦୀ ରାଜ୍ୟକୁ ସମୃଦ୍ଧ ଓ ସୁରକ୍ଷିତ କରିବା ପାଇଁ ବିକାଶ ତଥା ଅଭିବୃଦ୍ଧିର ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଚିଠିରେ ସୋନାର ବାଙ୍ଗଲା ସ୍ୱପ୍ନକୁ ସାକାର କରିବା ଓ ମହିଳାଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ସେ ଲେଖିଛନ୍ତି ଯେ "ସୋନାର ବାଙ୍ଗଲା ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ବ୍ୟକ୍ତି ଦୁଃଖିତ।ଚିଠିରେ ପ୍ରଧାନମନ୍ତ୍ରୀ ଅନେକ ଯୋଜନାର ମଧ୍ୟ ଉଲ୍ଲେଖ କରିଛନ୍ତି। ରାଜ୍ୟର ଲୋକମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ, ସେମାନେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଉଜ୍ଜ୍ୱଳା ଯୋଜନା ଭଳି କେନ୍ଦ୍ର ସରକାରଙ୍କ ଯୋଜନାରୁ ଉପକୃତ ହେଉଛନ୍ତି। ଏହି ଯୋଜନାଗୁଡ଼ିକ ଆପଣଙ୍କ ଜୀବନକୁ ସହଜ କରିଛି। ଆପଣଙ୍କ ପରି ଲକ୍ଷ ଲକ୍ଷ ପରିବାର ଏହି ଯୋଜନାରୁ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି।

### ତିରୁପତି ବାଲାଜୀ ମନ୍ଦିର ପ୍ରସାଦ ବିବାଦ

## ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଆବେଦନ ଖାରଜ



ନୂଆଦିଲ୍ଲୀ, ୨୩।୨: ତିରୁପତି ବାଲାଜୀ ମନ୍ଦିର ପ୍ରସାଦ ମାମଲାରେ ସୁବ୍ରମଣ୍ୟମ ସ୍ୱାମୀଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଆନ୍ଧ୍ରପ୍ରଦେଶ ସରକାର ଭେଜାଲ ପ୍ରସାଦ ମାମଲାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଯାହା ଉପରେ ଏକ ଆବେଦନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, ଏସ୍‌ଆଇଟି ଓ ପ୍ରଶାସନିକ ତଦନ୍ତ ଉଭୟ ଏକକାଳୀନ ଚାଲିପାରିବ, କାରଣ ସେମାନଙ୍କର ପରିସର ଭିନ୍ନ ଭିନ୍ନ। ତିରୁପତି ବାଲାଜୀ ମନ୍ଦିର ପ୍ରସାଦ ବିବାଦରେ ସୁବ୍ରମଣ୍ୟମ୍ ସ୍ୱାମୀ ଭେଜାଲ ପ୍ରସାଦ ଉପରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପ୍ରଶାସନିକ ତଦନ୍ତ ଉପରେ ସ୍ଥଗିତାଦେଶ ଲଗାଇବାକୁ ଆବେଦନ କରିଥିଲେ। ସ୍ୱାମୀଙ୍କ ଆବେଦନ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଆଇନଜୀବୀ କହିଥିଲେ, ଏହି ଆବେଦନ କେବଳ ବିଭାଗର କାର୍ଯ୍ୟାନୁଷ୍ଠାନକୁ ପଥଭ୍ରଷ୍ଟ କରିବା ପାଇଁ ଦାୟର କରାଯାଇଥିଲା। ଏସମ୍ପର୍କରେ, ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ତାଙ୍କର ଚିନ୍ତା ହେଉଛି କୌଣସି ଓଭରଲାପ୍ ନ ହେବା ନିଶ୍ଚିତ କରିବା। ମାମଲାଟି ବର୍ତ୍ତମାନ ବିଚାରାଧୀନ ଅଛି। ରାଜ୍ୟ ସରକାର ତ୍ରୁଟିର ପ୍ରକୃତି, ଏଥିପାଇଁ କିଏ ଦାୟୀ ଏବଂ ତ୍ରୁଟିର ପରିଣାମ ନିର୍ଣ୍ଣୟ କରିବା ପାଇଁ ଏକ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ରାଷ୍ଟ୍ର ନିର୍ମାଣରେ ବିଶ୍ୱାସ କରେ ସଂଘ



ନୂଆଦିଲ୍ଲୀ, ୨୩।୨: ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ହିନ୍ଦୁତ୍ୱ ରାଜନୀତି କରୁନାହିଁ, ବରଂ ଏହା ବ୍ୟକ୍ତିଗତ ବିକାଶ ମାଧ୍ୟମରେ ଏକ ଶକ୍ତିଶାଳୀ ସମାଜ ଓ ରାଷ୍ଟ୍ର ଗଠନରେ ବିଶ୍ୱାସ କରେ ବୋଲି ସଂଘ ମୁଖ୍ୟ ମୋହନ ଭାଗବତ କହିଛନ୍ତି। ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭାଗବତ କହିଛନ୍ତି, ସଂଘ ବ୍ୟକ୍ତିଗତ ବିକାଶରେ ବିଶ୍ୱାସ କରେ, କାରଣ କେବଳ ଦୃଢ଼ ବ୍ୟକ୍ତି ହିଁ ଏକ ଦୃଢ଼ ସମାଜ ଓ ରାଷ୍ଟ୍ର ଗଠନ କରିପାରିବ। ଆର୍‌ଏସ୍‌ଏସ୍‌ର ବାସ୍ତବତା କେହି ବାହାରୁ ବୁଝିପାରିବେ ନାହିଁ। କେତେକ ଲୋକ ଏହାକୁ ଏହାକୁ ଏକ ଅର୍ଦ୍ଧସମାଗରିକ ସଙ୍ଗଠନ ବୋଲି ଭାବନ୍ତି, କିନ୍ତୁ ଆର୍‌ଏସ୍‌ଏସ୍ ହେଉଛି ଏକ ସାମାଜିକ ଶକ୍ତି, ଯାହା କୌଣସି ସୀମାରେ ଆବଦ୍ଧ ନହୋଇ କାମ କରୁଛି। ବିଶ୍ୱ ଏବେ ଭାରତକୁ ନେତୃତ୍ୱ ଭୂମିକାରେ ଦେଖିବାକୁ ଚାହେଁ। ସଂଘ କାର୍ଯ୍ୟରେ ଯୋଗ ଦେଇ ସମାଜ ଓ ରାଷ୍ଟ୍ରକୁ ଅଧିକ ଶକ୍ତିଶାଳୀ କରିବାକୁ ସେ ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ। ଜନ୍ମଭୂମି ପାଇଁ ଭଲ ପାଇବା ରହିବା ଖୁବ୍ ଜରୁରୀ ଅଟେ। ବିଶ୍ୱ ସତ୍ୟଠାରୁ ଅଧିକ ଶକ୍ତିକୁ ବିଶ୍ୱାସ କରେ, ତେଣୁ ଶକ୍ତି ଜୁଟେଇବା ସବୁଠୁ ଆବଶ୍ୟକ, କିନ୍ତୁ ଏହାର ବ୍ୟବହାର ସବୁବେଳେ କଟକଣାଯୁକ୍ତ ହେବା ଉଚିତ୍।

## କୁମ୍ଭକାରଙ୍କୁ କୋଟିଏ ଟଙ୍କାର ଜିଏସ୍‌ଟି ନୋଟିସ

ନୂଆଦିଲ୍ଲୀ, ୨୩।୨: ଉତ୍ତରପ୍ରଦେଶ ରାୟବରେଲିର ଜଣେ କୁମ୍ଭକାର ମହମ୍ମଦ ସଇଦଙ୍କୁ ନିକଟରେ ୧ କୋଟିରୁ ଅଧିକ ଟଙ୍କାର ଜିଏସଟି ନୋଟିସ୍ ମିଳିଛି। ସେଥିରେ ତାଙ୍କ ନାମରେ ବିହାରରେ ୬ଟି କମ୍ପାନି ଥିବା ଉଲ୍ଲେଖ ରହିଛି। ସେହି କମ୍ପାନି ଜରିଆରେ ସେ ଲକ୍ଷ ଲକ୍ଷ ଟଙ୍କାର ଜିଏସଟି ଚୋରି କରିଥିବା ଦର୍ଶାଯାଇଛି। ନୋଟିସ୍ ପାଇବା ପରେ ସଇଦ ଗଭୀର ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି। ଏଭଳି ଜାଲିଆତି କରିବାକୁ ତାଙ୍କର ପ୍ୟାନ୍ ଏବଂ ଆଧାର କାର୍ଡ ବିବରଣୀର ଅପବ୍ୟବହାର ହୋଇଥିବା ସେ ଆଶଙ୍କା ପ୍ରକାଶ କରିଛନ୍ତି। ୪ ମାସ ପୂର୍ବରୁ ତାଙ୍କୁ ନବରାତ୍ରୀ ସମୟରେ ପ୍ରଥମେ ଏକ ଜିଏସଟି ନୋଟିସ୍ ମିଳିଥିଲା। ନିରକ୍ଷର ହୋଇଥିବାରୁ ସେ ଚିଠିକୁ ଏତେ ଗୁରୁତ୍ୱ ଦେଇନଥିଲେ। ପରେ ଫେବୃଆରୀ ୧୫ରେ ତାଙ୍କୁ ଆଉ ଏକ ନୋଟିସ୍ ମିଳିଥିଲା। ଚିଠିରେ କିଛି ଗୁରୁତ୍ୱପୂର୍ଣ୍ଣ କଥା ଥାଇପାରେ ଭାବି ସେ ଜଣେ ଗାଁ ଲୋକଙ୍କୁ ତାହା ପଢ଼ି ଶୁଣାଇବାକୁ କହିଥିଲେ। ବ୍ୟକ୍ତିଜଣକ ତାହା ପଢ଼ିବା ପରେ ତାଙ୍କ ପାଦତଳୁ ଯେପରି ମାଟି ଖସିଗଲା। ଏହାପରେ ନିରୁପାୟ ସଇଦ ଏବଂ ତାଙ୍କ ପରିବାର ଜିଲ୍ଲାପାଳଙ୍କ ଅଫିସରେ ହାଜର ହୋଇ ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ଅଭିଯୋଗପତ୍ରରେ ସଇଦ୍ ଦର୍ଶାଇଛନ୍ତି, ବହୁ ବର୍ଷ ତଳେ ତାଙ୍କ ଗାଁର ଜଣେ ଲୋକ ତାଙ୍କୁ ଏକ ଋଣ ପାଇଁ ଆବେଦନ କରିବାକୁ ପ୍ୟାନ୍ ଏବଂ ଆଧାର କାର୍ଡ ପାଇବାରେ ସାହାଯ୍ୟ କରିଥିଲେ। ପରେ ସେ ଦସ୍ତାବିଜକୁ ହଜାଇ ମଧ୍ୟ ଦେଲେ। ସେହି ଦସ୍ତାବିଜକୁ ବ୍ୟବହାର କରି ଜାଲ୍ କମ୍ପାନି ବନାଯାଇଥିବା ନେଇ ସେ ଆଶଙ୍କା ପ୍ରକାଶ କରିଛନ୍ତି।

# ନାଗରିକଙ୍କୁ ଇରାନ ଛାଡ଼ିବାକୁ ଭାରତର ପରାମର୍ଶ



ତେହେରାନ, ୨୩।୨: ଆମେରିକା-ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଓ ଛାତ୍ର ଆନ୍ଦୋଳନ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି। ଇରାନରେ ସ୍ଥିତି ଅଶାନ୍ତ ରହିଥିବାବେଳେ ଭାରତ ସୋମବାର ଏହାର ନାଗରିକଙ୍କୁ ତୁରନ୍ତ ତେହେରାନ ଛାଡ଼ିବାକୁ କହିଛି। ଇରାନରେ ରହୁଥିବା ଭାରତୀୟ ଯେକୌଣସି ପରିବହନ ମାଧ୍ୟମ ଦେଇ ସେଠାରୁ ଚାଲିଆସିବାକୁ କୁହାଯାଇଛି। ତେହେରାନରେ ଥିବା ଭାରତୀୟ ଦୂତାବାସ ସଦ୍ୟତମ ପରାମର୍ଶବଳୀ ଜାରି କରିଛି। ଏହାପୂର୍ବରୁ ଚଳିତ ମାସ ଜାନୁଆରି ୫ ତାରିଖରେ ମଧ୍ୟ ଭାରତୀୟ ଦୂତାବାସ ପକ୍ଷରୁ ଏପରି ପରାମର୍ଶବଳୀ ଜାରି କରିଥିଲା। ଜାନୁଆରି ୧୪ରେ ଭାରତୀୟ ନାଗରିକ ଓ ଭାରତୀୟ ବଂଶୋଦ୍ଭବଙ୍କୁ ସତର୍କତା ଅବଲମ୍ବନ କରିବା, ବିରୋଧ ପ୍ରଦର୍ଶନ ଚାଲିଥିବା ଅଞ୍ଚଳଠାରୁ ଦୂରେଇ ରହିବାକୁ ସତର୍କ କରାଇଥିଲା।

ସୋମବାର ତେହେରାନସ୍ଥିତ ଭାରତୀୟ ଦୂତାବାସ ବର୍ତ୍ତମାନ ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକ, ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କୁ ବାଣିଜ୍ୟିକ ବିମାନ ସମେତ ଯେକୌଣସି ଉପଲବ୍ଧ ପରିବହନ ମାଧ୍ୟମରେ ଦେଶ ଛାଡ଼ିବାକୁ କହିଛି। ଏହାସହିତ ଭାରତୀୟ ନାଗରିକଙ୍କୁ ସେମାନଙ୍କର ପରିଚୟପତ୍ର ଏବଂ ପାସପୋର୍ଟ ଭଳି ଇମିଗ୍ରେସନ ଏବଂ ଯାତ୍ରା ଡକ୍ୟୁମେଣ୍ଟଗୁଡ଼ିକ ନିଜ ପାଖରେ ରଖିବାକୁ ଏବଂ ଯେକୌଣସି ସହାୟତା ପାଇଁ ଦୂତାବାସ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଦୂତାବାସ ପକ୍ଷରୁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ଏହାସହିତ ଦୂତାବାସ ସହିତ ନିଜକୁ ପଞ୍ଜିକୃତ କରିବାକୁ କୁହାଯାଇଛି। ଯଦି ଇରାନରେ ଥିବା ବ୍ୟକ୍ତି ନିକଟରେ ଇଣ୍ଟରନେଟ୍ ବ୍ୟବସ୍ଥା ନଥିବ ତେବେ ସେମାନଙ୍କ ପରିବାର ଲୋକ ମଧ୍ୟ ପଞ୍ଜିକରଣ କରିପାରିବେ। ତେହେରାନରେ ଶନିବାର ଓ ରବିବାର ବଡ଼ଧରଣ ଛାତ୍ର ଆନ୍ଦୋଳନ ଦେଖାଯିବା ପରେ ଭାରତ ପକ୍ଷରୁ ଏହି ପରାମର୍ଶ ଜାରି କରାଯାଇଛି। ଅନ୍ୟପକ୍ଷରେ ଆମେରିକା ଓ ଇରାନ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଜେନେଭାଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ବୋଲି ଓମାନର ବିଦେଶ ମନ୍ତ୍ରୀ ବଦର୍ ଅଲ୍ ବୁସାଇଦି କହିଛନ୍ତି। ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନକୁ ୱାସିଂଟନ ସହିତ ବୁଝାମଣା କରିବାକୁ ମାତ୍ର ୧୦ ଦିନ ସମୟ ଦେଇଛନ୍ତି।

# ତେଜସ କ୍ରାସ ରିପୋର୍ଟକୁ ଖଣ୍ଡନ କଲା ହାଲ୍



ନୂଆଦିଲ୍ଲୀ, ୨୩।୨: ଗତକାଲି ଭାରତର ହାଲୁକା ଯୁଦ୍ଧ ବିମାନ ତେଜସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିଲା ଆଉ ଆଜି ରାଷ୍ଟ୍ରାୟତ୍ତ ଏରୋସ୍ପେସ୍ ପ୍ରମୁଖ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ ଖବରକୁ ଖଣ୍ଡନ କରିଛି। ଏହା ଗ୍ରାଉଣ୍ଡରେ ଏକ ଛୋଟ ଯାନ୍ତ୍ରିକ ସମସ୍ୟା ବୋଲି ହାଲ୍ କହିଛି। ହାଲ୍ ଏକ୍ସରେ ପୋଷ୍ଟ କରି ଲେଖିଛି "ଏଲସିଏ ତେଜସ୍ ନେଇ ସମ୍ପ୍ରତି ଗଣମାଧ୍ୟମ ରିପୋର୍ଟକୁ ହାଲ ସ୍ୱୀକାର କରୁଛି। ହେଲେ ଏଥିରେ ତଥ୍ୟଗତ ସ୍ପଷ୍ଟୀକରଣ ଦେବାକୁ ଚାହୁଁଛି। ଏଲ୍‌ସିଏ ତେଜସ୍ ଦୁର୍ଘଟଣାର କୌଣସି ରିପୋର୍ଟ ହୋଇ ନାହିଁ। ଏହି ଘଟଣାଟି ଗ୍ରାଉଣ୍ଡରେ ହୋଇଥିବା ଏକ ଛୋଟ ଯାନ୍ତ୍ରିକ ସମସ୍ୟା ଥିଲା।" କମ୍ପାନୀ ଆହୁରି କହିଛି ଯେ ତେଜସ୍ "ସାମ୍ପ୍ରତିକ ଲଢ଼ୁଆ ବିମାନ ମଧ୍ୟରେ ବିଶ୍ୱର ସର୍ବୋତ୍ତମ ସୁରକ୍ଷା ରେକର୍ଡ ମଧ୍ୟରୁ ଗୋଟିଏକୁ ବଜାୟ ରଖିଛି।" ଏବଂ ଏସଓପିର ଅଂଶ ଭାବରେ, ଏକ ଦ୍ରୁତ ସମାଧାନ ପାଇଁ ଆଇଏଏଫ୍ ସହିତ ସମନ୍ୱୟରେ ରଖି ସମସ୍ୟାର ଗଭୀର ବିଶ୍ଳେଷଣ କରାଯାଉଛି।

ମାସେ ତଳେ ଏକ ବୈଷୟିକ ଦୁର୍ଘଟଣାରେ ତେଜସ ହାଲୁକା ବିମାନ କ୍ରାସ ହୋଇଥିଲା ବୋଲି ମିଡିଆରେ ଖବର ପ୍ରକାଶ ପାଇଥିଲା। ଏହାପରେ ଏଲସିଏ ତେଜସକୁ ନେଇ ବାୟୁସେନା ମଧ୍ୟରେ କଡ଼ାକଡ଼ି ଯାଞ୍ଚ ଆରମ୍ଭ ହୋଇଯାଇଥିଲା। ଏନେଇ ଗଣମାଧ୍ୟମରେ ଖବର ଆସିବା ପରେ ହାଲକୁ ଏହି ସ୍ପଷ୍ଟୀକରଣ ଦେବାକୁ ପଡ଼ିଛି। ଚଳିତ ମାସ ଆରମ୍ଭରେ ଏକ ପ୍ରମୁଖ ବାୟୁସେନାର ଘାଟିର ଅପରେସନାଲ ଏରିଆରେ ଏହି ଘଟଣା ଘଟିଥିଲା। ଲଢ଼ୁଆ ବିମାନଟି ନିୟମିତ ତାଲିମ ଉଡ଼ାଣ ଭରୁଥିବା ବେଳେ କ୍ରାସ୍ ହୋଇଥିବା ରିପୋର୍ଟ କରାଯାଇଥିଲା। ତେବେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଇ ବାୟୁସେନା ମଧ୍ୟରେ ତଦନ୍ତ କରାଯାଉଛି। ବିମାନଟିର ଏୟାରଫ୍ରେମ୍ ଗୁରୁତର କ୍ଷତି ହୋଇଛି ଏବଂ ଏହା ନଷ୍ଟ ହୋଇପାରେ। ତଥାପି, ପାଇଲଟ୍ ସୁରକ୍ଷିତ ଭାବରେ ବାହାରକୁ ବାହାରି ଆସିଲେ ଏବଂ ତାଙ୍କୁ କୌଣସି ଗୁରୁତର ଆଘାତ ଲାଗି ନଥିଲା।

ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତୀୟ ବାୟୁସେନାରେ ସାମିଲ ହେବା ପରଠାରୁ ଏହା ତୃତୀୟ ତେଜସ୍ ବିମାନ, ଯାହା ନଷ୍ଟ ହୋଇଯାଇଛି। ପ୍ରଥମ ଦୁର୍ଘଟଣା ୨୦୨୪ ମାର୍ଚ୍ଚରେ ଜୈସଲମେର ନିକଟରେ ଘଟିଥିଲା। ସେତେବେଳେ ଏହି ଫାଇଟର ଜେଟଟି ନିଜର ଫାୟାରପାୱାର ପ୍ରଦର୍ଶନ କରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ପାଇଲଟ୍ ସୁରକ୍ଷିତ ଭାବରେ ବାହାରକୁ ବାହାରି ଆସିଥିଲେ। ଦ୍ୱିତୀୟ ଘଟଣା ନଭେମ୍ବର ୨୦୨୫ରେ ଦୁବାଇ ଏୟାରଶୋରେ ଏକ ଏରୋବେଟିକ୍ ପ୍ରଦର୍ଶନ ସମୟରେ ଘଟିଥିଲା। ଏଥିରେ ପାଇଲଟଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାର ତଦନ୍ତ ଏପର୍ଯ୍ୟନ୍ତ ଜାରି ରହିଛି।

# ଟିଏମସି ହେଭିୱେଟ୍ ମୁକୁଲ ରାୟଙ୍କ ପରଲୋକ



କୋଲକାତା, ୨୩।୨: ପଶ୍ଚିମବଙ୍ଗ ରାଜନୀତିର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ପୂର୍ବତନ କେନ୍ଦ୍ର ରେଳ ମନ୍ତ୍ରୀ ମୁକୁଲ ରାୟଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ରବିବାର ପ୍ରାୟ ୧ଟା ୩୦ ସମୟରେ କୋଲକାତାର ଆପୋଲୋ ହସ୍ପିଟାଲରେ ରାୟ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ହସ୍ପିଟାଲରେ ଭର୍ତ୍ତି ହେବା ପରଠାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିଲା ଏବଂ ସେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସହିତ ସଂଘର୍ଷ କରୁଥିଲେ। ଗତ କିଛି ବର୍ଷ ଧରି ମୁକୁଲ ରାୟଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲା। ୨୦୨୩ ମସିହାରେ ଡାକ୍ତରମାନେ ତାଙ୍କୁ ପାର୍କିନ୍ସନ୍ସ ରୋଗ ଏବଂ ଡିମେନ୍ସିଆ ରୋଗ ଚିହ୍ନଟ କରିଥିଲେ। ତାଙ୍କର ହାଇଡ୍ରୋସେଫାଲସ ପାଇଁ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା। ୨୦୨୪ ମସିହାରେ ମୁଣ୍ଡ ଆଘାତ ଏବଂ ଅନ୍ୟାନ୍ୟ ସ୍ନାୟୁଗତ ସମସ୍ୟା ପାଇଁ ତାଙ୍କୁ ଅନେକ ଥର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସମ୍ପ୍ରତି ହସ୍ପିଟାଲରେ ଭର୍ତ୍ତି ହେବା ପରେ ତାଙ୍କ ଅବସ୍ଥା ଗୁରୁତର ଘୋଷଣା କରାଯାଇଥିଲା। ତାଙ୍କ ପୁଅ ଶୁଭ୍ରାଂଶୁ କହିଛନ୍ତି, 'ସେ ଅନେକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ।'

ମୁକୁଲ ରାୟ ୧୭ ଏପ୍ରିଲ ୧୯୫୪ ମସିହାରେ ଉତ୍ତର ୨୪ ପରଗନା ଜିଲାର କାଞ୍ଚରାପଡ଼ାରେ ଜନ୍ମଗ୍ରହଣ କରିଥିଲେ। ସେ ଯୁବ କଂଗ୍ରେସ ସହିତ ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ। ୧୯୯୮ ମସିହାରେ, ସେ ମମତା ବାନାର୍ଜୀଙ୍କ ସହିତ ଅଖିଳ ଭାରତ ତୃଣମୂଳ କଂଗ୍ରେସ (ଟିଏମସି) ପ୍ରତିଷ୍ଠା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ମମତା ବାନାର୍ଜୀଙ୍କ ନିକଟତମ ସହଯୋଗୀ ଥିଲେ ଏବଂ ଟିଏମସିର ସାଧାରଣ ସମ୍ପାଦକ ହୋଇଥିଲେ। ୨୦୦୬ ମସିହାରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ।

ସେ ୨୦୧୭ ମସିହାରେ ଟିଏମସି ଛାଡ଼ି ନଭେମ୍ବରରେ ଭାଜପାରେ ଯୋଗ ଦେଇଥିଲେ। ବିଜେପିରେ ଥିବା ସମୟରେ, ସେ ଅନେକ ଟିଏମସି ନେତାଙ୍କୁ ଦଳକୁ ଆଣିବାରେ ସାହାଯ୍ୟ କରିଥିଲେ। ୨୦୧୯ ଲୋକ ସଭା ନିର୍ବାଚନରେ ଦଳକୁ ପଶ୍ଚିମବଙ୍ଗରେ ୧୮ ଟି ଆସନ ଜିତିବାରେ ସାହାଯ୍ୟ କରିଥିଲେ। ସେ ୨୦୨୧ ବିଧାନସଭା ନିର୍ବାଚନରେ ବିଜେପି ଟିକେଟରେ କୃଷ୍ଣନଗର ଉତ୍ତର ଆସନରୁ ବିଜୟୀ ହୋଇଥିଲେ, କିନ୍ତୁ ଜୁନ ୨୦୨୧ରେ ଟିଏମସିକୁ ଫେରି ଆସିଥିଲେ। ୧୩ ନଭେମ୍ବର, ୨୦୨୫ରେ କଲିକତା ହାଇକୋର୍ଟ ତାଙ୍କୁ ଦଳ ପରିବର୍ତ୍ତନ ବିରୋଧୀ ଆଇନ ଅନୁଯାୟୀ ବିଧାୟକ ପଦରୁ ଅଯୋଗ୍ୟ ଘୋଷଣା କରିଥିଲେ।

### ଅନ୍ତରୀଣ ସରକାର ବିରୋଧରେ ରାଷ୍ଟ୍ରପତିଙ୍କ ଅଭିଯୋଗ

# ସାମ୍ବିଧାନିକ ପଦକୁ ମାନୁନଥିଲେ ୟୁନୁସ



ଢାକା, ୨୩।୨: ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ପ୍ରାୟ ଦେଢ଼ ବର୍ଷ ପରେ ନିଜକୁ ମୁକ୍ତ ମନେକରୁଛନ୍ତି। ବାଂଲାଦେଶରେ ନୂଆ ସରକାର ଗଠନ ହେବା ଓ ଅନ୍ତରୀଣ ସରକାର ଭାଙ୍ଗିବା ପରେ ଶାହାବୁଦ୍ଦିନ ମହମଦ ୟୁନୁସ୍‌ଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବାଂଲାଦେଶର ଦୈନିକ ଖବରକାଗଜ 'କଲାର କାଣ୍ଠୋ'କୁ ଏକ ସାକ୍ଷାତକାର ଦେଇ ଅନ୍ତରୀଣ ପ୍ରଶାସନ ମୁଖ୍ୟ ମହମ୍ମଦ ୟୁନୁସ କେମିତି ତାଙ୍କ ପ୍ରାଧାନ୍ୟ ହ୍ରାସ କରିବାକୁ ତାଙ୍କୁ ଅନ୍ଧାରରେ ରଖୁଥିଲେ ତାହା କହିଛନ୍ତି।

ଅଗଷ୍ଟ ୨୦୨୪ରେ ଶେଖ୍ ହସିନାଙ୍କ ସରକାରର ପତନ ପରେ ୟୁନୁସ୍ ଅନ୍ତରୀଣ ପ୍ରଶାସନର ମୁଖ୍ୟ ଥିଲେ। ସେତେବେଳେ ଶାହାବୁଦ୍ଦିନ ସାମ୍ବିଧାନିକ ପଦବିରେ ଥିବା ଏକମାତ୍ର ବ୍ୟକ୍ତି ହୋଇଥିଲେ ମଧ୍ୟ ୟୁନୁସ୍ ତାଙ୍କୁ ହଟେଇବାକୁ ଆଗ୍ରହ ରଖିଥିଲେ। ତାଙ୍କ ବିଦେଶ ଯାତ୍ରା ସେମାନେ ବନ୍ଦ କରିଦେଇଥିଲେ। ସଂସଦୀୟ ନିର୍ବାଚନର କିଛି ଦିନ ପୂର୍ବରୁ ବାଂଲାଦେଶ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ୟୁନୁସ୍ ଏ ସମ୍ପର୍କରେ ତାଙ୍କୁ କିଛି ଜଣାଇନଥିଲେ। ଶାହାବୁଦ୍ଦିନ ୮ ଅଗଷ୍ଟ, ୨୦୨୪ରେ ୟୁନୁସଙ୍କୁ ଶପଥ ପାଠ କରାଇଥିଲେ ଏବଂ ୟୁନୁସ ୧୬ ଫେବୃଆରୀ, ୨୦୨୬ ପର୍ଯ୍ୟନ୍ତ ବାସ୍ତବରେ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।

ଅକ୍ଟୋବର ୨୨, ୨୦୨୪ର ରାତି କଥା ମନେପକାଇ ଶାହାବୁଦ୍ଦିନ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ବାସଭବନ ବଙ୍ଗଭବନକୁ ହିଂସ୍ରକ ଭିଡ଼ ଘେରି ଯାଇଥିଲେ ଓ ତାଙ୍କ ବହିଷ୍କାର ଦାବି କରିଥିଲେ। ସେହିଦିନ ରାତି ତାଙ୍କ ପାଇଁ ସବୁଠୁ ଭୟଙ୍କର ଥିଲା। ୟୁନୁସଙ୍କ ସମର୍ଥିତ ଲୋକ ତାଙ୍କୁ ହଟେଇବାକୁ ଚାହୁଥିଲେ। କିନ୍ତୁ ସେହି ସମୟରେ ତାଙ୍କୁ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି)ର ଓ ତିନି ସେନାର ସମର୍ଥନ ମିଳିଥିଲା। ସେ ବିଏନ୍‌ପି ମୁଖ୍ୟ ତଥା ବର୍ତ୍ତମାନର ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କର ମଧ୍ୟ ପ୍ରଶଂସା କରିଛନ୍ତି। ବିଏନ୍‌ପି ବ୍ୟତୀତ ସେନାର ତିନି ଶାଖା ପକ୍ଷରୁ ତାଙ୍କୁ ନିସନ୍ଦେହ ସମର୍ଥନ ମିଳିଥିଲା। ଶାହାବୁଦ୍ଦିନ କହିଛନ୍ତି ମୁଖ୍ୟ ପରାମର୍ଶଦାତା ସମ୍ବିଧାନର କୌଣସି ବ୍ୟବସ୍ଥାକୁ ମାନୁନଥିଲେ। ବାଂଲା ରାଷ୍ଟ୍ରପତି ଅଭିଯୋଗ କରିଛନ୍ତି ଯେ, ୟୁନୁସ୍ କୌଣସି ସଂସ୍ଥାଗତ ସମନ୍ୱୟ ରକ୍ଷା କରୁନଥିଲେ କିମ୍ବା ବିଦେଶ ଗସ୍ତ, ଚୁକ୍ତିନାମା ଏବଂ ନୀତିଗତ କାର୍ଯ୍ୟ ସମେତ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ନିଷ୍ପତ୍ତି ବିଷୟରେ ତାଙ୍କୁ ଅବଗତ କରୁନଥିଲେ।

### ଦାନ ବାକ୍ସରୁ ମିଳିଲା ଅଜବ ଚିଠି

# 'ଶାଶୂଙ୍କଠାରୁ ମତେ ମୁକ୍ତି ଦିଅ'



ବେଙ୍ଗାଲୁରୁ, ୨୩।୨: ସାଧାରଣତଃ ଲୋକମାନେ ମନ୍ଦିରକୁ ଯାଇ ସେମାନଙ୍କ ପରିବାରର ଦୀର୍ଘ ଜୀବନ, ସୁସ୍ଥତା କିମ୍ବା ଶାନ୍ତି ପାଇଁ ପ୍ରାର୍ଥନା କରନ୍ତି। କିନ୍ତୁ କେହି କାହା ପରିବାରର ମୃତ୍ୟୁ ମାଗିବ ତାହା କେବେ କେହି ବିଶ୍ୱାସ ମଧ୍ୟ କରିବା କଷ୍ଟକର। କର୍ଣ୍ଣାଟକର ବେଲାଗାଭି ଜିଲାର ଜଣେ ବ୍ୟକ୍ତି ତାଙ୍କ ପରିବାରର ଜଣ ସଦସ୍ୟଙ୍କ ମୃତ୍ୟୁ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଏବଂ ମନ୍ଦିର ଦାନ ବାକ୍ସ ଭିତରେ ସେହି ପ୍ରାର୍ଥନାକୁ ସିଧା ରଖି ଦେଇଥିଲେ।

ହୁଲିକୁଣ୍ଟେଶ୍ୱର ମନ୍ଦିରର ମନ୍ଦିର କର୍ତ୍ତୃପକ୍ଷ ସମ୍ପ୍ରତି ଏକ ମନ୍ଦିର ମେଳା ପରେ ଦାନ ଗଣନା କରିବା ସମୟରେ ଏଭଳି ଅବିଶ୍ୱସନୀୟ ଚିଠି ପାଇଥିଲେ। ଏକ ଶହେ ଟଙ୍କିଆ ନୋଟରେ ଶାଶୁଙ୍କ ମୃତ୍ୟୁ କାମନା କରି ଜଣେ ବ୍ୟକ୍ତି ନୋଟକୁ ହୁଣ୍ଡିରେ ପକାଇ ଦେଇଥିଲେ। ନୋଟରେ ଲେଖାଥିଲା, "ହେ ଭଗବାନ, ମୋର ଦୁଃଖ ଦୂର କରନ୍ତୁ। ଆସନ୍ତା ବର୍ଷର ଯାତ୍ରା ପୂର୍ବରୁ ମୋ ଶାଶୁଙ୍କ ମୃତ୍ୟୁ ହେଉ।" ମନ୍ଦିର କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଗଲେ, କାରଣ ବାର୍ତ୍ତାରେ କୌଣସି ନାମ କିମ୍ବା ସୂଚନା ନଥିଲା ଯେ ଏହା ଜଣେ ବୋହୂଙ୍କଠାରୁ ଆସିଥିଲା କି ଜ୍ୱାଇଁଙ୍କଠାରୁ। ଅଧିକାରୀମାନେ କହିଛନ୍ତି ଯେ ଭକ୍ତମାନେ ସାଧାରଣତଃ ସନ୍ତାନ ଜନ୍ମ, ଚାକିରି, ସୁରକ୍ଷା, ସମୃଦ୍ଧି କିମ୍ବା ସାଧାରଣ ମଙ୍ଗଳ ଭଳି ଆଶୀର୍ବାଦ ପାଇଁ ପ୍ରାର୍ଥନା ଲେଖନ୍ତି। କାହାର ମୃତ୍ୟୁ ପାଇଁ କାମନା କରିବା ଅତ୍ୟନ୍ତ ବିରଳ ଏବଂ ଏହା ମନ୍ଦିର ପରିଚାଳନା ଏବଂ ଏହା ବିଷୟରେ ଶୁଣିଥିବା ଭକ୍ତ ଉଭୟଙ୍କୁ ଆଶ୍ଚର୍ଯ୍ୟ କରିଛି।

### ଥାଇଲାଣ୍ଡରେ ଭାରତୀୟ ଶ୍ରମିକ ଅଟକ ରହିବା ଘଟଣା

# ନିଜଆଡୁ ହସ୍ତକ୍ଷେପ କଲେ ଏନ୍‌ଏଚ୍‌ଆରସି

ନୂଆଦିଲ୍ଲୀ, ୨୩।୨: କେନ୍ଦ୍ରାପଡ଼ା ଜିଲ୍ଲାର ଅତି କମରେ ଛଅ ଜଣ ଶ୍ରମିକଙ୍କୁ ଥାଇଲ୍ୟାଣ୍ଡର ବ୍ୟାଂକକ ନିକଟସ୍ଥ ଏକ ଇଲାକାରେ ବେଆଇନ ଭାବେ ଅଟକ ରଖାଯାଇଛି। ସେମାନଙ୍କର ନିଯୁକ୍ତିଦାତା ଦୀର୍ଘ ଛଅ ମାସ ଧରି ବିନା ବେତନ ଓ ଉପଯୁକ୍ତ ଖାଦ୍ୟ ନଦେଇ ଅଟକ ରଖିଛି। ଗଣମାଧ୍ୟମରେ ଏ ସମ୍ପର୍କରେ ପ୍ରକାଶିତ ଖବରକୁ ନେଇ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି। ସୂଚନା ଅନୁଯାୟୀ, ଏହି ଘଟଣା ଗତ ଫେବୃଆରୀ ୧୭ ତାରିଖରେ ସାମ୍ନାକୁ ଆସିଥିଲା ଯେତେବେଳେ ପୀଡ଼ିତମାନେ ନିଜର ତିକ୍ତ ଅନୁଭୂତିକୁ ନେଇ ଏକ ଭିଡ଼ିଓ ରେକର୍ଡ କରିଥିଲେ। ନିଯୁକ୍ତିଦାତା ସେମାନଙ୍କୁ କାରଖାନା ଭିତରେ ବନ୍ଦୀ କରି ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିବା ସେମାନେ ଅଭିଯୋଗ ଆଣିଥିଲେ। ଆୟୋଗ କହିଛନ୍ତି ଯେ ଯଦି ପ୍ରକାଶିତ ଖବରରେ ଦିଆଯାଇଥିବା ସୂଚନା ସତ୍ୟ ହୋଇଥାଏ ତେବେ ଏହା ପୀଡ଼ିତଙ୍କ ମାନବାଧିକାରର ଗମ୍ଭୀର ଉଲ୍ଲଙ୍ଘନ। ପୀଡ଼ିତ ପରିବାରକୁ କୌଣସି ପ୍ରକାରର ସହାୟତା ପ୍ରଦାନ କରିପାରିବେ କି ନାହିଁ ସେ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ଲାଗି ବିଦେଶ ମନ୍ତ୍ରଣାଳୟକୁ କହିଛନ୍ତି ଜାତୀୟ ମାନବାଧିକାର ଆୟୋଗ। ୧୯ ଫେବୃଆରୀ ୨୦୨୬ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ମୁତାବକ ପୀଡ଼ିତମାନେ ଗତ ବର୍ଷ ଅଗଷ୍ଟ ମାସରେ ଜଣେ ଶ୍ରମିକ ଠିକାଦାରଙ୍କ ଜରିଆରେ ଥାଇଲ୍ୟାଣ୍ଡ ଯାଇଥିଲେ। ସେଠାରେ ସେମାନଙ୍କୁ ଭଲ ବେତନ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଶ୍ରମିକମାନଙ୍କୁ ଗୋଟିଏ ପ୍ଲାଇଉଡ୍ କାରଖାନାରେ ବିନା ବେତନ ଓ ଉଚିତ୍ ଭୋଜନରେ ଦୈନିକ ୧୨ ଘଣ୍ଟା କାମ କରିବାକୁ ବାଧ୍ୟ କରାଯାଉଛି। ନିଯୁକ୍ତିଦାତା ସେମାନଙ୍କର ପାସପୋର୍ଟ ଜବତ କରି ନେଇଛି। ସେମାନଙ୍କୁ ଉଦ୍ଧାର କରି ସ୍ୱଦେଶ ଫେରାଇ ଆଣିବା ଲାଗି ଭାରତର ସରକାରୀ ଏଜେନ୍ସିଗୁଡ଼ିକୁ ସେମାନେ ନିବେଦନ କରି ଅଛନ୍ତି।



ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ଏକାଦଶାହରେ ହଂସପାଳ ଠାରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ଲେଙ୍କାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

# ପାୱେଲ୍-ହେଟ୍‌ମାୟେର୍‌ଙ୍କ ବିଧ୍ୱଂସୀ ବ୍ୟାଟିଂ, ୧୦୭ ରନ୍‌ରେ ଜିତିଲା ୱେଷ୍ଟଇଣ୍ଡିଜ୍

**ମୁମ୍ବାଇ,୨୩।୨:** ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ସୁପର୍-୮ ପର୍ଯ୍ୟାୟରେ ଆଜି ଗ୍ରୁପ୍-୧ର ଦୁଇ ଦଳ ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ମଧ୍ୟରେ ମୁକାବିଲା ହୋଇଥିବା ବେଳେ ଏଥିରେ ବିଧ୍ୱଂସୀ ବ୍ୟାଟିଂ ଦେଖିବାକୁ ମିଳିଛି। ରୋଭମାନ୍ ପାୱେଲ୍ ଓ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ୍ ଶିମରୋନ୍ ହେଟମାୟେର୍‌ଙ୍କ ବିସ୍ଫୋରଣ ବ୍ୟାଟିଂ ବଳରେ ଦଳ ପ୍ରଥମେ ବ୍ୟାଟିଂ କରିବା ପରେ ୬ ୱିକେଟ୍ ବିନିମୟରେ ୨୫୪ ରନ୍‌ର ବଡ଼ ସ୍କୋର୍ କରିଥିଲା। ଏହାର ଜବାବରେ ଜିମ୍ବାୱେ ୧୭.୪ ଓଭର୍‌ରେ ମାତ୍ର ୧୪୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମାତ୍ର ୩୪ ବଲ୍ ଖେଳି ୭ଟି ଲେଖାଏଁ ଓ ଛକା ସହ ୮୫ ରନ୍ କରିଥିବା ହେଟମାୟେର୍‌ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।




ଇଣ୍ଡିଜ୍ ଓପନର ବ୍ରେଣ୍ଡନ୍ କିଙ୍ଗ୍ ମାତ୍ର ୯ ଓ ଅଧିନାୟକ ଶାଇ ହୋପ୍ ୧୪ ରନ୍‌ରେ ବିଦାୟ ନେବା ପରେ ହେଟ୍‌ମାୟେର୍ ଓ ପାୱେଲ୍‌ଙ୍କ ନିର୍ଘାତ ପ୍ରହାର ଆରମ୍ଭ ହୋଇଥିଲା। ଉଭୟ ମାତ୍ର ୫୨ଟି ବଲ୍‌ରେ ତୃତୀୟ ୱିକେଟ୍ ପାଇଁ ୧୨୨ ରନ୍ ଯୋଡ଼ିଥିଲେ। ଇତିମଧ୍ୟରେ ଉଭୟ ସେମାନଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ପାୱେଲ୍ ମାତ୍ର ୩୫ଟି ବଲ୍ ଖେଳି ୫୯ ରନ୍ କରିଥିଲେ, ଯେଉଁଥିରେ ୪ଟି ଲେଖାଏଁ ଚୌକା ଓ ଛକା ରହିଥିଲା। ଏହାଛଡ଼ା ଶର୍ମେନ୍ ରଦରଫୋର୍ଡ ୩ଟି ଚୌକା ଓ ୨ଟି ଛକା ସହ ୩୧ ରନ୍‌ରେ ଅପରାଜିତ ଥିବା ବେଳେ ରୋମାରିଓ ଶେଫର୍ଡ ୩ଟି ଛକା ସହ ୨୧ ରନ୍‌ର ଯୋଗଦାନ ଦେଇଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ଏନ୍‌ଗାରାଭା ଓ ବ୍ଲେସିଙ୍ଗ୍ ମୁଜାରବାନି ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ଉପରେ ବଡ଼ ଟାର୍ଗେଟ୍‌ର ଚାପ ପଡ଼ିଥିଲା। ଫଳସ୍ୱରୂପ ଜିମ୍ବାୱେ ମାତ୍ର ୨୦ ରନ୍ ମଧ୍ୟରେ ପ୍ରଥମ ୩ଟି ୱିକେଟ୍ ହରାଇସାରିଥିଲା। ଡିଅନ୍ ମାୟେର୍ସ ଓ ଅଧିନାୟକ ସିକନ୍ଦର ରାଜା କିଛି ସମୟ ପାଇଁ ଇଣ୍ଡିଜ ବୋଲର୍‌ଙ୍କ ମୁକାବିଲା କରିଥିଲେ। ମାୟେର୍ସ ୩ଟି ଚୌକା ଓ ୨ଟି ଛକା ସହ ୨୮ ଏବଂ ରାଜା ୨ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୨୭ ରନ୍ କରିଥିଲେ। ଶେଷ ଭାଗରେ ବ୍ରାଡ୍ ଇଭାନ୍ସ ୫ଟି ଗଗନଚୁମ୍ବୀ ଛକା ଓ ୨ଟି ଚୌକା ସହାୟତାରେ ଦଳ ପକ୍ଷରୁ ସର୍ବାଧିକ ୪୩ ରନ୍‌ର ଯୋଗଦାନ ଦେଇଥିଲେ। ଇଣ୍ଡିଜ୍ ପକ୍ଷରୁ ସ୍ପିନର୍ ଗୁଡାକେଶ ମୋଟୀ ୪ଟି, ଆକିଲ୍ ହୋସେନ୍ ୩ଟି ଓ ମାଥ୍ୟୁ ଫୋର୍ଡ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଆଜିର ବିଜୟ ଫଳରେ ଗ୍ରୁପ୍-୧ରେ ଇଣ୍ଡିଜ୍ ଉନ୍ନତ ରନ୍ ହାରରେ ପ୍ରଥମ ସ୍ଥାନରେ ପହଞ୍ଚିଯାଇଛି।

# ଆସନ୍ତା ସପ୍ତାହରେ ଅଂଶୁଘାତ ମୁକାବିଲା ପ୍ରସ୍ତୁତି

**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ଆସନ୍ତା ସପ୍ତାହ ବସିବ ଅଂଶୁଘାତ ମୁକାବିଲା ପ୍ରସ୍ତୁତି ନେଇ ଯୁଗ୍ମ ବୈଠକ। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ସମେତ ନଗର ଉନ୍ନୟନ ଓ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ସାମିଲ ହେବେ। ଅଂଶୁଘାତର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ରିପୋର୍ଟ ଦେବାକୁ କୁହାଯାଇଛି। ଅଂଶୁଘାତ ସମେତ ବୁଡ଼ି, ସାପ କାମୁଡ଼ା ନିୟନ୍ତ୍ରଣ ନେଇ ବି ବୈଠକରେ ଆଲୋଚନା ହେବ। ସମ୍ବେଦନଶୀଳ ଅଞ୍ଚଳ ଯେଉଁଠି ସେଲ୍ଫି ନେବା ସମୟରେ ଲୋକ ବୁଡିଯାଉଛନ୍ତି, ସେସବୁ ସ୍ଥାନ ମଧ୍ୟ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।



ଏଥିସହ ରାଜସ୍ୱ ବିଭାଗର ବଜେଟ ଅଟକଳକୁ ନେଇ ମଧ୍ୟ ବିଭାଗୀୟ ମନ୍ତ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ବିବରଣୀ ରଖିଛନ୍ତି। ସେ କହିଛନ୍ତି ଯେ ସରକାର ଅନ୍ନଦାତାଙ୍କ ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ଦୃଢ଼ ସଂକଳ୍ପବଦ୍ଧ। ରାଜ୍ୟର ପ୍ରତ୍ୟେକ ଚାଷୀଙ୍କ ପାଇଁ ସ୍ୱଚ୍ଛତା, ସୁନିଶ୍ଚିତ ଆୟ ଏବଂ ସମ୍ମାନଜନକ ଜୀବନ ବଞ୍ଚିବାର ଅଧିକାର ପ୍ରଦାନ କରିବା ରାଜ୍ୟର ପ୍ରାଥମିକତା। ରାଜ୍ୟରେ ଭିତ୍ତିଭୂମିର ଅଭାବ, କେତେକ ସ୍ଥାନରେ ଗୋଦାମ ସମସ୍ୟା, ଇନପୁଟ ସହାୟତା ପ୍ରଦାନ ପରେ ଅଧିକ ଚାଷୀ ପଞ୍ଜୀକରଣ, ଅଧିକ ଚାଷଜମି ପଞ୍ଜୀକରଣ ଓ ଅନ୍ୟ ଫସଲ ପରିବର୍ତ୍ତେ ଧାନ ଚାଷର ପ୍ରବଣତା ବୃଦ୍ଧି ହେବା ଫଳରେ କେତେକ ପ୍ରାରମ୍ଭିକ ଚାପ ସୃଷ୍ଟି ହୋଇଥିବା ସେ ସ୍ୱୀକାର କରିଛନ୍ତି। କିନ୍ତୁ ଏହା ସରକାରଙ୍କ କୃଷି ନୀତିର ସଫଳତାର ପ୍ରତିଫଳନ ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ ମଣ୍ଡିରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୯୭୩ଟି ଭିତ୍ତିଭୂମି ଉନ୍ନୟନ କାମ ଆରମ୍ଭ କରାଯାଇଛି। ସେମଧ୍ୟରୁ ୨୧୨ଟି କାମ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ୪୬୬ଟି କାମ ଶୀଘ୍ର ଶେଷ ହେବ। ରାଜ୍ୟରେ ୧୦୦ଟି ମଡେଲ୍ ମଣ୍ଡି ସ୍ଥାପନ କରାଯିବ ଓ ୫ ଲକ୍ଷ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ରାଜ୍ୟ ସରକାର ଅସ୍ଥାୟୀ ବ୍ୟବସ୍ଥାରେ ନୁହେଁ, ସ୍ଥାୟୀ ସମାଧାନରେ ବିଶ୍ୱାସ କରନ୍ତି। ଆଜିର ଚାପକୁ ସୁଯୋଗରେ ପରିଣତ କରି ଆସନ୍ତା ଦିନରେ ଅଧିକ ସୁବିଧାସମ୍ପନ୍ନ ଓ ଆଧୁନିକ ମଣ୍ଡି ବ୍ୟବସ୍ଥା ଗଢ଼ି ତୋଳିବା ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ସମଗ୍ର ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଶୃଙ୍ଖଳିତ, ବ୍ୟବସ୍ଥିତ ଏବଂ ସ୍ୱଚ୍ଛ ଭାବେ ଆଗେଇ ଚାଲିଛି। ମଣ୍ଡିଗୁଡ଼ିକରେ ସାମାନ୍ୟ କେତେକ ଅବ୍ୟବସ୍ଥା ହୋଇଥିଲେ ମଧ୍ୟ କୌଣସି ବିଶୃଙ୍ଖଳା ନାହିଁ, ଧାନ ଉଠାଇବାରେ କୌଣସି ସ୍ଥାଣୁତା ନାହିଁ କିମ୍ବା ଚାଷୀଙ୍କ ପ୍ରାପ୍ୟ ପ୍ରଦାନରେ କୌଣସି ବିଳମ୍ବ ନାହିଁ। ସମସ୍ତ ସ୍ତରରେ ନିରନ୍ତର ତଦାରଖ ମାଧ୍ୟମରେ ଏହି ବ୍ୟବସ୍ଥା ସମନ୍ୱିତ ଭାବେ କାର୍ଯ୍ୟ କରୁଛି। ଚାଷୀଙ୍କ ସୁବିଧା ପାଇଁ ଟୋକନ୍ ପ୍ରଦାନ ପ୍ରକ୍ରିୟାକୁ ପର୍ଯ୍ୟାୟ କ୍ରମେ ଓ ସ୍ୱଚ୍ଛ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କ୍ଷୁଦ୍ର, ନାମମାତ୍ର ଏବଂ ଭାଗଚାଷୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବୃହତ୍ ଚାଷୀଙ୍କ ସହ ସମସ୍ତ ବର୍ଗକୁ ସାମିଲ କରାଯାଇଛି ବୋଲି ସେ କହିଛନ୍ତି।

● ଏନ୍‌ଏଚ୍‌ଏଆଇକୁ ଚିଠି ଲେଖିଲେ ଜିଲ୍ଲାପାଳ

# ଚିଲିକାରେ ନିର୍ମାଣ ହେବ ବ୍ରିଜ୍

**ଦୁଇ ତହସିଲ, ୮ ଗାଁରେ ହେବ ଜମି ଅଧିଗ୍ରହଣ**



**ବ୍ରହ୍ମଗିରି,୨୩।୨(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ଚିଠି ଚିଲିକାକୁ ଦେଖାଉଛି ସ୍ୱପ୍ନ। ଚିଲିକାର ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଚିଲିକା ଉପରେ ନିର୍ମାଣ ହେବ ବ୍ରିଜ୍। ଚିଲିକାରେ ବ୍ରିଜ ହେଲେ ଉପକୃତ ହେବେ ଦୁଇଟି ବ୍ଲକ୍‌ର ହଜାର ହଜାର ଲୋକ। ଏହାଦ୍ୱାରା ୬ କିମିର ବିପଦପୂର୍ଣ୍ଣ ଜଳଯାତ୍ରାରେ ପଡ଼ିବ ପୂର୍ଣ୍ଣଚ୍ଛେଦ। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏନେଇ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)କୁ ଏକ ଚିଠି ଲେଖିଛନ୍ତି। ଚିଲିକା ସାତପଡ଼ାରୁ ଗୋପାଳପୁର ପର୍ଯ୍ୟନ୍ତ ୨ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ନିର୍ମାଣ ସକାଶେ ଜିଲ୍ଲାପାଳ ତାଙ୍କ ଚିଠିରେ ପ୍ରସ୍ତାବ ଦେଇଛନ୍ତି। ସେହିପରି ଏହି ବ୍ରିଜ୍ ନିର୍ମାଣ ପାଇଁ ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯିବ। ଚିଲିକା ଉପକୂଳରେ ଥିବା ଦୁଇଟି ତହସିଲର ୮ଟି ଗାଁରେ ଏହି ଜମି ଅଧିଗ୍ରହଣ ହେବ। ବ୍ରହ୍ମଗିରି ତହସିଲର ସାତପଡ଼ା, ଆଳୁପାଟଣା ଓ ଗୋପୀନାଥପାଟଣା ପରି ୩ ଗାଁ ଓ କୃଷ୍ଣପ୍ରସାଦ ତହସିଲର ବ୍ରହ୍ମପୁର, ମହିଁସା, ଭାବିନିପୁର, ପରଳା ଓ ଜହ୍ନିକୁଦା ଆଦି ୫ ଗାଁରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

# ଦୁର୍ଘଟଣାଗ୍ରସ୍ତ ହେଲା ଏୟାର ଆମ୍ବୁଲାନ୍ସ

## ୭ ଜଣଙ୍କ ମୃତ୍ୟୁ ଆଶଙ୍କା




**ରାଞ୍ଚି, ୨୩।୨:** ରାଞ୍ଚିରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏକ ଏୟାର ଆମ୍ବୁଲାନ୍ସ ଉଡାଣ ଭରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏୟାର ଆମ୍ବୁଲାନ୍ସରେ ଦୁଇ ଜଣ କ୍ରିୟୁ ମେମ୍ବରଙ୍କ ସହ ୭ ଜଣ ଥିଲେ। ସେମଧ୍ୟରେ ଜଣେ ରୋଗୀଙ୍କ ସହ ତାଙ୍କ ଆଟେଡାଣ୍ଟ ଓ ପାରାମେଡିକ ଷ୍ଟାଫ ବି ଥିଲେ। ଏୟାର ଆମ୍ବୁଲାନ୍ସଟି ରାଞ୍ଚିରୁ ସନ୍ଧ୍ୟା ୭ଟା ୧୧ରେ ଉଡାଣ ଭରିଥିଲା। ଉଡାଣ ଭରିବାର କିଛି ସମୟ ପରେ ପାଖାପାଖି ୭ଟା ୩୪ରେ ରାଡାର ସହ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଦକ୍ଷିଣ-ପୂର୍ବ ବାରାଣାସୀ ଠାରୁ ୧୦୦ ନୌଟିକାଲ ମାଇଲ ଯିବା ପରେ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଛତ୍ରାର ଏକ ଜଙ୍ଗଲ ଅଞ୍ଚଳରେ ଏୟାର ଆମ୍ବୁଲାନ୍ସଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୁଲିସ ଓ ଅଗ୍ନିଶମ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ଯଦିଓ ମୃତାହତ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ସୂଚନା ନାହିଁ, ତେବେ ଏୟାର ଆମ୍ବୁଲାନ୍ସରେ ଥିବା ସାତ ଜଣ ଯାତ୍ରୀଙ୍କ ପତ୍ତା ମିଳୁନାହିଁ। ତେଣୁ କ୍ରିୟୁ ସଦସ୍ୟଙ୍କ ସହ ସମସ୍ତେ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି।

# ଟ୍ରେନ୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ରାୟଗଡ଼ା, ୨୩।୨ (ସଂଚାର ବ୍ୟୁରୋ) :** ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଜେମାଦେଈପେଣ୍ଟସ୍ଥିତ କଳିଙ୍ଗା ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ପଞ୍ଚାନନ ଚୌଧୁରୀ(୫୫)ଙ୍କ ସୋମବାର ଏକ ମାଲବାହୀ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି। ବିଦ୍ୟାଳୟ ନିକଟସ୍ଥ ଜାଙ୍ଗିଡି ଯିବା ରେଳ ଫାଟକରେ ଏକ ମାଲବାହୀ ଟ୍ରେନ ଚକା ତଳେ ଚାପି ହୋଇଯିବାରୁ ରେଳ ଧାରଣାରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ପଡି ରହିଥିଲା। ଏ ନେଇ ଫାଟକ କର୍ମଚାରୀ ଷ୍ଟେଶନ ମାଷ୍ଟରଙ୍କୁ ଅବଗତ କରାଇବା ପରେ ସେ ରାୟଗଡ଼ା ଜିଆରପିଏସ୍‌କୁ ଖବର ଦେଇଥିଲେ। ଜିଆରପି ଥାନା ନିରୀକ୍ଷକ ବିନୟ ପ୍ରକାଶ ମିଞ୍ଜଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ମୃତକଙ୍କ ନିକଟରୁ ଏକ ଚଷମା, ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ପକ୍ଷରୁ ମିଳିଥିବା ଏକ କାରଣ ଦର୍ଶାଅ ନୋଟିସ ଆଦି ଜବତ କରାଯାଇଛି। ଅପରପକ୍ଷେ ମିଳିଥିବା କାରଣ ଦର୍ଶାଅ ନୋଟିସରେ ମୃତ ଶିକ୍ଷକ ଚାଲିଥିବା ମାଟ୍ରିକ ପରୀକ୍ଷାରେ ଗତ ୨୧ତାରିଖରେ ଅନୁପସ୍ଥିତ ରହିଥିବା ଏବଂ ଛୁଟି ପାଇଁ ମଧ୍ୟ ପ୍ରଧାନଶିକ୍ଷକଙ୍କ ନିକଟରେ କୌଣସି ଦରଖାସ୍ତ ଆବେଦନ କରି ନ ଥିବାରୁ ଡ୍ୟୁଟିରେ ଅବହେଳା ପାଇଁ ୨ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ଉଲ୍ଲେଖ ରହିଛି।

# ଏମ୍ସରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ଓଡ଼ିଶା ଓ ପୂର୍ବ ଭାରତର ସ୍ୱାସ୍ଥ୍ୟସେବା ପରିଦୃଶ୍ୟକୁ ନୂତନ ଦିଶା ଦେବା ସହ ଭୁବନେଶ୍ୱର ଏମ୍ସ ସଫଳତାର ସହ ଏକ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ (ଲିଭର ଟ୍ରାନ୍ସପ୍ଲାଣ୍ଟ୍) କାର୍ଯ୍ୟକ୍ଷମ ସହ ଏକ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା ଆରମ୍ଭ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଆଭାସୀ ମାଧ୍ୟମରେ ଏହି ୟୁନିଟ୍‌ର ଉଦଘାଟନ କରିଛନ୍ତି।

ଏହି ଅବସରରେ ଶ୍ରୀ ନଡ୍ଡା କହିଛନ୍ତି ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ଅବସର। ଭୁବନେଶ୍ୱର ଏମ୍ସର ଗୌରବମୟ ଦଶନ୍ଧିରୁ ଉର୍ଦ୍ଧ୍ୱ ଯାତ୍ରାରେ ଏହା ଆଉ ଏକ ମାଇଲଖୁଣ୍ଟ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ରୁତ ଗତିରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉତ୍କର୍ଷ କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠା କରିପାରିଛି। ଏହି ନୂତନ ବ୍ୟବସ୍ଥାଗୁଡ଼ିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବେ ମଜବୁତ କରିବ ଓ ସ୍ୱାସ୍ଥ୍ୟସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ। ଏହା ଓଡ଼ିଶା ଓ ପଡ଼ୋଶୀ ରାଜ୍ୟଗୁଡ଼ିକରେ ରୋଗୀଙ୍କ ପାଇଁ ଉନ୍ନତ, ବିଶ୍ୱସ୍ତରୀୟ, ଜୀବନ ରକ୍ଷାକାରୀ ଚିକିତ୍ସା ସୁବିଧା ପ୍ରଦାନ କରିବ। ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା କହିଛନ୍ତି ଯେ ଯକୃତ ପ୍ରତିରୋପଣ ସୁବିଧା ପଶ୍ଚିମବଙ୍ଗ, ଆସାମ ଓ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ସମେତ ଓଡ଼ିଶା ଓ ପୂର୍ବ ଭାରତର ରୋଗୀଙ୍କ ପାଖରେ ଶେଷ ପର୍ଯ୍ୟାୟ ଯକୃତ ରୋଗର ଉନ୍ନତ ଚିକିତ୍ସା ଆଣିବ। ଏହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ଦୁର୍ବଳ ରୋଗୀମାନଙ୍କୁ ଆର୍ଥିକ କଷ୍ଟ ବିନା ପ୍ରତିରୋପଣ ଏବଂ ବ୍ୟାପକ ଅନୁସରଣ ଯତ୍ନ ନେବାକୁ ସକ୍ଷମ କରିବ। ଫଳତଃ ସେମାନଙ୍କୁ ଦୀର୍ଘ ଦୂରତା ଯାତ୍ରାର ବୋଝରୁ ମୁକ୍ତି ମିଳିବ ବୋଲି ଶ୍ରୀ ନଡ୍ଡା କହିଛନ୍ତି।

ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ ଭୁବନେଶ୍ୱର ଏମ୍ସ ଅନ୍ୟାନ୍ୟ ଏମ୍ସ ପାଇଁ ଏକ ଆଦର୍ଶ ଭାବେ ଉଭା ହୋଇଛି। ଏଥିସହ ଏହା ସ୍ୱାସ୍ଥ୍ୟସେବା ପ୍ରଦାନ, ଚିକିତ୍ସା ଶିକ୍ଷା ଓ ଗବେଷଣାରେ ନିରନ୍ତର ନୂତନ ମାଇଲଖୁଣ୍ଟ ହାସଲ କରିଚାଲିଛି। ଉନ୍ନତ ପ୍ରତିରୋପଣ ଓ ରୋବୋଟିକ୍ ସର୍ଜରୀ ସୁବିଧାର ଉଦ୍‌ଘାଟନ ପ୍ରଧାନମନ୍ତ୍ରୀଙ୍କ ସମସ୍ତଙ୍କ ପାଇଁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଦୃଷ୍ଟିକୋଣ ସହ ସଂଯୁକ୍ତ ନବସୃଜନ-ଚାଳିତ, ପ୍ରଯୁକ୍ତିବିଦ୍ୟା-ସକ୍ଷମ ଏବଂ ରୋଗୀକୈନ୍ଦ୍ରିକ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିଗରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନକୁ ପ୍ରତିଫଳିତ କରେ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି।

**କ୍ୟାପିଟାଲ୍ କପ୍-୨୦୨୬**

# କ୍ରିକେଟ୍ ସହ ସାଇବର୍ ଓ ସାମାଜିକ ସଚେତନତାର ସମନ୍ୱୟ

**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ କ୍ୟାପିଟାଲ୍ କପ୍-୨୦୨୬ ଆୟୋଜିତ ହୋଇଯାଇଛି। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ କେବଳ ଖେଳ ମାତ୍ର ନୁହେଁ, ବରଂ ସାଇବର୍ ସୁରକ୍ଷା, ଡିଜିଟାଲ୍ ଦାୟିତ୍ୱବୋଧ ଓ ସାମାଜିକ ସଚେତନତା ପ୍ରଚାରର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚରେ ପରିଣତ ହୋଇଥିଲା। ଏହି ଅବସରକୁ ଗରିମାମୟ କରିଥିଲେ ଟ୍ୱିନ୍ ସିଟି କମିଶନର୍ ସୁରେଶ୍ ଡିଭି ଦତ୍ତ ସିଂହ, ଓଡ଼ିଶା ପ୍ରିଜନ୍ ଡିଜି ସୁଶାନ୍ତ କୁମାର ନାଥ ଓ ପ୍ରିଜନ୍ ଡିଆଇଜି ବୀରେନ୍ ସାହୁ।




ଏହାଛଡ଼ା ଓଡ଼ିଶା ଷ୍ଟେଟ୍ ବାର୍ କାଉନ୍‌ସିଲ୍ ସଦସ୍ୟ ତଥା ଏଓଏଲ୍‌ଏ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ସ୍ପେଶାଲ୍ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ୍ ସର୍ବେଶ୍ୱର ସାହୁ ମିଲ୍କ ମୁ'ର ଜେନେରାଲ୍ ମ୍ୟାନେଜର୍ ରବୀନ୍ଦ୍ର କୁମାର ମହାରଣା ମଧ୍ୟ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟ୍ ଆୟୋଜନରେ ଆଣ୍ଡାମାନ୍ ଏକ୍ସପ୍ରେସ୍‌ର ଗଦାଧର ଦାସ, ୱାର୍ଡ ନଂ.୫୪ର କର୍ପୋରେଟର୍ ଶିବ ପ୍ରସାଦ ବେହେରା, ୱାର୍ଡ ନଂ.୬୦ରୁ କର୍ପୋରେଟର୍ ଚନ୍ଦ୍ରଶେଖର ମଲ୍ଲିଆ, ଯୁବ ବିଜେଡି ଅଧ୍ୟକ୍ଷ ବିରଞ୍ଚି ମହାସୁପକାର ଓ ଦେବବ୍ରତ ନାୟକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଆଇଡଲ୍ ପ୍ୟାନେଲ୍ ଜଜ୍ ଅଭିଜିତ୍ ମିଶ୍ରଙ୍କ ଉପସ୍ଥିତି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲା।

ସେହିପରି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ଆୟୋଜକମାନେ ଟ୍ରଷ୍ଟ ଅଧ୍ୟକ୍ଷ ନାରାୟଣ ମହାରଣା, ଉପାଧ୍ୟକ୍ଷ ଜିତେନ୍ଦ୍ର ସାହୁ, ସୁପ୍ରିମ୍‌କୋର୍ଟ ଅଧିବକ୍ତା ଚିନ୍ମୟ ମହାନ୍ତି, ଏଓଏଲ୍‌ଏର କାର୍ଯ୍ୟକାରୀ ସମ୍ପାଦକ ରଞ୍ଜିତ୍ ମହାରଣା ଓ ବିଷ୍ଣୁ କୁମାର ପ୍ରଧାନ ଅତିଥି, ଖେଳାଳି ଓ ସମର୍ଥକମାନଙ୍କୁ ଧନ୍ୟବାଦ ଦେଇଥିଲେ।

# 'ଆମ ବସ୍' ଦୁର୍ଘଟଣାରେ ଜଣେ ଗୁରୁତର

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ) :** ପଳାସପଲ୍ଲୀ ଓଭରବ୍ରିଜରେ ଭୟଙ୍କର 'ଆମ ବସ୍' ଦୁର୍ଘଟଣା। 'ଆମ ବସ୍' ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ, ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ବ୍ୟକ୍ତି ଜଣକ କାର୍ଗିଲ ବସ୍ତିର ରମେଶ ପାତ୍ର। ସେପଟେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକେ 'ଆମ ବସ୍' ଭଙ୍ଗାରୁଜା କରି ବସ୍‌ରେ ନିଆଁ ଲଗାଇବା ସହ ଡ୍ରାଇଭରଙ୍କୁ ପ୍ରବଳ ମାଡ଼ ମାରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲେ ମଧ୍ୟ ପରିସ୍ଥିତି ଅଣାୟତ୍ତ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାଣିଠୁ...

ତିଆରିର ମାଳ ମାଳ ଚିତ୍ର ଆସୁଛି। ବର୍ଷ ତମାମ ବି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ସେହିପରି ବିଧାନସଭାରେ ଉପସ୍ଥାପିତ ଅନ୍ୟ ଏକ ଚିନ୍ତାଜନକ ତଥ୍ୟ କ୍ରମେ ଚଳିତ ବର୍ଷ ୨୯ଟି ପାଣି ନମୁନାରୁ ପରୀକ୍ଷା ପରେ ୮ଟି ଅସ୍ୱାସ୍ଥ୍ୟକର ବୋଲି ଜଣାପଡ଼ିଛି। ଗତ ୪ ବର୍ଷରେ ୬୮ଟି ନମୁନାରୁ ୧୮ଟି ଅସ୍ୱାସ୍ଥ୍ୟକର ବୋଲି ଜଣାପଡ଼ିଥିଲା, ଯେଉଁଥିରୁ ୮ଟି ନମୁନା ଥିଲା ଅତି ନିମ୍ନ ମାନର।

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା ଖାଦ୍ୟ ନିରାପତ୍ତା ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖାଦ୍ୟ ଅପମିଶ୍ରଣ ରୋକିବାକୁ ସବୁ ଜିଲ୍ଲା ଓ ପୌର ପରିଷଦ ଅଧିନରେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀ କାମ କରୁଛନ୍ତି ଓ ନିୟମିତ ଭାବେ ଅପମିଶ୍ରଣ ରୋକିବାକୁ ଚଢ଼ାଉ ଓ ଖାଦ୍ୟ ନମୁନା ଯାଞ୍ଚ କରୁଛନ୍ତି। ଅପମିଶ୍ରଣର ସନ୍ଦେହ ହେଲେ ଖାଦ୍ୟର ନମୁନା ପରୀକ୍ଷାଗାରକୁ ପଠାଇ ଯାଞ୍ଚ କରାଯାଉଛି। ଏଥିସହ ଏକ ଭ୍ରାମ୍ୟମାଣ ପରୀକ୍ଷାଗାର ରାଜ୍ୟର ବ୍ୟବସାୟ ବହୁଳ ଜାଗାରେ ଓ ବିଭିନ୍ନ ପର୍ବପର୍ବାଣୀରେ ନିୟୋଜିତ କରି ଖାଦ୍ୟର ମାନ ଯାଞ୍ଚ କରାଯାଉଛି। ଏତେସବୁ ସତ୍ତ୍ୱେ ବି ଅପମିଶ୍ରଣରେ ରୋକ ଲଗାଯାଇପାରୁନି।

ଅନୁଗୁଳରେ ଚା, ବାଲେଶ୍ୱରରେ ବିସ୍କୁଟ, ଛତୁ, ସୋୟା, ସୋରିଷ ତେଲ, ଚିକେନ ମଶଲା, ଭଦ୍ରକରେ ଚିଲି ସସ୍, ଗରମ ମସଲା, ଚାଇନା ସଲ୍ଟ, କେକ, ସୁଜି, ବଲାଙ୍ଗିରରେ ଉଷୁନା ଚାଉଳ, ପାମୋଲିନ ତେଲ, ଖୋର୍ଦ୍ଧାରେ ଚକଲୋଟ, ବାସିଲ ସିଡ, ହଳଦି ଗୁଣ୍ଡ, ଅମୁଲ ବଟର, ଚିନି, ଅଟା, ମଇଦା, ଚିଲି ପାଉଡର ସବୁ ପ୍ରକାର ଅପମିଶ୍ରିତ ଖାଦ୍ୟ ବଜାରରେ ମିଳୁଛି। ଏକଥା ଖାଦ୍ୟ ନିରାପତ୍ତା ଅଧିକାରୀ ବି ଜାଣନ୍ତି। ଚଢାଉ ବେଳେ ଏସବୁ ଧରାପଡୁଛି। ହେଲେ କିଛି ଦିନର ନିରବତା ପରେ ପୁଣି ଅପମିଶ୍ରିତ ମାଲ ବଜାରକୁ ଯାଉଛି।

## ବିଧାନସଭାରେ...

ବିଜେଡି ସହ ଚାଷୀ ପ୍ରସଙ୍ଗରେ ସହଯୋଗ ଦେଇନଥିଲା। କଂଗ୍ରେସ ବିଧାୟକମାନେ ଭିନ୍ନ ପ୍ଲାକାର୍ଡ ଧରିଥିଲେ। ସଂସଦରେ ରାହୁଲ ଗାନ୍ଧୀଙ୍କ ପ୍ରତି ଅପମାନଜନକ ଶବ୍ଦ ବ୍ୟବହାର, ଏପଷ୍ଟିନ ଫାଇଲ ଓ ବାଣିଜ୍ୟ ଡିଲରେ କେଲେଙ୍କାରୀକୁ ନେଇ ନାରାବାଜି କରିଥିଲେ। ବିଜେଡି ଧାନ ବିକ୍ରିକୁ ନେଇ ଗୃହରେ ହଟ୍ଟଗୋଳ କରିଥିବା ବେଳେ କଂଗ୍ରେସ ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଗୃହର ମଧ୍ୟ ଭାଗକୁ ଆସିଥିଲେ। ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳରେ ମାତ୍ର ୭ ମିନିଟ୍ ପାଇଁ ଗୃହ ଚାଲିଥିବା ବେଳେ ଶୂନ୍ୟକାଳରେ ମାତ୍ର ୧୩ ମିନିଟ୍ ପାଇଁ ଚାଲିଥିଲା।

ତେବେ ଶୂନ୍ୟକାଳରେ ଚିତ୍ର କିଛିଟା ବଦଳିଥିଲା। ଶୂନ୍ୟକାଳରେ ବିଜେଡି ସେଇ ସମାନ ଚାଷୀ ପ୍ରସଙ୍ଗରେ ହଟ୍ଟଗୋଳ ଜାରି ରଖିଥିଲେ ହେଁ କଂଗ୍ରେସ ବିଧାୟକମାନେ କିଛି ସମୟ ପାଇଁ ନିଜ ନିଜ ଆସନ ଛାଡ଼ିନଥିଲେ। ବରଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ନିଜ ଆସନରେ ଛିଡ଼ା ହୋଇ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବରେ କିଛି କହିବାକୁ ଚାହିଁଥିଲେ। ବାଚସ୍ପତି ମଧ୍ୟ ତାଙ୍କୁ କହିବାର ସୁଯୋଗ ଦେଇଥିଲେ। ହେଲେ ବିରୋଧୀ ଦଳରେ ଫାଟ ପାଇଁ ଶାସକ ଦଳର ଉଦ୍ୟମ ବୁମେରାଂ ସାବ୍ୟସ୍ତ ହୋଇଥିଲା। କାଡାମ ଏପଷ୍ଟିନ ଫାଇଲରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଥିଲେ, ଯାହାକୁ ବାଚସ୍ପତି ପରେ ବିବରଣୀରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କାଡାମ ନିଜ ବିବୃତ୍ତି ରଖିସାରିବା ପରେ ପୁଣି କଂଗ୍ରେସ ବିଧାୟକମାନେ ସେଇ ପ୍ରସଙ୍ଗରେ ଗୃହର ମଧ୍ୟ ଭାଗକୁ ଆସିଥିଲେ।

ଅବଶ୍ୟ ରାମଚନ୍ଦ୍ର କାଡାମ ଏପଷ୍ଟିନ ଫାଇଲ କଥା ଉଠାଇବା ସମୟରେ ଏହାକୁ କାଉଣ୍ଟର କରିଥିଲେ ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ। ଓଡ଼ିଶା ବିଧାନସଭାର ସଦସ୍ୟ ନ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଏଇ ଗୃହରେ ଆଲୋଚନା କରାଯିବା ଉଚିତ ନୁହେଁ ବୋଲି ଅଭିଯୋଗ କରି ସେ କାଡାମଙ୍କ ବିବୃତ୍ତିକୁ ଗୃହ ବିବରଣୀରୁ ବାଦ ଦେବାକୁ ଦାବି କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ଚାଲିପାରୁ ନ ଥିବାରୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ଦୁଇଟି ପର୍ଯ୍ୟାୟରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ହୋଇଥିଲା। ହେଲେ ସମାଧାନ ହୋଇପାରିଲା ନାହିଁ। ଅପରାହ୍ଣ ଅଧିବେଶନରେ ବି ଗୃହରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା।

## ଭୂମିରେ...

ଉଡ଼ାଇପାରିବେ। ଏହି ବ୍ୟବହୃତ କାଗଜରେ ତିଆରି ପତାକା କାର୍ଯ୍ୟକ୍ରମ ପରେ ଫିଙ୍ଗାଯିବ ନାହିଁ କିମ୍ବା ଭୂମିରେ ଫିଙ୍ଗାଯିବ ନାହିଁ। ଏହିପରି ପତାକାଗୁଡ଼ିକୁ ବ୍ୟବହାରକାରୀ ମର୍ଯ୍ୟାଦା ସହ ବ୍ୟକ୍ତିଗତ ଭାବେ ନଷ୍ଟ କରିବେ। ଭାରତୀୟ ଜାତୀୟ ପତାକା ଆମ ଦେଶର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରେ ଓ ତେଣୁ ଏହାକୁ ସମ୍ମାନର ସ୍ଥାନ ଦିଆଯିବା ଉଚିତ। ଜାତୀୟ ପତାକା ପ୍ରତି ସାର୍ବଜନୀନ ଶ୍ରଦ୍ଧା ଓ ସମ୍ମାନ ଏବଂ ଆନୁଗତ୍ୟ ରହିଛି। ତଥାପି ଜାତୀୟ ପତାକା ପ୍ରଦର୍ଶନ ପାଇଁ ପ୍ରଯୁଜ୍ୟ ଆଇନ, ଅଭ୍ୟାସ ଓ ସମ୍ମିଳନୀ ସମ୍ପର୍କରେ ଲୋକ, ସରକାରୀ ସଂଗଠନ ଓ ଏଜେନ୍ସିମାନଙ୍କ ମଧ୍ୟରେ ସଚେତନତାର ଏକ ସ୍ପଷ୍ଟ ଅଭାବ ପ୍ରାୟତଃ ପରିଲକ୍ଷିତ ହେଉଥିବାରୁ ଭାରତୀୟ ଜାତୀୟ ପତାକା ସଂହିତାର ଯଥାର୍ଥ ଅନୁପାଳନ ନିମନ୍ତେ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ଛୁଟୁଛି...

କରିବ। ସେହିଭଳି ନିଆଳି ବିଧାୟକ ଛବି ମଲ୍ଲିକ କହିଥିଲେ ଯେ, ଏହି ରାସ୍ତା ଉନ୍ନତିକରଣ ଫଳରେ ସଡ଼କ ଦୁର୍ଘଟଣା ହ୍ରାସ ପାଇବ ଓ ଗମନାଗମନ ବ୍ୟବସ୍ଥା ସୁଦୃଢ଼ ହେବ। ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ଚଳିତ ବଜେଟରେ ପ୍ରଫେସନାଲ ଟ୍ୟାକ୍ସ ଛାଡ଼ ଘୋଷଣା ହେବାରୁ ଠିକା କର୍ମଚାରୀମାନେ ବିଶେଷଭାବେ ଉପକୃତ ହେବେ।

ଗତକାଲି ଜଗତସିଂହପୁର ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିଅରିଂ କଲେଜ ଘୋଷଣା ପାଇଁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଆସି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଜି ମଧ୍ୟ ଏହି ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦ୍ରାପଡ଼ା, ନିଆଳି ଓ ଭାରତୀୟ ମଜଦୂର ସଂଘର ସଦସ୍ୟଙ୍କୁ ମିଶାଇ ପ୍ରାୟ ଏକ ହଜାର ଜନସାଧାରଣ ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କ...

ବ୍ୟବହାର କରାଯାଏ, ତା'ହେଲେ ଏହା ଶିକ୍ଷା କ୍ଷେତ୍ରରେ ଏକ 'ଫୋର୍ସ ମଲ୍ଟିପ୍ଲାୟର୍' ଭାବେ କାର୍ଯ୍ୟ କରିବା ସହ ଉତ୍ତମ ଶିକ୍ଷଣ ଫଳାଫଳ ଓ ବ୍ୟକ୍ତିଗତ ଶିକ୍ଷାଦାନକୁ ସୁନିଶ୍ଚିତ କରିବ।

ଶେଷରେ ମନ୍ତ୍ରୀ ଏହି ପ୍ଲାଟଫର୍ମରେ ସୋଭେରେନ୍ ଏଲ୍‌ଏଲ୍‌ଏମ୍ ବ୍ୟବହାର କରିବା ଓ ତାଲିମ ଉପକରଣଗୁଡ଼ିକୁ ବିଭିନ୍ନ ଭାରତୀୟ ଭାଷାରେ ଉପଲବ୍ଧ କରାଇବାକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଦେଶର ବହୁଭାଷୀ ଶିକ୍ଷକ ସମାଜକୁ ଏହାର ସୁଫଳ ମିଳିପାରିବ ବୋଲି ଶ୍ରୀ ପ୍ରଧାନ କହିବା ସହ ଦେଶରେ ଚାଲିଥିବା ଏଆଇ ବିପ୍ଳବରେ ଏହି ଆପ୍ ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ଆଶା ପ୍ରକଟ କରିଛନ୍ତି।

## ତାରା ତାରିଣୀରୁ...

ପୁଲିସ କର୍ମଚାରୀମାନେ ଜଗି ରହି ପବନହଂସକୁ ଚତୁଃପାର୍ଶ୍ୱରୁ ସମ୍ପୂର୍ଣ୍ଣ ସୁରକ୍ଷା ଦେଇଥିଲେ। ଏହି ସେବା ପାଇଁ ଶ୍ରଦ୍ଧାଳୁମାନଙ୍କୁ ୨.୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ସେବା ଦିନକୁ ୧୦ରୁ ୧୨ ଥର ମିଳିବ। ଆବଶ୍ୟକ ସ୍ଥଳେ ଅଧିକ ଥର ବି ସେବା ଉପଲବ୍ଧ ହେବାର ସମ୍ଭାବନା ବି ରହିଛି। ରାଜ୍ୟରେ ତାରାତାରିଣୀ ସମେତ ବିଭିନ୍ନ ଶକ୍ତିପୀଠକୁ ସଂଯୋଗ ଓ ଶକ୍ତି କରିଡର୍‌କୁ ଅଧିକ ଶକ୍ତିଶାଳୀ କରିବା ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି ଏକ ସେବା ଆରମ୍ଭ କରାଯାଇଛି।

## ବିଜେପିକୁ...

ରୋକିବା ପାଇଁ କଂଗ୍ରେସ ଗୋଟି ଚଳାଉଛି। କଂଗ୍ରେସର ଲକ୍ଷ୍ୟ ହେଉଛି ଦଳର ଭୋଟ ଯେଭଳି ବିଜେପିକୁ ନ ଯାଉ। ଅନ୍ୟ ପକ୍ଷରେ ବିଜେପି କିନ୍ତୁ ଜଣେ ଏଭଳି ପ୍ରାର୍ଥୀଙ୍କ ସନ୍ଧାନରେ ରହିଛି, ଯାହାଙ୍କୁ ବିଜେଡି ବଳକା ଭୋଟ ସହ କଂଗ୍ରେସର ବି କିଛି ଭୋଟ ମିଳିବ। ତେବେ ବିଜେପି ଓ ବିଜେଡିରେ ଯେଭଳି ଆଶାୟୀଙ୍କ ତାଲିକା ଲମ୍ବିବାରେ ଲାଗିଛି ଓ କଂଗ୍ରେସ ଦଳରେ ଗୋଷ୍ଠୀ କନ୍ଦଳ ଜାରି ରହିଛି, ସେଥିରେ ଚତୁର୍ଥ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ୍‌ଭୋଟିଂ ନିଶ୍ଚିତ ବୋଲି ଆକଳନ କରାଯାଉଛି। ତେବେ ଏହି ଚତୁର୍ଥ ପ୍ରାର୍ଥୀ କିଏ ହେବେ, ତା'କୁ ନେଇ ହିସାବ ନିକାଶ ଚାଲିଥିବା ବେଳେ ଅରୁଣଙ୍କ ମନ୍ତବ୍ୟ ଏବେ ଏକ ଭିନ୍ନ ପରିବେଶ ସୃଷ୍ଟି କରିଛି।

## ରାଜ୍ୟରେ ଅପରାଧ...

କରାଯାଇଛି। ଗୃହରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୨୫ରେ ମୋଟ ୧୩୦୪ଟି ହତ୍ୟା ମାମଲା ରେକର୍ଡ କରାଯାଇଥିଲା। ବର୍ଷକ ମଧ୍ୟରେ ନୂତନ ଫୌଜଦାରୀ ଆଇନ ଢାଞ୍ଚା, ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଅଧୀନରେ ୭୩,୧୪୮ଟି ମାମଲା ପଞ୍ଜିକୃତ ହୋଇଥିଲା, ଯେଉଁଥିରୁ ୨୭,୭୧୩ଟି ମାମଲାର ସମାଧାନ କରାଯାଇଛି।

## ମାର୍ଚ୍ଚ ୩୧ ସୁଦ୍ଧା...

ଏଚ୍‌ଆରଏମଏସ ପୋର୍ଟାଲରେ ଗତ ଜାନୁଆରୀ ୧ରୁ ୩୧ ତାରିଖ ମଧ୍ୟରେ ଏହା ଦାଖଲ କରିବେ। କିନ୍ତୁ କେତେକ ସରକାରୀ ଚାକିରିଆ ଏପର୍ଯ୍ୟନ୍ତ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି। ସେଥିପାଇଁ ସରକାରୀ ଏହି ସୀମାକୁ ବଢ଼ାଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଅନିଶ୍ଚିତତାରେ ଗଞ୍ଜାମ ଏନଏସି ଆଲୋକୀକରଣ ପ୍ରକଳ୍ପ

**ଛତ୍ରପୁର,୨୩।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଓ ରାତ୍ରିକାଳୀନ ସୁରକ୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଏନଏସି ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ସହରର ମୁଖ୍ୟ ରାସ୍ତା ଆଲୋକୀକରଣ ପ୍ରକଳ୍ପ ଏବେ ଗଭୀର ଅନିଶ୍ଚିତତାରେ। କର୍ତ୍ତୃପକ୍ଷଙ୍କ ଅବହେଳା ଓ ଜନପ୍ରତିନିଧିଙ୍କ ଦୋମୁହାଁ ନୀତି ଫଳରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପ 'ଝିଙ୍ଗନାହିଁ' ଅବସ୍ଥାରେ ଅଧାରେ ଅଟକି ରହିଛି।

ସୂଚନା ଅନୁସାରେ, ଗଞ୍ଜାମ ଥାନାଠାରୁ ଦାମୋଦରପୁର ନିକଟ ଜାତୀୟ ରାଜପଥ ପର୍ଯ୍ୟନ୍ତ ୧୦୪ଟି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ରାସ୍ତାରେ ଗାତ ଖୋଳା କାମ ସମ୍ପୂର୍ଣ୍ଣ ହୋଇଥିଲା। କିନ୍ତୁ ହଠାତ୍ କୌଣସି କାରଣ ପାଇଁ କାମକୁ ବନ୍ଦ କରାଯାଇ ଗାତଗୁଡ଼ିକୁ ପୁଣି ଭର୍ତ୍ତି କରାଯାଇଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ବଢ଼ିଛି। ଆସନ୍ତା କିଛି ଦିନ ପରେ ଗଞ୍ଜାମର ପ୍ରସିଦ୍ଧ ଦୋଳଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଦୂର-ଦୂରାନ୍ତରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ସହରକୁ ଆସିବେ। ଏପରି ସମୟରେ ମୁଖ୍ୟ ରାସ୍ତାରେ ଗାତ ଖୋଳାଯାଇ ପରେ ଅସଂଗଠିତ ଭାବେ ଭର୍ତ୍ତି କରାଯିବା ଦ୍ୱାରା ସାଧାରଣ ଲୋକଙ୍କ ପାଇଁ ଅସୁବିଧା ସହ ଜନସୁରକ୍ଷା ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି।

**ପୁଣି ଏକ ଦାୟିତ୍ୱହୀନତା ଓ ଅବହେଳାର ଚିତ୍ର**

ସୂତ୍ର ମତାବକ, ପୋଲ୍ ଚୟନ ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ନେଇ ନିର୍ଦ୍ଦିଷ୍ଟ ଜନପ୍ରତିନିଧି ଓ ଠିକାଦାରଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି ଯାହା ପ୍ରକଳ୍ପକୁ ଅଧାରେ ଅଟକାଇ ରଖିଛି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପନା ଡାଙ୍ଗୁଆ କହିଛନ୍ତି ଯେ, ଗଞ୍ଜାମ ଲୁଣାଳୁ ପ୍ରଭାବିତ ଅଞ୍ଚଳ ହେବାରୁ ସାଧାରଣ ଜିଆଇ ପୋଲ୍ ଦୀର୍ଘସ୍ଥାୟୀ ହେବ ନାହିଁ। ଏହି ବିଷୟରେ ଓଡ଼ିଶା ଅର୍ବାନ ଡିଭେଲପମେଣ୍ଟ ବିଭାଗକୁ ଅବଗତ କରାଯାଇ ଉପଯୁକ୍ତ ପୋଲ୍ ପାଇଁ ଅନୁରୋଧ କରାଯାଇଛି। ସେଥିସହିତ ବିଦ୍ୟୁତ୍ ସଂଯୋଗକୁ ମାଟିତଳେ କରାଯିବାକୁ ଥିବାରୁ ପୁନଃ ପ୍ରାଯୁକ୍ତିକ ବିଚାର ଆବଶ୍ୟକ ହୋଇଥିବା କଥା ସେ କହିଛନ୍ତି। ଏହି କାରଣରୁ କାମକୁ ଅସ୍ଥାୟୀଭାବେ ବନ୍ଦ ରଖାଯାଇଛି। ତେବେ ସହରବାସୀଙ୍କ ଅଭିଯୋଗ, ପ୍ରକଳ୍ପ ଆରମ୍ଭ ପୂର୍ବରୁ ପରିବେଶିକ ଓ ପ୍ରାଯୁକ୍ତିକ ଯାଞ୍ଚ ଯଥାରୀତି କାହିଁକି କରାଯାଇ ନଥିବାରୁ ଏପରି ପରିସ୍ଥିତି ଉପୁଜିଛି। କର୍ତ୍ତୃପକ୍ଷଙ୍କ ଅସମନ୍ୱୟ ଓ ଅବହେଳାରେ ପୁଣି ଏକ ଉନ୍ନୟନମୂଳକ ପ୍ରକଳ୍ପ ବିଳମ୍ବିତ ହେବାକୁ ନେଇ ସାଧାରଣ ମହଲରେ ଚର୍ଚ୍ଚା ଜୋର ଧରିଛି। ଶୀଘ୍ର ସ୍ପଷ୍ଟ ନିଷ୍ପତ୍ତି ନେଇ ପ୍ରକଳ୍ପକୁ ପୁନର୍ବାର ଆରମ୍ଭ କରିବାକୁ ସହରବାସୀଙ୍କ ପକ୍ଷରୁ ଜୋରଦାର ଦାବି ଉଠିଛି।

## ଚୋରି ଅଭିଯୋଗରେ ଯୁବକ ଗିରଫ



**ଫୁଲବାଣୀ,୨୩।୨ (ସଂଚାର ବ୍ୟୁରୋ):** ଏକ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି ଫିରିଙ୍ଗିଆ ପୁଲିସ। ଅଭିଯୁକ୍ତ ଜଣକ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଧୀନରେ ଥିବା ନୁଆଁପଡର ପଞ୍ଚାୟତର ପଦର ଗାଁର ଅକାଡି ଦିଗାଲଙ୍କ ପୁଅ ସୁଗନ୍ତ ଦିଗାଲ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ସେହି ବିଜୁଦର ଗାଁର ଉଜପରି ଦେହେରା ନାମକ ଜଣେ ମହିଳାଙ୍କ ଘର ଲୋକେ ଘରେ ତାଲା ପକେଇ ମେଡିକାଲ କାମରେ ଫୁଲବାଣୀ ମେଡିକାଲକୁ ଯାଇଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କ ଘରର ତାଲା ଭାଙ୍ଗି ଏକ ସିଲିଂ ଫ୍ୟାନ, ଏକ ପାଣି ପମ୍ପ ଓ ଘର ଭିତରେ ଏକ ପେଡିରେ ରଖାହୋଇଥିବା ନଗଦ ଚାରିହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଥିଲା।

## ମାନସିକ ବିକାରଗ୍ରସ୍ତ ଯୁବକର ପଥର ମାଡ଼ରେ ବ୍ଲକ ଏଇଙ୍କ ସହ ଦୁଇ ଆହତ

**ଫୁଲବାଣୀ,୨୩।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ଫିରିଙ୍ଗିଆ ମୁଖ୍ୟ ରାସ୍ତାର କୁଡୁକି ଘାଟିରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ଦୁଇଦିନ ଦିନ ହେଲା ଉତ୍ପାତ କରି ଚାଲିଥିବା ବେଳେ ଯୁବକଙ୍କ ଉତ୍ପାତ ପାଇଁ ଏହି ରାସ୍ତାରେ ଯିବା ଆସିବା କରୁଥିବା ଯାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରକାର ଭୟରେ ବାତାବରଣ ସୃଷ୍ଟି ହୋଇଛି। ରବିବାର ସକାଳୁ ଫିରିଙ୍ଗିଆ ଫୁଲବାଣୀ ଆଦିବାସୀ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଯେନା ତାଙ୍କ ସରକାରୀ ଗାଡ଼ିରେ ଫୁଲବାଣୀ ଜିଲ୍ଲା ଟ୍ରେଜେରିକୁ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଏକଲବ୍ୟ ଆବାସିକ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଆଣିବା ପାଇଁ ଯାଉଥିବା ସମୟରେ ଯୁବକ ଜଣକ ଯନ୍ତ୍ରୀଙ୍କ ଗାଡିକୁ ଗାଡି ଆକ୍ରମଣ କରିଥିଲା। ଯୁବକଙ୍କ ପଥର ମାଡ଼ରେ କାଚ ଭାଙ୍ଗି ଯାଇଥିବା ବେଳେ ଲେ ଯନ୍ତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି । ସେପଟେ ପୁଣି ରବିବାର ସକାଳୁ ଏହି ଯୁବକଙ୍କ ପଥର ମାଡ଼ରେ ବିଶିପଡା ଅଂଚଳର ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ପ୍ରଥମେ ଫିରିଙ୍ଗିଆ ମେଡିକାଲ ଓ ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି । ତେବେ ଘଟଣାକୁ ନେଇ ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା ଫିରିଙ୍ଗିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ବେଳେ ସମ୍ପୃକ୍ତ ଯୁବକଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ।

## ପ୍ରଧାନଶିକ୍ଷକ ନିଖୋଜ, ଥାନାରେ ଏତଲା



**ନବରଙ୍ଗପୁର/ ଝରିଗାଁ,୨୩।୨ (ସଂଚାର ବ୍ୟୁରୋ):** ନିଖୋଜ ହେବାର ୨୪ଘଣ୍ଟାରୁ ଅଧିକ ହେଲାଣି ହେଲେ ଜଣେ ଯୁବ ପ୍ରଧାନ ଶିକ୍ଷକଙ୍କ ପତ୍ତା ମିଳୁନାହିଁ। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ରତାଖଣ୍ଡିଗୁଡ଼ା ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଲେଖ ଚରଣ ଭକ୍ତ (୩୨) ଗତ ଶନିବାର ଅପରାହ୍ନରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ରବିବାର ଝରିଗାଁ ଥାନାରେ ଏତଲା ଦିଆଯାଇଛି। ପ୍ରଧାନଶିକ୍ଷକ ଅଲେଖଙ୍କ ଘର ଉମରକୋଟ ସହର ନିକଟସ୍ଥ ବଡ଼ଭରଣ୍ଡି ଗ୍ରାମରେ । ତାଙ୍କୁ ଚଳିତ ବର୍ଷ ଦଶମ ପରୀକ୍ଷା ପାଇଁ ଝରିଗାଁ ବ୍ଲକ ଅନ୍ତର୍ଗତ କଲେଗାଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ପ୍ରଧାନଶିକ୍ଷକ ନିଜ ଦାୟିତ୍ୱ ସମ୍ପନ୍ନ କରି ଗତ ଶନିବାର ମଧ୍ୟାହ୍ନ ୧୨ଟା ୧୫ରେ କଲେଗାଁ ସ୍କୁଲରୁ ବାହାରିଥିଲେ। ତେବେ ପ୍ରାୟ ୪ଟା ପରେ ମଧ୍ୟ ସେ ନିଜ ଘର ବଡ଼ଭରଣ୍ଡି ଗ୍ରାମରେ ପହଞ୍ଚି ନ ଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଘରକୁ ଫେରି ନ ଥିବାରୁ ପରିବାର ଲୋକେ ଝରିଗାଁ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଥାନାରେ କେସ୍ ନମ୍ବର ୭/୨୬ରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ପ୍ରଧାନଶିକ୍ଷକଙ୍କୁ ଖୋଜିବା ଆରମ୍ଭ କରିଛି ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଖବର ମିଳି ନ ଥିବା ଜଣାପଡ଼ିଛି।

## ମା'-ପୁଅ ନିଖୋଜ ଘଟଣା: ପୁଅର ଗଳିତ ଶବ ଉଦ୍ଧାର, ହତ୍ୟା ସନ୍ଦେହ

**ବୋରିଗୁମ୍ମା,୨୩।୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ଦାସିରି ସାହିରେ ବାସ କରୁଥିବା ଜଣେ ୪୫ ବର୍ଷୀୟ ମହିଳା ଓ ୧୩ ବର୍ଷର ପୁଅ ନିଖୋଜ ଘଟଣାର ପୁଲିସ ଧିରେ ଧିରେ ରହସ୍ୟ ଗୁମର ଖୋଲୁଛି। ନିଖୋଜ ରହିଥିବା ମହିଳାଙ୍କ ନାମ ଅନୁଷ୍କା ପରିଡା ଓ ପୁଅ ଏହେଏମ ଦୁହେଁ ନିଖୋଜ ହୋଇଥିବା ନେଇ ଗତ ୨୧.୦୨.୨୬ରେ ନିଖୋଜ ମହିଳାଙ୍କ ଭାଇ ସତ୍ୟବାନ ପାତ୍ର ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ବୋରିଗୁମ୍ମା ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା। ନିଖୋଜର ଦୁଇ ଦିନ ପରେ ଆଜି କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡରାମୁଣ୍ଡା କେନାଲରେ ଅଖାରେ ଭର୍ତ୍ତି ହୋଇଥିବା ଶବ ଭାସିବାର ଦେଖି, ସ୍ଥାନୀୟ ଲୋକେ କୋଟପାଡ଼ ଥାନାକୁ ଖବର ଦେଇଥିଲେ। ପରେ ଜଣେ ପଡ଼ିଲା ଯେ ଗତ ଦୁଇ ଦିନ ତଳେ ନିଖୋଜ ହୋଇଥିବା ମାଆ ଓ ପୁଅ ମଧ୍ୟରୁ ପୁଅର ଗଳିତ ଶବ ଚିହ୍ନଟ କରାଯାଇଛି। ତେବେ ନିଖୋଜ ମହିଳାଙ୍କ ନାବାଳିକାର ପ୍ରେମ କାହାଣୀକୁ ନେଇ ମାଆ ଓ ପୁଅକୁ ହତ୍ୟା କରାଯାଇଥିବା ଭାଇ ସତ୍ୟବାନ ପରିଡା ପୁଣି ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଆବାସ ଯୋଜନାରୁ ବଞ୍ଚିତ ଜୁଆଙ୍ଗ ପରିବାର



**ଘର ପାଇଁ ଜୀବନକୁ ବାଜି ଲଗାଇ ସୁଡ଼ଙ୍ଗ ଭିତରେ ପଶି ମାଟି ଖୋଳୁଛନ୍ତି**

**ଯାଜପୁର ଟାଉନ୍,୨୩।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଦୁର୍ଗମ ପାହାଡ଼ ଅଞ୍ଚଳରେ ଘର ତିଆରି କରିବା ଅର୍ଥ ହେଉଛି ଜୀବନକୁ ବାଜି ଲଗାଇବା। ତୁମୁଣି ଗାଁରେ ଗରିବ ଆଦିମ ଜନଜାତି ଜୁଆଙ୍ଗ ପରିବାରମାନେ ପକ୍କାଘର ନ ମିଳିବାରୁ ମୂଷା ଗାତ ପରି ସୁଡ଼ଙ୍ଗ କରି ମାଟି ଖୋଳୁଥିବା ଭୟାବହ ଦୃଶ୍ୟ ସାମ୍ନାକୁ ଆସିଛି। ଉପରେ ସମତଳ ଭୂମି, ତଳେ ଫମ୍ପା ସୁଡ଼ଙ୍ଗ, ଯଦି ମାଟି ଧସିଯାଏ, ଭିତରେ ଥିବା ଲୋକଙ୍କ ପ୍ରାଣ ରକ୍ଷା ପ୍ରାୟ ଅସମ୍ଭବ। ତଥାପି ଘର ପାଇଁ ଲଢ଼େଇ କମିନାହିଁ।

ସୂଚନା ଅନୁସାରେ ପ୍ରାୟ ୧୦୦ ଘନଫୁଟ୍ ଆୟତନର ଦୁଇଟି ବଡ଼ ସୁଡ଼ଙ୍ଗ ଗାଁ ମଝିରେ ତିଆରି ହୋଇସାରିଛି। ବିଶେଷଜ୍ଞମାନେ ଏହାକୁ "ଟିକ୍-ଟିକ୍ କରୁଥିବା ବିପଦ ବମ୍ବ" ବୋଲି କହୁଛନ୍ତି। କିନ୍ତୁ ଦୁର୍ଦ୍ଦଶାରେ ଜୀବନଯାପନ କରୁଥିବା ଲୋକଙ୍କ ପାଇଁ ବିପଦ ଠାରୁ ବଡ଼ ହେଉଛି ଆଶ୍ରୟର ଆବଶ୍ୟକତା। ଏହି ଗାଁ ନଗଡ଼ା ନିକଟରେ ଥିବା ସତ୍ତ୍ୱେ ଉନ୍ନତିର ଆଲୋକ ଏଯାଏ ପହଞ୍ଚିନାହିଁ। ସୁକିନ୍ଦା ବ୍ଲକ୍ ଅଧୀନ ଦୈତାରୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ପ୍ରାୟ ୫୦ ବର୍ଷ ତଳୁ ବସବାସ କରୁଥିବା ୨୪ ପରିବାର ଆଜିପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ। ବନ ଅଧିକାର ଆଇନ ଅନୁସାରେ ଜମି ପଟ୍ଟା ମିଳିଥିବା କୁହାଯାଉଥିଲେ ମଧ୍ୟ ଗ୍ରାମବାସୀଙ୍କ ଦାବି "ଆମେ ସେ ଜମି କେଉଁଠି ଅଛି ଜାଣୁନାହୁଁ।"

ରାସ୍ତା ନଥିବାରୁ ଆବାସ ଯୋଜନା କାର୍ଯ୍ୟକାରୀ ହୋଇପାରୁନଥିବା ବୋଲି ପ୍ରଶାସନ କହୁଥିବା ବେଳେ, ଦୁଇ ବର୍ଷ ତଳୁ ଆରମ୍ଭ ହୋଇଥିବା ରାସ୍ତା କାମ ଅଧାରେ ଅଟକି ରହିଛି। ୨୦୧୫ର ଅଗ୍ନିକାଣ୍ଡରେ ସମସ୍ତ ଘର ପୋଡ଼ିଯାଇଥିବା ପରେ ମଧ୍ୟ ସ୍ଥାୟୀ ପୁନର୍ବାସ ନ ହେବା ନେଇ ପ୍ରଶ୍ନ ଉଠୁଛି। ଯାଜପୁର ଜିଲ୍ଲାର ଏହି ଦୃଶ୍ୟ ସ୍ପଷ୍ଟ କରୁଛି ଗରିବଙ୍କ ପାଇଁ ଘର କେବଳ ଯୋଜନା ନୁହେଁ, ଜୀବନ ମୃତ୍ୟୁର ପ୍ରଶ୍ନ।

## ସୋଆରେ ହେବ ବିକଶିତ ଭାରତ ଯୁଥ ପାର୍ଲିଆମେଣ୍ଟ-୨୦୨୬ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୩।୨ (ସଂଚାର ବ୍ୟୁରୋ):** ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍), କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅନ୍ତର୍ଗତ ଜାତୀୟ ସେବା ଯୋଜନା ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସୋଆ ଏନ୍ଏସ୍ଏସ୍ ପକ୍ଷରୁ ଫେବୃଆରୀ ୨୫ ତାରିଖରେ ଖୋର୍ଦ୍ଧା ଜିଲ୍ଲା ନିମନ୍ତେ ବିକଶିତ ଭାରତ ଯୁଥ ପାର୍ଲିଆମେଣ୍ଟ -୨୦୨୬ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

ସୋମବାର ସୋଆ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ 'ବିକଶିତ ଭାରତ ଯୁଥ ପାର୍ଲିଆମେଣ୍ଟ - ୨୦୨୬'ର ମୂଳ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ବିକଶିତ ୧୦୦ ବର୍ଷ ଭାରତ ଏବଂ ୫୦ ବର୍ଷର ଗଣତନ୍ତ୍ର ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହ ଜାତୀୟ ସ୍ତରୀୟ ପାର୍ଲାମେଣ୍ଟକୁ ମନୋନୀତ ହେବେ ବୋଲି ପ୍ରଫେସର ପାତ୍ର କହିଥିଲେ। ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) କ୍ୟାମ୍ପସରେ ଆୟୋଜିତ ହେବାକୁ ଥିବା ଏହି ବିକଶିତ ଭାରତ ଯୁବ ସଂସଦ-୨୦୨୬ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ପ୍ରତିଯୋଗୀମାନଙ୍କର ବୟସ ସୀମା ୧୮ ରୁ ୨୫ ବର୍ଷ ଧାର୍ଯ୍ୟ କରାଯାଇଛି। ଫେବୃଆରୀ ୨୩ ତାରିଖ ରାତି ୧୨ ଟା ସୁଦ୍ଧା ପଞ୍ଜୀକରଣର ଶେଷ ସମୟ ରଖାଯାଇଛି ବୋଲି ସେ ସୂଚନା ଦେଇଥିଲେ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ "୫୦ ଇୟର୍ସ ଅଫ୍ ଏମର୍ଜେନ୍ସି: ଲେସନ୍ସ ଫର ଇଣ୍ଡିଆନ୍ ଡେମୋକ୍ରେସି" ରହିଛି। ଏହି ପ୍ରସଙ୍ଗରେ ପ୍ରତିଯୋଗୀମାନେ ଇଂରାଜୀ, ଓଡ଼ିଆ କିମ୍ବା ହିନ୍ଦୀ ଭାଷାରେ ନିଜର ବକ୍ତୃତା ପ୍ରଦାନ କରିପାରିବେ। ଏହି ପ୍ରତିଯୋଗିତାରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀମାନେ ଭାଗ ନେବେ।

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ | ସହାୟତା ପାଇଁ ଶଶୀକାନ୍ତଙ୍କ ଗୁହାରି



**ନୀଳଗିରି,୨୩।୨ (ସଂଚାର ବ୍ୟୁରୋ):** ଜୈନିକ ଯୁବକ ବିଳମ୍ବିତ ରାତିରେ ପାଲା ଦେଖି ଫେରୁଥିବା ବେଳେ ଭାଲୁ ଆକ୍ରମଣରେ ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସରକାରୀ ସହାୟତା ସାତ ସପନହୋଇଥିବା ବେଳେ ଶଶୀକାନ୍ତ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ।

ସୂଚନାଯୋଗ୍ୟ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଅଧିନସ୍ଥ ସାବୁଜାପୁର ଗ୍ରାମର ଶଶୀକାନ୍ତ ବେହେରା( ୪୫) ଗତ ଫେବୃଆରୀ ୨ତାରିଖ ଦିନପାଖ ଶ୍ରୀଦେଇପୁର ଗ୍ରାମରେ ବାଦୀପାଲା ଦେଖି ରାତ୍ରୀ ୧୧ଘଟିକା ସମୟରେ ଘରକୁ ଫେରୁଥିବା ବେଳେ ଭାଲୁ ଓ ଶଶୀକାନ୍ତ ମଧ୍ୟରେ ମୁହାଁ ମୁହିଁ ହୋଇଥିଲା।ଯାହା ଦ୍ୱାରା ଶଶୀକାନ୍ତଙ୍କୁ ଅତି ଗୁରୁତ୍ୱର ଅବସ୍ଥାରେ ଉଦ୍ଧାର କରାଯାଇ ନୀଳଗିରି, ବାଲେଶ୍ୱର ପରେ କଟକ ବଡ଼ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେ ୧୫ଦିନରୁ ଉର୍ଦ୍ଧ ସମୟ ଧରି କଟକ ବଡ଼ ମେଡିକାଲରେ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ସେ ଜଣେ ଦିନ ମଜୁରିଆ ହୋଇଥିରୁ ଘରେ ଆର୍ଥିକ ସ୍ଥିତିଭଲ ନାହିଁ। ଅର୍ଥ ଅଭାବରୁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଚିକିତ୍ସା ହୋଇ ପାରି ନାହାଁନ୍ତି। ଭାଲୁ କାମୁଡାରେ ଗୋଟିଏ ଆଖି ସମ୍ପୂର୍ଣ ନଷ୍ଟ ହୋଇ ଯାଇଛି। ଅନ୍ୟ ଗୋଟେ ଆଖିକୁ ସାମାନ୍ୟ ଦେଖାଯାଉଛି। ବନ୍ୟଜନ୍ତୁ ଆକ୍ରମଣରେ ପ୍ରଶାସନ ପକ୍ଷରୁ ଇନକ୍ୱାରୀ କରାଯାଇଛି ସତ କିନ୍ତୁ ଏ ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇନାହିଁ। ତେଣୁ ତୁରନ୍ତ ପ୍ରଶାସନଙ୍କ ପକ୍ଷରୁ ସହାୟତା କରିବାକୁ ଶଶୀକାନ୍ତ ଗୁହାରି କରିଛନ୍ତି। ଘଟଣା ସମ୍ପର୍କରେ କୁଲଡିଆ ଭାରପ୍ରାପ୍ତ ରେଞ୍ଜର ତଥା ଏସିଏଫ ସୁବ୍ରତ ବେହେରଙ୍କୁ ପଚାରିବାରୁ ତାଙ୍କର ଆବେଦନ ହୋଇଛି, ଡାକ୍ତରଙ୍କ ରିପୋର୍ଟ ଆସିଲା ପରେ ସେ ସହାୟତା ପାଇବେ ବୋଲି କହିଛନ୍ତି।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର




**ସତ୍ୟବାଦୀ,୨୩।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୫୪ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୪୪ ଗୋଟି ବ୍ୟକ୍ତିଗତ, ୮ ଗୋଟି ଗ୍ରାମ ସମ୍ବନ୍ଧୀୟ, ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ଗୋଟିଏ ରେଡକ୍ରସରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୪ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା। ସେହିପରି ୪ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ଓ ହୁଇଲଚେୟାର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା।

ଏହି ଶୁଣାଣୀରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ,ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାମ୍ବାଦିକ ନାଁରେ ବଟି ମାଗିବା ମହଙ୍ଗା ପଡିଲା; ଥାନାରେ ଏତଲା

**ସତ୍ୟବାଦୀ,୨୩।୨ (ସଂଚାର ବ୍ୟୁରୋ):** ନିଜକୁ ରାଜ୍ୟସ୍ତରୀୟ ସାମ୍ବାଦିକ କହି ସ୍ଥାନୀୟ ସରଙ୍ଗଯୋଡ଼ି ପଂଚାୟତ ଅଧୀନ ବଁପାଳ ଗ୍ରାମର ଗଗନ ମହାପାତ୍ରଙ୍କ ଠାରୁ ବଟି ଆଦାୟ କରୁଥିବା ଜଣେ ବ୍ୟକ୍ତିଙ୍କ ନାମରେ ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗଗନ ତାଙ୍କ ନିଜ ଜାଗାରୁ ମାଟି ଖୋଳି ଘରକୁ ନେବା ସମୟରେ ଦିପ୍ତୀରଂଜନ ମହାନ୍ତି ନାମ୍ନୀ ଜଣେ ବ୍ୟକ୍ତି ତାଙ୍କୁ ଧମକାଇବା ସହ ମାଟି ଖୋଳିବାର ଅନୁମତିପତ୍ର ମାଗିଥିଲେ। ତହସିଲଦାର ଓ ଜିଲ୍ଲପାଳ କୁଆଡେ ତାଙ୍କୁ ଏହି ସବୁ ତଦାରଖ ଦାୟିତ୍ୱ ଦେଇଥିବା କହିଥିଲେ। ତାଙ୍କୁ ବଟି ନଦେଲେ ବହୁତ ହଇରାଣ ହେବେ ଏବଂ ମୋଟା ଅଙ୍କର ଜରିମାନା ଦେବାକୁ ପଡିବ ବୋଲି କହିଥିଲେ। ତେଣୁ ସରଙ୍ଗଯୋଡ଼ି ନିକଟ ଏକ ନିଛାଟିଆ ସ୍ଥାନକୁ ଗଗନଙ୍କୁ ଡାକି ଟଙ୍କା ମାଗିଥିବା ସେ ଅଭିଯୋଗ କରିଛନ୍ତି।

## ମହେଶ୍ୱର ସ୍ୱାଇଁ ଗୋପ ବ୍ଲକ ବିଜେଡି ସଭାପତି



**ଗୋପ,୨୩।୨ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ପୁରୀ ଜିଲ୍ଲାରେ ଥିବା ବିଭିନ୍ନ ବ୍ଲକ ଓ ଏନଏସିରେ ଥିବା ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ସଭାପତିମାନଙ୍କ ନାମ ଘୋଷଣା କରିଛନ୍ତି । ଏହି କ୍ରମରେ ଗୋପ ବ୍ଲକ ସଭାପତି ଭାବେ ବନ୍ତୁଳିଗ୍ରାମ ଗ୍ରାମ ପଞ୍ଚାୟତ ସରପଞ୍ଚ ମହେଶ୍ୱର ସ୍ୱାଇଁଙ୍କୁ ବିଜୁ ଜନତା ଦଳ ତରଫରୁ ଦାୟିତ୍ୱ ପ୍ରଦାନ କରଯାଇଛି । ମହେଶ୍ୱର ୨୦୦୨ ମସିହାରେ ବନ୍ତୁଳିଗ୍ରାମ ପଂଚାୟତରେ ବିଜେଡି ସମର୍ଥିତ ସମିତିସଭ୍ୟ ହୋଇ ୨୦୦୭ ପର୍ଯ୍ୟନ୍ତ ଗୋପ ପଂଚାୟତ ସମିତି ଉପାଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଥିବାବେଳେ ୨୦୧୨ ମସିହାରେ ସରପଞ୍ଚ ହୋଇ ୫ ବର୍ଷ କାର୍ଯ୍ୟକାଳ ଶେଷ କରିଥିଲେ । ସେହିପରି ୨୦୨୨ ମସିହାରେ ପୂର୍ଣ୍ଣର୍ବାର ସରପଞ୍ଚ ହୋଇ ଏଯାବତ ସରପଞ୍ଚ ଭାବେ କାର୍ଯ୍ୟ ତୁଲାଉଛନ୍ତି । ମହେଶ୍ୱର ଗତ ୨୪ ବର୍ଷ ଧରି ବିଜେଡିରେ ଜଣେ ବରିଷ୍ଠ ଓ ଦକ୍ଷ କର୍ମୀ ଭାବେ କାର୍ଯ୍ୟ ତୁଲାଇ ଆସିଥିବା ବେଳେ ଏଥର ଗୋପ ବ୍ଲକ ସଭାପତି ଭାବେ ଗୁରୁଦାୟିତ୍ୱ ତୁଲାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ନାମ ଘୋଷଣା କରିଛନ୍ତି।

## ମାରଣାସ୍ତ୍ର ଦେଖାଇ ଲୁଟିନେଲେ ସୁନା ଅଳଙ୍କାର ସହ ୭୦ ଲକ୍ଷ ଟଙ୍କା



**ନବରଙ୍ଗପୁର/ଉମରକୋଟ, ୨୩।୨ (ସଂଚାର ବ୍ୟୁରୋ):** ରାତି ଅଧରେ ମାରଣାସ୍ତ୍ର ଦେଖାଇ ଛଅ ଜଣ ଦୁର୍ବୃର୍ତ୍ତ ଘରୁ ଲୁଟିନେଲେ ୭୦ ଲକ୍ଷ ଟଙ୍କା ଓ ସୁନାଅଳଙ୍କାର। ଏଭଳି ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋଚନିଆମ୍ବା ର ଅମୁଲ୍ୟ ଜେନାଙ୍କ ଘରେ। ଗତ ରାତିରେ ଅମୁଲ୍ୟ ଜେନା ଏକୁଟିଆ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ଘର କବାଟ ତାଡି ୬ ଜଣ ଦୁର୍ବୃର୍ତ୍ତ ଭିତରକୁ ପଶିଥିଲେ ଏବଂ ବେକରେ ଭୁଜାଲି ରଖି ଗାଳି ଗୁଲଜ କରି ହାତ ଗୋଡ଼ ବାନ୍ଧି ଅଲମିରାରୁ ୭୦ ଲକ୍ଷ ଟଙ୍କା ଓ ସୁନାମୁଦୀ ୧୪ଟି ଓ ସୁନା ଲକେଟ ତିନୋଟି ଓ ମାଙ୍କ କାନ ଫୁଲ ଲୁଟି ନେଇଛନ୍ତି। ଟଙ୍କା ଲୁଟିନେବା ପରେ ଅମୁଲ୍ୟଙ୍କ ହାତ ଗୋଡ଼ ବାନ୍ଧି ଘରେ ଛାଡି ଦେଇ ପଳେଇ ଯାଇଥିଲେ। ବହୁ କଷ୍ଟରେ ମୁକୁଳି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରେ ଉମରକୋଟ ପୁଲିସକୁ ଖବର ଦେଇଥିଲେ। ସକାଳୁ ଉମରକୋଟ ପୁଲିସ ପହଞ୍ଚି ତଦନ୍ତ କରୁଛି।

**ବ୍ଲକ୍ ଅଧିକାରୀଙ୍କ ସହ କିଛି ଅସାଧୁଙ୍କ ମଧୁଚନ୍ଦ୍ରିକା**

## ମେସିନରେ ହେଉଛି କାର୍ଯ୍ୟ, ପରେ ହେବ କାର୍ଯ୍ୟାଦେଶ



**ଆନନ୍ଦପୁର,୨୩।୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି ପଂଚାୟତ ବଳଦୁଆଁ ଗାଁରେ ଏକ ନୂତନ ପୋଖରୀ ଖନନକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ପ୍ରକାଶ। ଏବେ ଏବେ ମନରେଗା ଯୋଜନାର ନାମ ପରିବର୍ତ୍ତନ ହୋଇ ଭିବି-ଜି ରାମ-ଜୀ' ହେବା ପରେ ମଧ୍ୟ ଲୋକେ ଚତୁରତାର ସହ ପ୍ରଶାସନକୁ ଚଖମା ଦେଖାଇ ମେସିନରେ କାମ କରି ଶ୍ରମିକଙ୍କ ନାମରେରେ ଅର୍ଥ ଉଠାଇବାକୁ ପ୍ରୟାସ କରିଛନ୍ତି। ଏଥିରେ ବ୍ଲକ୍ ପ୍ରଶାସନ ର ଭିତିରିଆ ବୁଝାମଣା ଓ ଆସାଧୁ ମାନଙ୍କୁ ପୁରା ସହଯୋଗ କରାଯାଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ; ଉକ୍ତ ଗ୍ରାମରେ ଏକ ନୂଆ ପୋଖରୀକୁ ଖନନ ପାଇଁ କିଛି ଅସାଧୁ ବ୍ୟକ୍ତି ଶ୍ରମିକ ବଦଳି ମେସିନରେ ଖୋଳି ମାଟିକୁ ବିକ୍ରି କରି ପରବର୍ତ୍ତୀ ସମୟରେ ପ୍ରକଳ୍ପ ନାମ ଦିଆଯାଇ କାର୍ଯ୍ୟାଦେଶ ବାହାର କରାଯିବା ପାଇଁ ପ୍ରୟାସ କରାଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ପୋଖରୀଟି ଏବେ ମେସିନରେ ଖୋଳାଯାଇ ଟ୍ରାକ୍ଟର ମାଧ୍ୟମରେ ଗାଁର ବିଭିନ୍ନ ଲୋକଙ୍କୁ ମାଟି ବିକ୍ରି କରାଯାଉଛି। ପରବର୍ତ୍ତୀ ସମୟରେ ସେହି ପୋଖରୀ ନାମରେ ବ୍ଲକରୁ ପ୍ରକଳ୍ପ ଅନୁମୋଦନ କରି ଶ୍ରମିକଙ୍କ ଦ୍ୱାରା ପୋଖରୀକୁ ଡ୍ରେସିଙ୍ଗ କରାଯାଇ ସରକାରୀ ଅନୁଦାନ ଲୁଟିବାକୁ ପ୍ରୟାସ କରାଯାଉଥିବା ନେଇ ଚର୍ଚ୍ଚା ଜୋର ଧରିଛି।

ବିଭିନ୍ନ ପଞ୍ଚାୟତରେ ଏପରି ଘଟଣା ଘଟୁଥିବା ନଜରକୁ ଆସିଥିଲେ ହେଁ ପଞ୍ଚାୟତରେ ରହୁଥିବା ଏଡିଇଓ କର୍ମଚାରୀ ଏଥିରେ ସାମିଲ ହୋଇ ଏଭଳି କରୁଥିବା ଚର୍ଚ୍ଚା ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅସ୍ତରଙ୍ଗର ସମସ୍ତ ସରକାରୀ ବିଭାଗରେ ଦୁର୍ନୀତି ବଢୁଛି

**ଅଧେ ଅଧେ ନୀତିରେ କାରବାର**
**କାର୍ଯ୍ୟାନୁଷ୍ଠାନ ଦୂରର କଥା, ତଦନ୍ତ ମଧ୍ୟ ହେଉନି**
**ତେଜୁଛି ଅସନ୍ତୋଷ**

**କାକଟପୁର/ଅସ୍ତରଙ୍ଗ,୨୩।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ ବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଜନସାଧାରଣ ବାରମ୍ବାର ଏ ନେଇ ଅଭିଯୋଗ କରୁଥିବା ବେଳେ ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ି ଚାଲୁଥିବା ଦେଖା ଯାଉଛି। ଅଧିକାରୀ ଓ ଅଧିକାରିଣୀମାନେ ସରକାରୀ ନୀତି ନିୟମକୁ ମୋଡି ମକଚି ମର୍ଜୀରେ କାମ କରିବା ସହ ମନଇଚ୍ଛା ଅଫିସକୁ ଯିବା, ଆସିବା କରୁଥିବା କହି ସାଧାରଣ ଜନତା ଅସନ୍ତୋଷ ଝାଡୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବରିଷ୍ଠ ପ୍ରଶାସନିକ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନି। କାର୍ଯ୍ୟାନୁଷ୍ଠାନ ଦୂରର କଥା ଅଭିଯୋଗର ତଦନ୍ତ ମଧ୍ୟ ହେଉନି। ତଳୁ ଉପରସ୍ତର ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ସମ୍ପୃକ୍ତ ରହିଥିବା ଅଭିଯୋଗ ହେଉଛି। ବିଭିନ୍ନ ଯୋଜନାରେ ଆସୁଥିବା ଟଙ୍କାକୁ ଚଞ୍ଚକତା ପୂର୍ବକ ହଡପ କରି ଅଧେ ଅଧେ ନୀତିରେ କାରବାର ଚାଲିଥିବା ଚର୍ଚ୍ଚା ହେଉଛି।

ଅନ୍ୟ ପଟେ ସମସ୍ୟା ମଧ୍ୟରେ ସନ୍ତୁଳିତ ହେଉଛନ୍ତି ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତବାସୀ। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ବିଭିନ୍ନ ଗଣମାଧ୍ୟମରେ ତଥ୍ୟ ସହ ପ୍ରକାଶ ପାଉଛି। ଯେପରିକି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ଓ ପରିମଳ ବିଭାଗ, ଯୋଗାଣ ବିଭାଗ, ଜଳ ସେଚନ ବିଭାଗ, ମନରେଗା ଆଦିରେ ବ୍ୟାପକ ଦୁର୍ନୀତି ହେଉଛି। ବିଭିନ୍ନ ଯୋଜନାରେ ଆସିଥିବା କୋଟି କୋଟି ଟଙ୍କା ହଡପ କରାଯାଇଛି। କେଉଁଠି ନିମ୍ନମାନର କାମ କରାଯାଉଛି ତ କେଉଁଠି ଆଦୌ କାମ ନକରି କାଗଜପତ୍ରରେ ଚଞ୍ଚକତା କରି ଅର୍ଥ ହଡପ କରାଯାଉଛି। ଲୋକଙ୍କୁ ଭୁଆଁ ବୁଲାଇ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରି ପ୍ରାୟ ସ୍ଥାନରେ ଏ ସବୁ କାର୍ଯ୍ୟ ଚାଲିଛି। ଅଭିଯୋଗ କରି ଲୋକେ ଥକି ପଡୁଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦୂର କଥା ତଦନ୍ତ ମଧ୍ୟ ହେଉନି। ମାଳ ମାଳ ସମସ୍ୟାରେ ଲୋକେ ଛନ୍ଦି ହେଉଛନ୍ତି। ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନି।

ସରକାର ବଦଳିଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ବଢ଼ିଥିବା ଦୁର୍ନୀତିରେ ରୋକ ଲାଗିବ ବୋଲି ଲୋକେ ଆଶା ବାନ୍ଧିଥିଲେ। ମାତ୍ର ଦୁର୍ନୀତି ବଢୁଥିବା ଦେଖା ଯାଉଛି। ଅଧିକାରୀଙ୍କ ଅର୍ଥଖୋର ମାନସିକତା ପରିବର୍ତ୍ତନ ଆସୁନି। କାର୍ଯ୍ୟାନୁଷ୍ଠାନ ଭୟ ନଥିବାରୁ ଦୁର୍ନୀତି ବଢ଼ି ଚାଲିଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। କିଛି ଦିନ ପୂର୍ବେ ରାଜସ୍ୱ ନିରୀକ୍ଷକ ଜଣେ ଭିଜିଲାନ୍ସ ଜାଲ ପଡ଼ିଥିଲେ। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ଦୀର୍ଘ ଦିନ ହେବ ଗାଦି ମାଡି ବସିଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ସହ ପଦକ୍ଷେପ ନେବାକୁ ଦାବୀ ହୋଇଛି।

## ମହିଳାଙ୍କ ଶବକୁ ନେଇ ସସ୍‌ପେନ୍ସ



**ପାରାଦୀପ,୨୩।୨ (ସଂଚାର ବ୍ୟୁରୋ):** ତାରେଣୀଗଡ଼ାରେ ଥିବା ଶମ୍ଭୁଙ୍କ ଚାରି ମହଲା କୋଠା ତଳେ ଗେଟ ଭିତରେ ମହିଳାଙ୍କ ଶବ ପଡିଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଛାତ ଉପରୁ ତଳକୁ ଖସିବା ସମୟରେ ମହିଳାଙ୍କ ଡ୍ରେସ୍‌ଟି କାନ୍ଥରେ ଯାଇଥିବା ଗ୍ୟାସ ପାଇପ ଲାଇନରେ ଝୁଲି ରହିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପାରାଦୀପ ତାରେଣୀଗଡାରେ ଥିବା ଏହି ଚାରି ମହଲା କୋଠାଟିର କାମ ଚାଲିଥିବା ବେଳେ ଗୋଟିଏ ଘରେ ୯ଜଣ ଯୁବକ ରହୁଥିବା ଘର ମାଲିକ ପୁଲିସ ଆଗରେ ପ୍ରକାଶ କରିଛନ୍ତି। ଛାତ ଉପରେ ମହିଳାଙ୍କ ଚପଲ, ମଶାବତୀ, ସିଗାରେଟ ଓ ଖଇନି ଜରି ପଡ଼ିଥିବା ବେଳେ ମହିଳା ଜଣଙ୍କ କିଏ ଓ ସେ କେବେ କେଉଁ ପରିସ୍ଥିତିରେ ଓ ସେଠାକୁ ସେ କାହିଁକି ଆସିଥିଲେ ଏବଂ କିପରି ଏଭଳି ପରିସ୍ଥିତି ହେଲା ତାହା ସମସ୍ତଙ୍କୁ ଚକିତ କରିଛି। ପୁଲିସ ୭ ଜଣ ଭଡ଼ାଟିଆଙ୍କୁ ଉଠେଇ ନେଇଛି। ମୃତ ମହିଳା ଜଣଙ୍କ ଏକା ଆସିଥିଲେ କି ତାଙ୍କ ସହ ଆଉ କେତେଜଣ ମହିଳା ଆସିଥିଲେ ତାହା ମଧ୍ୟ ଏବେ ସନ୍ଦେହ ଘେରରେ।

**ରାଷ୍ଟ୍ରପତି ଭବନରେ 'ରାଜାଜୀ ଉତ୍ସବ' ଅନୁଷ୍ଠିତ**

# ରାଜାଜୀଙ୍କ ଆଦର୍ଶ 'ଏନ୍‌ଇପି'ରେ ପ୍ରତିଫଳିତ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୨୩।୨:** ରାଷ୍ଟ୍ରପତି ଭବନ ପରିସରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ 'ରାଜାଜୀ ଉତ୍ସବ' ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭବନ ପରିସରରେ ସ୍ୱାଧୀନ ଭାରତର ପ୍ରଥମ ଓ ଏକମାତ୍ର ଗଭର୍ଣ୍ଣର ଜେନେରାଲ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ (ରାଜାଜୀ)ଙ୍କ ପ୍ରତିମା ଉନ୍ମୋଚିତ ହୋଇଛି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜାଜୀଙ୍କ ଜୀବନ ଭାରତର ବୌଦ୍ଧିକ ପରମ୍ପରା ଓ ସଭ୍ୟତାଗତ ଚେତନାର ଅନନ୍ୟ ପ୍ରତୀକ।




ରାଷ୍ଟ୍ରପତି ଭବନରେ ତାଙ୍କ ପ୍ରତିମା ସ୍ଥାପନ ହେବା ଭାରତୀୟ ବୌଦ୍ଧିକ ତଥା ସାଂସ୍କୃତିକ ଐତିହ୍ୟକୁ ପୁନଃପ୍ରତିଷ୍ଠିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ମାଡ୍ରାସ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ରାଜାଜୀ ମାତୃଭାଷାରେ ଶିକ୍ଷା ପ୍ରଦାନ ଓ ମୂଲ୍ୟବୋଧଭିତ୍ତିକ ଶାସନ ଉପରେ ଯେଉଁ ଗୁରୁତ୍ୱ ଦେଇଥିଲେ, ତା' ଆଜିର 'ରାଷ୍ଟ୍ରୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦' ସମେତ ଅନେକ ନୀତିଗତ ସଂସ୍କାରରେ ପ୍ରତିଫଳିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଆଜି ଔପନିବେଶିକ ମାନସିକତାରୁ ମୁକ୍ତି ପାଇବା ପାଇଁ ସଂକଳ୍ପ ନେଇଛି। ସଂସଦରେ 'ସେଙ୍ଗୋଲ'ର ପ୍ରତିଷ୍ଠା ଓ ଭାରତୀୟ ପ୍ରତୀକଗୁଡ଼ିକର ପୁନଃସ୍ଥାପନ ରାଜାଜୀଙ୍କ ଦୂରଦୃଷ୍ଟିକୁ ସାମ୍ପ୍ରତିକ ଭାରତରେ ସଶକ୍ତ ଭାବେ ଆଗକୁ ବଢ଼ାଉଛି। ଆଜିର ଏହି ବିଶେଷ ଅବସର ଆଗାମୀ ପିଢ଼ି ପାଇଁ ଦେଶପ୍ରେମ ଓ ଭାରତୀୟ ସଂସ୍କୃତିର ଗୌରବକୁ ବଜାୟ ରଖିବା ପାଇଁ ଏକ ଅନନ୍ତ ପ୍ରେରଣାର ଉତ୍ସ ହୋଇ ରହିବ। ଏହି ଉତ୍ସବରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଓ ରାଜାଜୀଙ୍କ ପରିବାରବର୍ଗଙ୍କ ଉପସ୍ଥିତି ଏହି ଆୟୋଜନକୁ ଏକ ସ୍ୱତନ୍ତ୍ର ଗରିମାମୟ ରୂପ ପ୍ରଦାନ କରିଛି।

# ୨ ଦିନଧରି ବର୍ଷା

## ୧୫ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ) :** ୨ ଦିନ ରାଜ୍ୟରେ ବର୍ଷା ସମ୍ଭାବନା । ସତର୍କ ରହିବାକୁ କହିଛି ଆଂଚଳିକ ପାଣିପାଗ କେନ୍ଦ୍ର । ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ସ୍ପଷ୍ଟ ଚିହ୍ନିତ ହୋଇଛି । ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିପାରେ । ୧୫ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ମାଲକାନଗିରି, କୋରାପୁଟ, ରାୟଗଡ଼ା,ନବରଙ୍ଗପୁର,କଳାହାଣ୍ଡି,ନୂଆପଡ଼ା,ଗଞ୍ଜାମ,ଗଜପତି ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହୋଇପାରେ । ଆସନ୍ତାକାଲି ପାଇଁ ଉପକୂଳ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ଆଶଙ୍କା ଅଛି ।

**● ଚନ୍ଦ୍ରଗ୍ରହଣରେ ଶ୍ରୀମନ୍ଦିର ନୀତିକାନ୍ତିରେ ବିଶେଷ ପରିବର୍ତ୍ତନ**

# ରାତିସାରା ସୁନାବେଶ ଦର୍ଶନ ସୁଯୋଗ



**ପୁରୀ, ୨୩।୨ (ସଂଚାର ବ୍ୟୁରୋ):** ଆସନ୍ତା ମାର୍ଚ୍ଚ ୩ ତାରିଖ ଦୋଳପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତିରେ ବିଶେଷ ପରିବର୍ତ୍ତନ ହେବ। ଚଳିତ ବର୍ଷ ରାତିସାରା ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବେ ଭକ୍ତ। ଦିନ ବଦଳରେ ରାତିରେ ସୁନାବେଶ ଓ ଦୋଳ ବେଦୀରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ କାଳିଆ ଠାକୁର। ଉକ୍ତ ଦିନ ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରୁ ଗ୍ରହଣ ସ୍ପର୍ଶ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ସର୍ବମୋକ୍ଷ ହେବ ବୋଲି ପାଞ୍ଜିରେ ଉଲ୍ଲେଖ ରହିଛି। ଗ୍ରହଣ ସ୍ପର୍ଶ କରିବାର ପ୍ରାୟ ୯ ଘଣ୍ଟା ପୂର୍ବରୁ ଦେବନୀତି ଓ ପାକତ୍ୟାଗ କରାଯିବ। ସୂର୍ଯ୍ୟୋଦୟ ସକାଳ ୬ଟା ୨୦ ମିନିଟ୍‌ରେ ହେବା ପରେ ଦେବନୀତି ନିଷେଧ ଥିବାରୁ ପୂର୍ବଦିନ ବିଳମ୍ବିତ ରାତି ୩ଟାରୁ ଶ୍ରୀମନ୍ଦିରର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି ନୀତି ପରେ ସକାଳ ୬ଟା ସୁଦ୍ଧା ଅବକାଶ ନୀତି ଶେଷ କରାଯିବ। ଗ୍ରହଣ ସର୍ବମୋକ୍ଷ ପରେ ମହାପ୍ରଭୁଙ୍କ ସୁନାବେଶ, ଦୋଳବେଦୀକୁ ବିଅଁ ବିଜେ, ଭୋଗମଣ୍ଡପ ଆଦି ନୀତିକାନ୍ତି ଅନୁଷ୍ଠିତ ହେବ। ଏନେଇ ଆସନ୍ତାକାଲି ଅନୁଷ୍ଠିତ ହେବାକୁଥିବା ଛତିଶା ନିଯୋଗ ବୈଠକରେ ନୀତିନିର୍ଘଣ୍ଟ କରାଯିବ ବୋଲି ଜଣାପଡ଼ିଛି।

**● ପିପିଲି କିନ୍ନର ହତ୍ୟା ଘଟଣା**

# ଧରାପଡ଼ିଲା ମୁଖ୍ୟ ଅଭିଯୁକ୍ତ



**ପିପିଲି, ୨୩।୨ (ସଂଚାର ବ୍ୟୁରୋ) :** ପିପିଲି ଥାନା ଅନ୍ତର୍ଗତ ସିଫା ନିକଟରେ କିନ୍ନରଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଛବିନ କାଣ୍ଡିଙ୍କୁ ଗିରଫ କରିଛି ପୁଲିସ। ତେବେ ହତ୍ୟାକାଣ୍ଡର ୨୦ ଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। କୋଣାର୍କର ରାମଚଣ୍ଡୀ ଅଞ୍ଚଳ ଗହୀର ମଝିରେ ଏକୁଟିଆ ରହୁଥିବାବେଳେ ଛବିନଙ୍କୁ ପୁଲିସ ଗିରଫ କରିଛନ୍ତି। ପୂର୍ବରୁ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି ପୁଲିସ। ସୂଚନାଯୋଗ୍ୟ ଯେ ମୃତ କିନ୍ନର ହେଲେ କଟକ ଜିଲ୍ଲା ସାଲେପୁର ଅଞ୍ଚଳର ଦିନେଶ ଓରଫ୍ ସୋନାକ୍ଷୀ। ସେ ଭୁବନେଶ୍ୱରରେ ଭଡ଼ାଘରେ ରହୁଥିଲେ। ଗତ ୧ ତାରିଖ ରାତି ପ୍ରାୟ ୮ଟାରେ ସୋନାକ୍ଷୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିଲେ। କିଛି ସମୟ ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଅନ୍ୟ ସହଯୋଗୀମାନେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପତ୍ନୀଙ୍କ ନଗ୍ନ ଫଟୋ ଭାଇରାଲ କରିଦେଲେ

**● ଥାନାରେ ମାମଲା, ଅଭିଯୁକ୍ତ ସ୍ୱାମୀ ଅଟକ**

**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ଭଲ ପାଇ ଶେଷରେ ପରସ୍ପରକୁ ଜୀବନସାଥୀ ରୂପେ ବାଛିନେଇଥିଲେ ହେଁ ପରବର୍ତ୍ତୀ ସମୟରେ ସେମାନଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ଶେଷରେ ସ୍ୱାମୀ ଜଣଙ୍କ ପତ୍ନୀଙ୍କ ନଗ୍ନ ଫଟୋ ଭାଇରାଲ୍ କରିଦେଇଛନ୍ତି। ଏପରିକି କିଛି ଅଭିଯୋଗ କରିଛନ୍ତି ଭରତପୁର ଅଞ୍ଚଳର ଜନୈକା ମହିଳା। ସେ ଭଲ ପାଉଥିବା ଯୁବକଙ୍କୁ ବିବାହ କରିଥିଲେ ହେଁ ପରେ ଯୌତୁକକୁ ନେଇ ଦୁଇ ପରିବାର ଭିତରେ ବିବାଦ ଦେଖାଦେଇଥିଲା।




ଏପରିକି ଏହି ଘଟଣାରେ ପତ୍ନୀଙ୍କୁ ସ୍ୱାମୀ ଜଣଙ୍କ ଘରୁ ବାହାର ବି କରିଦେଇଥିଲେ। ଏତିକିରେ ମନ ବୁଝିନଥିଲା ଓ ସ୍ୱାମୀ ଜଣଙ୍କ ପତ୍ନୀଙ୍କ ବିରୋଧରେ ପ୍ରତିଶୋଧ ପରାୟଣ ହୋଇ ତାଙ୍କର କେତେକ ନଗ୍ନ ଫଟୋକୁ ଏଡିଟ୍ କରି ସୋସିଆଲ ମିଡିଆରେ ଭାଇରାଲ କରିଦେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ଭରତପୁର ପୁଲିସ୍ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

**● ପାରିବାରିକ କଳହର କରୁଣ ପରିଣତି**

# ସାନ ଭାଇ ଜୀବନ ନେଲା ବଡ଼ ଭାଇ

**ଗଜପତି,୨୩।୨(ସଂଚାର ବ୍ୟୁରୋ):** ପାରିବାରିକ କଳହରୁ ଘଟିଛି ମହାଭାରତ। ସାନ ଭାଇକୁ ଅତି ନିର୍ମମ ଭାବେ ହତ୍ୟା କରିଛି ବଡ଼ ଭାଇ। ଗଜପତି ଜିଲ୍ଲା ମୋହନା ଥାନା କରଞ୍ଜକୁଆ ଗୁଡ଼ିସାହି ଗାଁରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତକ ଜଣଙ୍କ ଗୁଡ଼ିସାହିର ଲୁବି ମଲ୍ଲିକ ବୋଲି ଜଣାପଡ଼ିଛି। ଗତକାଲି ସନ୍ଧ୍ୟାରେ ଲୁବି ମଦ ପିଇ ତାଙ୍କ ସ୍ତ୍ରୀଙ୍କୁ ଅତି ଅମାନୁଷିକ ଭାବେ ମାଡ଼ ମାରିଥିଲେ। ତେବେ




ଏଥିରେ ହସ୍ତକ୍ଷେପ କରି ବଡ଼ ଭାଇ ଗୋବିନ୍ଦ ମଲ୍ଲିକ ଓ ଭାଉଜ ଲୁବିଙ୍କୁ ବୁଝାଉଥିଲେ ମଧ ସେ ଅଟକିନଥିଲା। ପରେ ଗୋବିନ୍ଦ ଲୁବିକୁ ପାଲଟା ମାଡ଼ ମାରିବା ଫଳରେ ସେ ନିକଟରେ ଥିବା ଏକ ଉପରେ ପଡ଼ିଯାଇଥିଲେ। ଏଥିରେ ଘଟଣାସ୍ଥଳରେ ହିଁ ଲୁବିଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ସକାଶେ ପଠାଇଛି। ବଡ଼ ଭାଇ ଗୋବିନ୍ଦଙ୍କୁ ପୁଲିସ୍ ଅଟକ ରଖି ମାମଲାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

**● ଭୁବନେଶ୍ୱର କୋର୍ଟ ସମ୍ମୁଖରେ ହିଟ୍ ଆଣ୍ଡ ରନ୍**

# ମହିଳାଙ୍କ ମୁଣ୍ଡରେ ଚଢ଼ିଗଲା ଇନୋଭା

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** ରାଜଧାନୀ ଭୟଙ୍କର ସଡ଼କ ଦୁର୍ଘଟଣା। କଳ୍ପନା ଛକ ନିକଟସ୍ଥ ଭୁବନେଶ୍ୱର କୋର୍ଟ ସମ୍ମୁଖରେ ଘଟିଛି ହିଟ୍ ଆଣ୍ଡ ରନ୍ ଘଟଣା। ମହିଳାଙ୍କ ମୁଣ୍ଡ ଉପରେ ମାଡ଼ିଗଲା ଇନୋଭା କାର୍। ଫଳତଃ ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ଇନୋଭା କାର୍ ଫେରାର ହୋଇଯାଇଛି। ମିଳିଥିବା ସୂଚନାନୁଯାୟୀ, ଆଜି ସକାଳେ କୌଣସି କାମରେ ସ୍ୱାମୀ-ସ୍ତ୍ରୀ ଓ ତାଙ୍କ ପିଲା ଯାଉଥିଲେ। ତେବେ ଏହି ସମୟରେ ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେବା ପରେ ମହିଳାଙ୍କ ମୁଣ୍ଡରେ ମାଡ଼ିଯାଇଥିଲା କିଲର୍ ଇନୋଭା। ଫଳତଃ ରକ୍ତରେ ଭାସିଥିଲା କୋର୍ଟ ସମ୍ମୁଖ ରାସ୍ତା। ରକ୍ତାକ୍ତ ଅବସ୍ଥାରେ ମହିଳାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ତେବେ ଦୁର୍ଘଟଣା ଘଟାଇବା ପରେ ଇନୋଭା କାର୍ ଚାଳକ ଘଟଣାସ୍ଥଳରୁ ଚମ୍ପଟ୍ ମରିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲେ। ଏପିରିକି କିଛି ସମୟ ପାଇଁ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଫଳରେ ଗାଡ଼ି ଯିବା ଆସିବାରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଟ୍ରାଫିକ୍ ସମସ୍ୟା ଦୂର ହୋଇଥିଲା। ଅନ୍ୟ ପକ୍ଷରେ ଇନୋଭା ଡ୍ରାଇଭରକୁ ଧରିବାକୁ ପୁଲିସ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଥିବା ଜଣାପଡ଼ିଛି।

**ସ୍ମାର୍ଟସିଟିରେ ହେବ ମେଡିଆନ୍‌ର ସୌନ୍ଦର୍ଯ୍ୟକରଣ**

# ବାଣୀ ବିହାର-ଶିଶୁ ଭବନ ରାସ୍ତାରେ ଝଲସିବ ଅର୍ଣ୍ଣାମେଣ୍ଟାଲ ଟ୍ରି'

**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ପୁଣି ଝଲସିବ ଜନପଥ। ରାଜଧାନୀକୁ ଫେରିବ ସୌନ୍ଦର୍ଯ୍ୟକରଣ। ବସନ୍ତରେ ନୂଆ ଗଛ ଲଗାଇବ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍)। ବିଏସ୍‌ସିଏଲର ପରିଚାଳନା ନିର୍ଦ୍ଦେଶକ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏପରି ନିଷ୍ପତ୍ତି ହୋଇଛି। ବାଣୀବିହାରରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଜନପଥ ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ବିଏସ୍‌ସିଏଲ୍ ପକ୍ଷରୁ ବାଉଁଶ ବାଡ଼ ଲଗାଯାଇଥିଲା। ହେଲେ ମାତ୍ର ୩ ବର୍ଷ ଭିତରେ ଏହି ବାଉଁଶବାଡ ଭାଙ୍ଗିଗଲା। ଯାହା କିଛି ବାକି ଥିଲା, ମେଟ୍ରୋ ପ୍ରକଳ୍ପ ପାଇଁ ଖୋଳାଖୋଳି ସମୟରେ ବରବାଦ ହୋଇଯାଇଛି। ସେବେଠୁ ଜନପଥ ତା'ର ଗୌରବ ହରାଇ ବସିଥିବା ବେଳେ ଏବେ ଏହି ହଜିଯାଇଥିବା ପରିଚୟ ପୁଣି ଖୋଜି ଆଣିବ ସ୍ମାର୍ଟସିଟି।

ବାଣୀ ବିହାରରୁ ଶିଶୁ ଭବନ ରାସ୍ତା ମେଡିଆନ୍‌ରେ ଗଛ ଲାଗିବ। ୫.୨ କିମି ଏହି ମେଡିଆନ୍‌ରେ ନାନାଦି ରକବର ଅର୍ଣ୍ଣାମେଣ୍ଟାଲ ଟ୍ରି ଲାଗିବ। ଏ ବାବଦରେ



ମୋଟ ୨.୬୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ହୋଇଛି। ବୈଠକରେ ଏହି ନିଷ୍ପତ୍ତି ଉପରେ ମୋହର ବାଜିଥିବା ବେଳେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ତେବେ କେବଳ ମେଡିଆନ୍ ନୁହେଁ, ଭୁବନେଶ୍ୱର ରେଳ ଷ୍ଟେସନର ମଧ ବିକାଶ ଚାଲିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି 'ମାଷ୍ଟରକ୍ୟାଷ୍ଟିନ୍ ଆଇ ଲଭ ଭୁବନେଶ୍ୱର' ପାରିପାର୍ଶ୍ୱିକର ମଧ ବିକାଶ ପାଇଁ ଯୋଜନା କରାଯାଇଛି। ଏଥିସହ ରାଜମହଲରୁ ଶିଶୁ ଭବନ ଆଖପାଖ ରାସ୍ତାର ବି ବିକାଶ ହେବ। ଏନେଇ ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ନକ୍ସା ମଧ ପ୍ରସ୍ତୁତ ହୋଇସାରିଛି। ମେଡିଆନ୍‌ରେ ଗଛ ଲାଗିବା ସହ ଏହାକୁ ଷ୍ଟିଲ ବାଡ଼ା ଦ୍ୱାରା ଘେରାଯିବ। ଏ ନେଇ ୬୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା ହୋଇଥିଲା। ପାଖାପାଖି ବର୍ଷେ ତଳେ ଷ୍ଟିଲ୍ ବାଡ଼ା କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ ଏହି କାର୍ଯ୍ୟ ଆଗେଇ ପାରିନଥିଲା। ଏବେ ଉଭୟ ମେଡିଆନ୍ ସୌନ୍ଦର୍ଯ୍ୟକରଣ ଓ ଷ୍ଟିଲ ବାଡ଼ାର କାମ କରାଯିବାକୁ ନିଷ୍ପତ୍ତି ହୋଇଛି। ବିଏମ୍‌ସି, ବିଡିଏ ଓ ସ୍ମାର୍ଟସିଟି ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ମେଡିଆନ୍ ଓ ଫୁଟ୍‌ପାଥ୍‌ର ସୌନ୍ଦର୍ଯ୍ୟକରଣ କରାଯାଉଛି। ନିକଟରେ ବିଏମ୍‌ସି ପକ୍ଷକୁ ନାଲ୍‌କୋ ସହ ଏକ ଚୁକ୍ତି ବି ହୋଇଛି। ଏଥିରେ ଜୟଦେବ ବିହାରରୁ ନାଲକୋ ଛକ ପର୍ଯ୍ୟନ୍ତ ରାସ୍ତାର ନାଲକୋ ଓ ବିଏମ୍‌ସି ମିଳିତ ଭାବେ ବିକାଶ କରିବେ।

**ବଳକା ପଦବୀ ପୂରଣ ଦାବି**

# ଆଶାୟୀ କନିଷ୍ଠ ଶିକ୍ଷକଙ୍କ ଧାରଣା



**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ରାଜରାସ୍ତାରେ କନିଷ୍ଠ ଶିକ୍ଷକ ଆଶାୟୀମାନେ ଧାରଣା ଦେଇଛନ୍ତି। ତୁରନ୍ତ ବିଭାଗ ପକ୍ଷରୁ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ କରାଯିବା ସହ ବଳକା ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଗତ ୨୦୨୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ହଜାର କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ସେଥି ମଧ୍ୟରୁ ମାତ୍ର ୧୩୦୦ ପଦବୀ ପୂରଣ ହୋଇଥିଲା। ତେଣୁ ସେତେବେଳେ ୬୦୦ରୁ ଅଧିକ କନିଷ୍ଠ ଶିକ୍ଷକ ଆଶାୟୀ ନିଯୁକ୍ତି ପାଇପାରିଲେ ନାହିଁ। କେବଳ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇଥିବା ବେଳେ ଆଶାୟୀମାନେ ଦ୍ୱିତୀୟ ମେରିଟ ଲିଷ୍ଟ ବାହାର କରିବା ସକାଶେ ଦାବିକୁ ଜୋର୍‌ଦାର କରିଛନ୍ତି। ପରୀକ୍ଷାରେ ବସି ପଢ଼ିଥିବା ଆଶାୟୀମାନଙ୍କର କେତେ ମାର୍କ ରହିଲା ତାହା ମଧ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ହେଲେ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି।

ଏହାକୁ ବିରୋଧ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ କନିଷ୍ଠ ଶିକ୍ଷକ ଆଶାୟୀ। ଗତ ମାସରେ ହାଇକୋର୍ଟଙ୍କ ପକ୍ଷରୁ ବଳକା ପଦବୀ ପୂରଣ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ନିଦାବିଷ୍ଟୁ ପାଲଟିଯାଇଛନ୍ତି। ଏହାକୁ ବିରୋଧ କରି ରାଜରାସ୍ତାରେ କନିଷ୍ଠ ଶିକ୍ଷକ ଆଶାୟୀମାନେ ଧାରଣା ଦେଇଥିବା ବେଳେ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ**

# ବୈଚାରିକ ଭାବେ ଦେବାଳିଆ ହୋଇଗଲାଣି କଂଗ୍ରେସ



**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ପ୍ରଗତି ପଥରେ ଆଗେଇ ଚାଲିଥିବାବେଳେ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଦେଶକୁ ବଦ୍‌ନାମ କରିବାକୁ ଅପଚେଷ୍ଟା କରୁଛନ୍ତି। ଦିଲ୍ଲୀଠାରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମିଟ୍ ସମ୍ମିଳନୀରେ ରାହୁଲଙ୍କ ଇଙ୍ଗିତରେ କଂଗ୍ରେସ କର୍ମୀମାନେ ବିଦେଶୀ ଅତିଥିଙ୍କ ସମ୍ମୁଖରେ ଶାର୍ଟ ଖୋଲି ଅର୍ଦ୍ଧନଗ୍ନ ପ୍ରଦର୍ଶନ କରି ଦେଶର ଗାରିମାକୁ ବିଶ୍ୱ ଦରବାରରେ କ୍ଷୁଣ୍ଣ କରିଛନ୍ତି। ଏଭଳି କାର୍ଯ୍ୟ କରି କଂଗ୍ରେସ ଦିନକୁ ଦିନ ଆହୁରି ତଳକୁ ଯାଉଛି। ଦେଶର ଏହି ସର୍ବପୁରାତନ ରାଜନୈତିକ ଦଳ ବୈଚାରିକ ଭାବେ ଦେବାଳିଆ ହୋଇଯାଇଛି ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି। କଂଗ୍ରେସର ଏଭଳି ଅଭଦ୍ର ଆଚରଣ ପ୍ରତିବାଦରେ ବିଜେପି ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ରାହୁଲ ଓ କଂଗ୍ରେସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାହୁଲଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏଥିସହ ଏଭଳି ଦେଶଦ୍ରୋହୀ କାର୍ଯ୍ୟ ପାଇଁ ରାହୁଲ ଦେଶବାସୀଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ବି ମୋର୍ଚ୍ଚା ଦାବି କରିଛି। ବିକ୍ଷୋଭରେ ମୋର୍ଚ୍ଚାର ଉପସଭାପତି ଡ. ରଞ୍ଜିତା ସେଠୀ, ସମ୍ପାଦିକା ନନ୍ଦିନୀ ଶତପଥୀଙ୍କ ସମେତ ମହିଳା ମୋର୍ଚ୍ଚା ରାଜ୍ୟ ଓ ଜିଲ୍ଲା ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଡା. ବିଶ୍ୱାଳ ଆହୁରି କହିଛନ୍ତି ଯେ ବିଶ୍ୱର ସର୍ବବୃହତ ଏଆଇ ଇମ୍ପାକ୍ଟ ସମିଟ୍ ଭାରତରେ ଅନୁଷ୍ଠିତ ହେବା ସବୁ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ମାତ୍ର ଏହି ସମିଟ୍‌ରେ ଘୃଣ୍ୟ ରାଜନୀତି ପାଇଁ କଂଗ୍ରେସ କର୍ମୀମାନେ ଭାରତକୁ ଅପମାନିତ କରିବାକୁ ଯୋଜନାବଦ୍ଧ ଭାବେ ଷଡ଼ଯନ୍ତ୍ର କରିଛନ୍ତି। ଗଣତନ୍ତ୍ରରେ ବିରୋଧୀ ଦଳ ହିସାବରେ ଶାସକ ଦଳକୁ ବିରୋଧ, ଶାସକ ଦଳର ପଲିସିକୁ ବିରୋଧ କରିବା ସ୍ୱାଗତ ଯୋଗ୍ୟ। କିନ୍ତୁ ଏହି ଗ୍ଲୋବାଲ ସମିଟ୍ କୌଣସି ରାଜନୈତିକ ମଞ୍ଚ ନ ଥିଲା। ଏଠାରେ ଭାରତର ବୈଷୟିକ ପ୍ରଗତି ଓ ନବସୃଜନକୁ ପ୍ରଦର୍ଶିତ କରାଯାଇଥିଲା। ଏଭିଳି ସ୍ଥାନରେ କଂଗ୍ରେସ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଜାଣିଶୁଣି ଦେଶର ଛବିକୁ ମଳିନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିପାଇଁ ଦେଶବାସୀ କଦାପି ରାହୁଲ୍‌ଙ୍କୁ କ୍ଷମା ଦେବେନାହିଁ ବୋଲି ଡା. ବିଶ୍ୱାଳ କହିଛନ୍ତି।

**ଛାତ୍ରୀ ଗଣବଳାତ୍କାର ମାମଲା**

# ସ୍କୁଲରେ ଯାଞ୍ଚ କଲେ ୩ ଜଣିଆ ଟିମ୍

**ରାଜକନିକା, ୨୩।୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳର ଏକ ସ୍କୁଲର ଜଣେ ୧୩ ବର୍ଷିଆ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ସୋମବାର ଜିଲା ଉପଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ, ଦିପ୍ତୀ ନାୟକ ଓ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତି ସମ୍ପୃକ୍ତ ସ୍କୁଲରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରି ଫେରି ଆସିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ସ୍କୁଲର ଜଣେ ଛାତ୍ରୀଙ୍କୁ ସ୍କୁଲର ୩ ଶିକ୍ଷକ, ଜଣେ ପିଅନ ଓ ସେମାନଙ୍କୁ ଜଣେ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଗଣବଳାତ୍କାର ଅଭିଯୋଗ ନେଇ ଶନିବାର ଜଣାପଡ଼ିଥିଲା। ପରେ ସମ୍ପୃକ୍ତ ସ୍କୁଲରେ ପୋଲିସ ପହଞ୍ଚି ସନ୍ଦେହରେ ୫ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷେ ସ୍କୁଲକୁ ବଦନାମ କରିବାକୁ ଏପରି ମସୁଧା ହୋଇଥିବା ନେଇ ରବିବାର ଅଭିଭାବକମାନେ ଥାନା ଘେରାଉ କରିଥିଲେ। ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ଦାବି କରି ସେମାନଙ୍କୁ ଛାଡି ଦିଆଯାଉ ବୋଲି ଦାବି କରିଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁଶାନ୍ତ ପାତ୍ର ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା ସହ ଆଇନକୁ ହାତକୁ ନ ନେବାକୁ ପରାମର୍ଶ ଦେବା ସହ ତଦନ୍ତରେ ସହଯୋଗ କରିବାକୁ କହିବାରୁ ଘେରାଉ ହଟିଥିଲା। ଅନ୍ୟପକ୍ଷେ ରବିବାର ସାଇଣ୍ଟିଫିକ ଟିମ୍ ସମ୍ପୃକ୍ତ ସ୍କୁଲକୁ ଯାଇ ତଦନ୍ତ କରି ଫେରିଥିଲେ। ଏହି ମାମଲା ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ରେଡଫ୍ଲାଗ ଘୋଷଣା କରାଯାଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ଗତ ୩ ଦିନ ଧରି ରାଜ୍ୟରେ ଏହି ସ୍ପର୍ଷକାତର ଘଟଣା ହଟଚମଟ ସୃଷ୍ଟି କରିଛି। ଏହି ଘଟଣା ଏବେ ଜାତୀୟ ଗଣମାଧମରେ ପ୍ରସାରିତ ହେବା ଏବଂ ରେଡଫ୍ଲାଗ ଘୋଷଣା ପରେ ୬୦ ଦିନ ପରେ ଘଟଣାର ଚାର୍ଜସିଟ ଦାଖଲ ହେବ ବୋଲି ଜଣାପଡିଛି।

# ସ୍ଥିତିରେ କ୍ରମାଗତ ଉନ୍ନତି ଘଟୁଛି: ମୁଖ୍ୟମନ୍ତ୍ରୀ

**ଫୁଲବାଣୀ/ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରାଇକିଆ କରଡ଼ା ନିକଟ ନିତିବାଡ଼ି ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ନେଇ ଗୁଇନ୍ଦା ସୂତ୍ରରୁ ଖବର ପାଇବା ପରେ ଏସଓଜି ଯବାନ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଏଥିରେ ଗତକାଲି ଜଣେ ପୁରୁଷ ଓ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ମାଓବାଦୀ ଆହତ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଉକ୍ତ

- **ଏବେ ବି କନ୍ଧମାଳରେ ସକ୍ରିୟ ଅଛନ୍ତି ୩୦ ମାଓବାଦୀ**
- **ପ୍ରତିଦିନ ବଦଳାଉଛନ୍ତି ଠିକଣା**

ମାଓବାଦୀମାନଙ୍କଠାରୁ ଗୋଟିଏ ଏକେ-୪୭ ଓ ଗୋଟିଏ ଏସଏଲଆର ବନ୍ଧୁକ ସହ ବ୍ୟାପକ ମାଓ ସାମଗ୍ରୀ ଜବତ ହୋଇଥିଲା। ତେବେ ଉକ୍ତ ଜଙ୍ଗଲରେ ଏବେ ବି ୩୦ ଜଣ ମାଓବାଦୀ ଲୁଚି ରହିଛନ୍ତି ବୋଲି ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି




ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅପରେସନ୍ ସଞ୍ଜୀବ ପଣ୍ଡା। ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ୩୦ ମାଓବାଦୀ ସୁରକ୍ଷା କର୍ମୀଙ୍କୁ ଚକ୍‌ମା ଦେବା ସକାଶେ ପ୍ରତିଦିନ ସ୍ଥାନ ବଦଳାଉଛନ୍ତି। ଜିଲ୍ଲାର ରାଇକିଆ, ଦାରିଙ୍ଗବାଡ଼ି ଏବଂ କୋଟଗଡ଼ରେ ସେମାନେ ବିଚରଣ କରୁଛନ୍ତି। ଆମର ମିଳିତ ଅପରେଶନରେ ଗତକାଲି ଦୁଇ ଜଣ ମାଓବାଦୀ ନିହତ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀମୁକ୍ତ ଅଞ୍ଚଳ କରିବା ସକାଶେ ଆମେ ପ୍ରଚେଷ୍ଟା କରୁଛୁ। ଏବେବି ଆମେ ସେମାନଙ୍କୁ ହିଂସା ପଥ ଛାଡ଼ି ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଉଛୁ ବୋଲି ଜିଲ୍ଲା ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ରାଇକିଆ ଥାନା ଅନ୍ତର୍ଗତ ନନ୍ଦାବାଲି ସଂରକ୍ଷିତ ଜଙ୍ଗଲରେ ପୁଲିସ ଓ ମାଓବାଦୀଙ୍କ ମଧରେ ହୋଇଥିବା ଗୁଳି ବିନିମୟରେ ମୃତ୍ୟୁବରଣ କରିଥିବା ମାଓବାଦୀ କେକେବିଏନ୍ ଡିଭିଜନ୍‌ର ସଦସ୍ୟ ଥିଲେ। କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ନିର୍ଦ୍ଦେଶକ୍ରମେ ଗତ ୨୦ ତାରିଖ ରାତିରୁ ଏକ ମିଳିତ ଅଭିଯାନ ଆରମ୍ଭ କରାଯାଇଥିଲା। ଏଥିରେ ଏସଓଜିର ୧୧ଟି ଟିମ୍ ଓ ସିଆରପିଏଫର ୨ଟି ଟିମ୍ ସାମିଲ ହୋଇଥିଲେ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିପି ନୀତି ଶେଖର, ଆଇଜିପି ଦୀପକ କୁମାର, ଡିଆଇଜି ଅଖିଳେଶ୍ୱର ସିଂ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଆଜି ବିଧାନସଭାରେ ରାଜ୍ୟରେ ମାଓ ସମସ୍ୟାର ସ୍ଥିତି ନେଇ ବିଧାୟକ ଧ୍ରୁବଚରଣ ସାହୁଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମାଓବାଦୀ ସମସ୍ୟାଜନିତ ସ୍ଥିତିରେ କ୍ରମାଗତ ଭାବେ ଉନ୍ନତି ପରିଲକ୍ଷିତ ହେଉଛି। ନିକଟରେ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ପର୍କିତ ଖର୍ଚ୍ଚ ଯୋଜନା ଅନୁଯାୟୀ କେବଳ କନ୍ଧମାଳ ଜିଲ୍ଲାକୁ ଅନ୍ୟ ମାଓପ୍ରବଣ ଜିଲ୍ଲା ତାଲିକାରେ ରଖାଯାଇଛି। ମାଲକାନଗିରି, କୋରାପୁଟ, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ବୌଦ୍ଧ ଓ ବଲାଙ୍ଗିର ପରି ୮ ଜିଲ୍ଲାକୁ 'ଲିଗାସି ଆଣ୍ଡ ଥ୍ରଷ୍ଟ' ଜିଲ୍ଲା ବର୍ଗରେ ରଖାଯାଇଛି। ଏବେ ରାଜ୍ୟରେ ପ୍ରାୟ ୪୦ ଜଣ ସକ୍ରିୟ ମାଓବାଦୀ ୫ଟି ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ





SANCHAR
ସଂଚାର
ମଙ୍ଗଳବାର ୨୪ ଫେବୃଆରୀ ୨୦୨୬
BUSINESS



# ସୁନା, ରୁପା ଦରରେ ବଡ଼ ଧରଣର ବୃଦ୍ଧି



ନୂଆଦିଲ୍ଲୀ, ୨୩।୨: ପୁଣିଥରେ ସୁନା ମୂଲ୍ୟରେ ବଡ଼ ଧରଣର ବୃଦ୍ଧି ହୋଇଛି। କେବଳ ସୁନା ନୁହେଁ ୨୩ ଫେବୃଆରୀରେ ସୁନା ଏବଂ ରୁପା ମୂଲ୍ୟ ବଢ଼ି ଯାଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ୩,୩୬୨ ବୃଦ୍ଧି ପାଇ ୧,୫୮,୪୨୮ ହୋଇଛି। ପୂର୍ବରୁ ଏହା ୧,୫୫,୦୬୬ ଟଙ୍କା ଥିଲା।

ସେହିପରି ଏକ କିଲୋଗ୍ରାମ ରୁପାର ମୂଲ୍ୟ ୧୫,୨୩୬ ଟଙ୍କା ବୃଦ୍ଧି ପାଇଛି। ଫଳରେ ରୁପା କେଜି ୨,୬୫,୫୫୦ରେ ପହଞ୍ଚିଛି। ଗତକାଲି ଏକ କିଲୋ ରୁପାର ଦାମ ୨,୫୦,୩୧୪ ପ୍ରତି ଥିଲା। ତେବେ ଆଗାମୀ ଦିନରେ ସୁନା ଏବଂ ରୁପାର ମୂଲ୍ୟରେ ଆହୁରି ବୃଦ୍ଧି ପାଇବାର ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେବେ ଚଳିତ ବର୍ଷ ଏପର୍ଯ୍ୟନ୍ତ ସୁଧା ସୁନା ୨୫,୦୦୦ ଟଙ୍କା ଏବଂ ରୁପା ୩୫,୦୦୦ ଟଙ୍କା ମହଙ୍ଗା ହେଲାଣି। ତେବେ ଇତି ମଧ୍ୟରେ, ଜାନୁଆରୀ ୨୯ ତାରିଖରେ ସୁନା ସର୍ବକାଳୀନ ସର୍ବାଧିକ ୧.୭୬ ଲକ୍ଷ ଟଙ୍କା ଏବଂ ରୁପା ୩.୮୬ ଲକ୍ଷ ଟଙ୍କା ରେକର୍ଡ ମୂଲ୍ୟ ବୃଦ୍ଧିରେ ପହଞ୍ଚିଥିଲା। ସେହିପରି ୨୦୨୫ କଥା ଯଦି ଆମେ ଦେଖିବା ତେବେ ସୁନା ମୂଲ୍ୟ ୨୦୨୫ରେ ୫୭ ହଜାର(୭୫%) ଟଙ୍କା ବଢ଼ିଥିଲା। ୩୧ ଡିସେମ୍ବର ୨୦୨୪ରେ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୭୬ ହଜାର ଟଙ୍କା ଥିଲା, ଯାହା ୩୧ ଡିସେମ୍ବର ୨୦୨୫ରେ ୧.୩୩ ଲକ୍ଷ ହୋଇ ଯାଇଥିଲା। ସେହିପରି ଏହି ଅବଧି ମଧ୍ୟରେ ରୁପା ୧.୪୪ ଲକ୍ଷ (୧୬୭%) ଟଙ୍କା ବୃଦ୍ଧି ପାଇଛି। ୩୧ ଡିସେମ୍ବର ୨୦୨୪ରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୮୬,୦୦୦ ଟଙ୍କା ଥିଲା ଏବଂ ବର୍ଷ ଶେଷରେ ଏହା ବୃଦ୍ଧି ପାଇ କେଜି ମୂଲ୍ୟ ୨.୩୦ ଲକ୍ଷରେ ପହଞ୍ଚିଛି। ତେବେ ଚଳିତ ବର୍ଷ ଶେଷ ସୁଦ୍ଧା ସୁନା ମୂଲ୍ୟ ୧ ଲକ୍ଷ ୮୦ ହଜାର ଅତିକ୍ରମ କରିପାରେ ବୋଲି କୁହାଯାଉଛି।



# କମିଲା ବିଟ୍ କଏନ୍ ମୂଲ୍ୟ

ନୂଆଦିଲ୍ଲୀ, ୨୩।୨: କମୁଛି କ୍ରେଜ୍। ଆଗ ଭଳି ବଢୁନି ଇନଭେଷ୍ଟମେଣ୍ଟ୍। ଦିନେ ରାଜ୍ କରୁଥିବା କ୍ରିପ୍ଟୋକରେନ୍ସି ବିଟ୍ କଏନ୍ ଏବେ ଚମକ ହରାଇଛି। ଏହାର ଦାମ୍ କମିବାରେ ଲାଗିଛି। ନିଜ ସର୍ବୋଚ୍ଚ ସ୍ତରରୁ ୪୦ ପ୍ରତିଶତ ଖସିଛି ବିଟ୍ କଏନ୍। ଯାହା ଦ୍ୱାରା ଲକ୍ଷ ଲକ୍ଷ ନିବେଶକ କ୍ଷତି ସହିଛନ୍ତି। ସବୁଠୁ ବଡ କଥା ହେଲା ଯେ ଦାମ୍ କମୁଥିଲେ ବି ଏଥିରେ ନିବେଶ କରୁନାହାଁନ୍ତି ନିବେଶକ। ଏହା ପଛରେ ଅନେକ କାରଣ ଥିବା ଅନୁମାନ କରାଯାଉଛି। ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ବିଟକଏନକୁ ନିବେଶକ ମୁହଁ ଫେରାଁଉଛନ୍ତି। ଏବେ ଦାମ୍ କମୁଛି। ପ୍ରାୟ ୪୦ ପ୍ରତିଶତ ଖସିଛି। ଅର୍ଥାତ ନିବେଶକଙ୍କ ଆଉ କ୍ରିପ୍ଟୋକରେନ୍ସି ଉପରେ ଭରସା ପାଉନି। ଦାମ୍ କମିବା ସାଧାକଣ କଥା। ହେଲେ ଦାମ୍ କମିଲେ ମଧ୍ୟ ନିବେଶ ବଢୁନି। ଅନେକ ସେୟାର ବା କ୍ରିପ୍ଟୋର ଦାମ୍ କମିଲେ ଏଥିରେ ଲୋକେ ଅଧିକ ନିବେଶ କରିଥାନ୍ତି। କିନ୍ତୁ ବିଟ୍ କଏନରେ ଏହାର ବିପରୀତ କଥା ଦେଖିବାକୁ ମିଳୁଛି। ବିଶେଷଜ୍ଞଙ୍କ କହିବାନୁସାରେ, ପୂର୍ବରୁ ପ୍ରତିଦିନ ବିଟ୍ କଏନ୍ ଦାମ ବଢୁଥିଲା। ଏବେ କିନ୍ତୁ ଦାମ୍ ଖସୁଛି। ଏହା ଉପରେ ଲୋକଙ୍କ ଭରସା ପାଉନି। ବିଟ୍ କଏନ୍ ବଦଳରେ ଅନେକ ଇଟିଏଫରେ ଲୋକେ ନିବେଶ କରୁଛନ୍ତି। ଅନେକ ନିବେଶକ କ୍ଷତିରେ ଅଛନ୍ତି। ଭୟରେ ନିବେଶ କରୁ ନାହାଁନ୍ତି। ସେଭେନ୍ସ ରିପୋର୍ଟ ଅନୁସାରେ, ଲୋକେ ବିଟ୍ କଏନକୁ ଜୁଆ ଭାବୁଛନ୍ତି। ଏହାର କିଛି ଭବିଷ୍ୟତ ନାହିଁ। ତେଣୁ ଲୋକେ ମୁହଁ ଫେରାଉଛନ୍ତି। ଏହାସହ ଅନେକ ଦେଶ କ୍ରିପ୍ଟୋ ଉପରେ କଟକଣା ଲଗାଇଛନ୍ତି। ଭାରତ ଏବଂ ଚାଇନା ଭଳି ଦେଶରେ ଏହା ଏବେ ନିବେଶ ସଂଗ୍ରହ କରିପାରୁନି। ତେଣୁ ବିଟ୍ କଏନର ଡିମାଣ୍ଡ କମୁଥିବା ରିପୋର୍ଟରେ ପ୍ରକାଶ ପାଇଛି।

# ସୁନା ଦର ବୃଦ୍ଧିକୁ ନେଇ ପ୍ରଶ୍ନ ଉଠାଇଲେ ଅର୍ଥମନ୍ତ୍ରୀ



ନୂଆଦିଲ୍ଲୀ ୨୩।୨: ଦେଶର ବଜାରରେ ସୁନା ଦର ଲଗାତାର ବଢ଼ିବଢ଼ି ଚାଲିଛି, ଫଳରେ ଏହା ସାଧାରଣ ଲୋକଙ୍କ ପହଞ୍ଚର ବାହାରକୁ ଯାଇସାରିଲାଣି। ସୁନା ରୂପା ଦର ଏପରି ବୃଦ୍ଧି ହେବା ନା କେବଳ ସାଧାରଣ ଲୋକ ସରକାରଙ୍କୁ ମଧ୍ୟ ଏବେ ଚିନ୍ତାରେ ପକାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କେନ୍ଦ୍ରୀୟ ନିର୍ଦ୍ଦେଶକ ମଣ୍ଡଳ ସହିତ ସୋମବାର ବଜେଟ ପରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୁନା ମୂଲ୍ୟ ବୃଦ୍ଧିର କାରଣ ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି ଯେ ସରକାର ସ୍ଥିତିର ଗୁରୁତ୍ୱ ଅନୁଭବ କରୁଛନ୍ତି ଓ ବଜାର ଗତିବିଧି ଉପରେ ଧ୍ୟାନ ରଖିଛନ୍ତି। ଅର୍ଥମନ୍ତ୍ରୀ ସାମ୍ବାଦିକଙ୍କ ସହ କଥାବାର୍ତ୍ତାରେ କହିଛନ୍ତି ଯେ ବର୍ତ୍ତମାନ ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କମାନେ ବିପୁଳ ପରିମାଣରେ ସୁନା ଓ ରୂପା କ୍ରୟ କରୁଛନ୍ତି। ଏଣୁ ଅନ୍ତର୍ଜାତୀୟ ବଜାରରେ ମୂଲ୍ୟବାନ ଧାତୁ ଦର ବଢୁଛି। ଭାରତରେ ସୁନା ନିବେଶର ଏକ ପ୍ରମୁଖ ମାଧ୍ୟମ ହୋଇ ରହିଛି। ଏଥିରେ ବିବାହ ଓ ପର୍ବପର୍ବାଣୀରେ ସୁନା ଚାହିଦା ଆହୁରି ବଢ଼ିଯାଏ। ସୀତାରମଣ କହିଛନ୍ତି ଯେ ଆମେ ଏହା ଉପରେ ନଜର ରଖିଛୁ, ତେବେ ମୂଲ୍ୟ ଏବେବି ଚିନ୍ତାଜନକ ସ୍ଥିତିକୁ ପହଞ୍ଚିନଥିବା ସେ କହିଛନ୍ତି। ଆରବିଆଇ ମଧ୍ୟ ଏହା ଉପରେ ଲଗାତାର ନଜର ରଖିବ ବୋଲି ସେ କହିଛନ୍ତି। ସୋମବାର ମଲ୍ଟି କମଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ସୁନା ମୂଲ୍ୟ ପୁଣି ଉଛୁଳିଛି। ଏପ୍ରିଲ ଗୋଲ୍ଡ କଣ୍ଟ୍ରାକ୍ଟ ୨,୯୪୬ ଅର୍ଥାତ ୧.୮୮% ବୃଦ୍ଧି ସହିତ ପ୍ରତି ୧୦ ଗ୍ରାମ ଦର ୧,୫୯,୮୨୨ ଟଙ୍କାର ରେକର୍ଡ ସ୍ତରକୁ ପହଞ୍ଚି ଯାଇଛି। ଅନ୍ତର୍ଜାତୀୟ ବଜାର ପରିସ୍ଥିତିରେ ମଧ୍ୟ ସେପରି କୌଣସି ପରିବର୍ତ୍ତନ ନାହିଁ। କମେକ୍ସ ରେ ଗୋଲ୍ଡ ଫ୍ୟୁଚର ପାଖାପାଖି ୨% ବଢି ୫,୧୭୭.୫୧ ଡଲାର ପ୍ରତି ଆଉନ୍ସ ପହଞ୍ଚି ଯାଇଛି। ବୈଶ୍ୱିକ ଟାରିଫର ବଢୁଥିବା ଚିନ୍ତା ମଧ୍ୟରେ ସୁନା ଏବେ ନିବେଶର ଏକ ସୁରକ୍ଷିତ ସ୍ଥାନ ପାଲଟିଛି। ଏହି ଅବସରରେ ଅର୍ଥମନ୍ତ୍ରୀ ଭାରତ ଓ ଆମେରିକା ବାଣିଜ୍ୟକ ସମ୍ପର୍କର ଭବିଷ୍ୟତ ଉପରେ ମଧ୍ୟ ନିଜ ବିଚାର ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଅର୍ଥମନ୍ତ୍ରାଳୟ ନିକଟରେ ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିର ସମ୍ଭାବିତ ପ୍ରଭାବର ସମୀକ୍ଷା କରୁଛି, ଯେଉଁଥିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଫ୍ରେମୱାର୍କ ରଦ୍ଦ ହୋଇଯାଇଛି। ଆମେରିକା ସୁପ୍ରିମକୋର୍ଟ ଅନ୍ତର୍ଜାତୀୟ ଜରୁରିକାଳୀନ ଆର୍ଥିକ ଶକ୍ତି ଅଧିନିୟମ (ଆଇଇଇପିଏ) ଅନୁସାରେ ଲାଗୁ କରାଯାଇଥିବା ଶୁଳ୍କକୁ ବେଆଇନ ବୋଲି କହିଛନ୍ତି। ତେବେ ଭାରତ ଉପରେ ଏହାର ପ୍ରଭାବକୁ ନେଇ ଏବେ କୌଣସି ଟିପ୍ପଣୀ କରିବା ତରବରିଆ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ହେଲେ ମନ୍ତ୍ରାଳୟ ସବୁ ଦିଗର ଆକଳନ କରୁଥିବା ସେ କହିଛନ୍ତି। ବୈଠକ ଶେଷରେ ଅର୍ଥମନ୍ତ୍ରୀ ଦେଶବାସୀଙ୍କୁ ଭାରତର ବିକାଶ ଯାତ୍ରାରେ ସକ୍ରିୟ ରୂପେ ସାମିଲ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅର୍ଥ ରାଜ୍ୟ ମନ୍ତ୍ରୀ ପଙ୍କଜ ଚୌଧୁରୀ ଓ ଆରବିଆଇ ଗଭର୍ଣ୍ଣର ମଧ୍ୟ ଉପସ୍ଥିତ ଥିଲେ। ସମସ୍ତେ ଦେଶର ଆର୍ଥିକ ସ୍ଥିରତା ଓ ନିରନ୍ତର ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ନିଜନିଜ ସଂକଳ୍ପ ଦୋହରାଇଛନ୍ତି।

### ଆଇଡିଏଫସି ବ୍ୟାଙ୍କରେ ଧରାପଡିଲା ବଡ ଦୁର୍ନୀତି

# ସାମ୍ନାକୁ ଆସିଲା କୋଟି କୋଟି ଟଙ୍କାର ଦୁର୍ନୀତି

ନୂଆଦିଲ୍ଲୀ, ୨୩।୨: ଆଇଡିଏଫସି ବ୍ୟାଙ୍କରେ ବଡ ଦୁର୍ନୀତି। ସାମ୍ନାକୁ ଆସିଲା କୋଟି କୋଟି ଟଙ୍କାର ଠକେଇ। ହରିୟାଣା ସରକାରଙ୍କ ସହ ଜଡ଼ିତ ଏକ ଆକାଉଣ୍ଟରେ ୫୯୦ କୋଟି ଟଙ୍କାର ଠକେଇ ହୋଇଥିବା ଆଇଡିଏଫସି ବ୍ୟାଙ୍କ୍ ପ୍ରକାଶ କରିଛି। ଯାହାପରେ ଏହାର ପ୍ରଭାବ ବ୍ୟାଙ୍କର ସେୟାର ଉପରେ ମଧ୍ୟ ପଡିଛି। ବ୍ୟାଙ୍କର କହିବାନୁସାରେ, ଚଣ୍ଡିଗଡର ଏକ ବ୍ରାଞ୍ଚରେ କିଛି କର୍ମଚାରୀ ଦୁର୍ନୀତି ଏବଂ ଠକେଇରେ ଲିପ୍ତ ଥିବା ସୂଚନା ମିଳିଛି।। ଯେଉଁଥିରୁ ବ୍ୟାଙ୍କରେ ଜାଲିଆତି ହୋଇଥିବା ସଙ୍କେତ ମିଳିଛି। ତେବେ ହରିୟାଣା ସରକାରଙ୍କ କିଛି ଆକାଉଣ୍ଟରେ ଚଞ୍ଚକତା ଏବଂ ଅର୍ଥ ହେରଫେର ହୋଇଛି। ତେବେ ଏହାର ପ୍ରଭାବ ଅନ୍ୟ ଗ୍ରାହକଙ୍କ ଉପରେ ପଡିବ ନାହିଁ ବୋଲି ବ୍ୟାଙ୍କ ସ୍ପଷ୍ଟ କରିଛି।

ଘଟଣାର ଖୁଲାସା ସେହି ସମୟରେ ହୋଇଥିଲା ଯେତେବେଳେ ହରିୟାଣା ସରକାରଙ୍କ ଏକ ବିଭାଗ ବ୍ୟାଙ୍କରେ ଥିବା ଆକାଉଣ୍ଟ ବନ୍ଦ କରିଥିଲା। ଏହି ଅର୍ଥକୁ ବିଭାଗ ଅନ୍ୟ ଏକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଟ୍ରାନ୍ସଫର୍ କରିଦେଇଥିଲା। ଏହି ପ୍ରକ୍ରିୟାରେ ବ୍ୟାଙ୍କର କାଗଜପତ୍ରର ଟଙ୍କା ଏବଂ ପ୍ରକୃତ ଅର୍ଥ ମଧ୍ୟରେ ଫରକ୍ ଜଣାପଡିଥିଲା। ଯାହାପରେ ଠକେଇ ହୋଇଥିବା ବାବଦରେ ତନାଘନା ଆରମ୍ଭ କରିଥିଲେ କର୍ତ୍ତୃପକ୍ଷ।



ଗତ ଫେବୃଆରୀ ୧୮ ତାରିଖରେ ହରିୟାଣା ସରକାରଙ୍କ ସହ ଜଡିତ ଆଉ କିଛି ବିଭାଗ ବ୍ୟାଙ୍କ ଆକାଉଣ୍ଟ ବାବଦରେ ଆଇଡିଏଫସି ବ୍ୟାଙ୍କ ସହ ସମ୍ପର୍କ କରିଥିଲେ। ଏଥିରେ ଅନେକ ଆକାଉଣ୍ଟର ପ୍ରକୃତ ବାଲାନ୍ସ ଏବଂ ବ୍ୟାଙ୍କ ତଥ୍ୟ ଅସମାନ ଥିବା ସାମ୍ନାକୁ ଆସିଥିଲା। ଏନେଇ ଆଇଡିଏଫସି ପକ୍ଷରୁ ଏନଏସଇ ବା ଜାତୀୟ ଷ୍ଟକ ଏକ୍ସଚେଞ୍ଜ୍ କୁ ସୂଚନା ଦିଆଯାଇଥିଲା। ମୋଟ୍ ୫୯୦ କୋଟି ଟଙ୍କାର ଅର୍ଥ ହେରଫେର ହୋଇଥିବା ଏଥିରେ ଦର୍ଶାଯାଇଥିଲା।

ଘଟଣାକୁ ନେଇ ବ୍ୟାଙ୍କ ପକ୍ଷରୁ ୪ଜଣ କର୍ମଚାରୀଙ୍କୁ ସସପେଣ୍ଡ୍ କରାଯାଇଛି। ପୋଲିସରେ ମଧ୍ୟ ଅଭିଯୋଗ ହୋଇଛି। ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଡିଏଫସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବାହାର ସଂସ୍ଥାକୁ ନିୟୋଜିତ କରିବାକୁ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ବାହାର ସଂସ୍ଥା ଫରେନସିକ୍ ଅଡିଟ୍ କରିବ। ଏହି ହେରଫେର କେବଳ ହରିୟାଣା ସରକାରଙ୍କ ଆକାଉଣ୍ଟରେ ସୀମିତ ଅଛି। ଅନ୍ୟ ସାଧାରଣ ଗ୍ରାହକଙ୍କ ଆକାଉଣ୍ଟରେ କୌଣସି ପ୍ରଭାବ ପଡିବ ନାହିଁ। ତଦନ୍ତ ପରେ ସମସ୍ତ ଚିତ୍ର ସ୍ପଷ୍ଟ ହେବ ବୋଲି ବ୍ୟାଙ୍କ୍ କହିଛି। ଅର୍ଥ ହେରଫେର ମାମଲା ସାମ୍ନାକୁ ଆସିବା ପରେ କମ୍ପାନୀର ସେୟାର ଦାମରେ ଅହେତୁକ ହ୍ରାସ ପରିଲକ୍ଷିତ ହୋଇଛି। ଗୋଟିଏ ଦିନରେ କମ୍ପାନୀର ସେୟାର ୨୦ ପ୍ରତିଶତ କମିଯାଇଛି। ଯାହାର ମୂଲ୍ୟ ପ୍ରାୟ ୧୪ ହଜାର ୪୩୮ କୋଟି ଟଙ୍କା ହେବ। ଆଗାମୀ ଦିନରେ ସେୟାର ଦାମ୍ ଆହୁରି ଖସିବ ବୋଲି ବଜାର ବିଶେଷଜ୍ଞ ଅନୁମାନ କରୁଛନ୍ତି।

# ପାକିସ୍ତାନରେ ଖଜୁରୀ ୧୨୦୦ ଟଙ୍କା, କଦଳୀ ୪୦୦ ପାର୍

ଇସଲାମାବାଦ: ପବିତ୍ର ରମଜାନ ମାସ ଆରମ୍ଭ ହୋଇଛି। ସେହରିରୁ ଇଫତାର ପର୍ଯ୍ୟନ୍ତ, ମୁସଲମାନମାନେ ଉପବାସ ରଖନ୍ତି। କିନ୍ତୁ ଇଫତାରରେ ସବୁଠାରୁ ଅଧିକ ଚାହିଦା ଥାଏ ଫଳର।ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି। ଏଥିରୁ ରମଜାନ ସମୟରେ ପାକିସ୍ତାନରେ ଫଳର ଦରଦାମ କିଭଳି ରହିଛି ସେନେଇ ଜଣାପଡ଼ିଛି।

ପାକିସ୍ତାନରେ କଦଳୀ ଏବଂ ଅମୃତଭଣ୍ଡା ଅତି ମହଙ୍ଗା। ଗୋଟିଏ ମାସର ରାସନ ଲାଗି ଯେତିକି ଅର୍ଥ ଦରକାର ତାଠୁ ଅଧିକ ଫଳର ଦାମ। ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ଦେଖିବା ପରେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ। ଦୋକାନୀ ତାଙ୍କୁ ତିନି ପ୍ରକାରର କଦଳୀ ଦେଖାଇଛନ୍ତି। ଖଦଳୀର ମୂଲ୍ୟ ୨୫୦ ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହା ବ୍ୟତୀତ, ଅମୃତଭଣ୍ଡା କେଜି ପିଛା ୪୦୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ଫଳ ସଂପର୍କରେ ମଧ୍ୟ ଜାଣିବାକୁ ଚେଷ୍ଟା କରିଥିଲେ ଭାରତୀୟ ବ୍ଲଗର। ସେଓ କିଲୋ ୫୦୦ ଟଙ୍କାରେ ବିକ୍ରି କରୁଛନ୍ତି ଦୋକାନୀ। ସବୁଠାରୁ ବଡ଼ କଥା ହେଉଛି, ରମଜାନରେ ଅଧିକ ଜରୁରୀ ଫଳ ଖଜୁରୀ ମୂଲ୍ୟ ଅତି ଅଧିକ। ପ୍ରତି କିଲୋ ଖଜୁରୀ ମୂଲ୍ୟ ୧୨୦୦ ପାକିସ୍ତାନୀ ଟଙ୍କା। ଖଜୁରୀ କିଲୋଗ୍ରାମ ୧୨୦୦ ଟଙ୍କା ହୋଇଥିବା ବେଳେ, ଏହା ପାକିସ୍ତାନର ନାଗରିକଙ୍କୁ ଶକ୍ତ ଆଘାତ ଦେଇଛି। ଗୋଟିଏ ମାସର ରାସନ ଖର୍ଚ୍ଚ ଠାରୁ ବି ଅଧିକ ଗୋଟିଏ କେଜି ଖଜୁରୀ ମୂଲ୍ୟ। ଇନଷ୍ଟାଗ୍ରାମ ଆକାଉଣ୍ଟରୁ ସେୟାର ହୋଇଥିବା ଏହି ଭିଡିଓକୁ ଲକ୍ଷ ଲକ୍ଷ ଲୋକ ଦେଖିସାରିଛନ୍ତି ଏବଂ ଅନେକ ଏହାକୁ ପସନ୍ଦ ମଧ୍ୟ କରିଛନ୍ତି। ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଭିଡିଓଟି ଉପରେ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି। ଜଣେ ୟୁଜର ଲେଖିଛନ୍ତି, 'ପାକିସ୍ତାନୀମାନେ ଏତେ ଉଚ୍ଚ ମୂଲ୍ୟରେ କିପରି ଜୀବନଯାପନ କରୁଛନ୍ତି ?' ଅନ୍ୟ ଜଣେ ଲେଖିଛନ୍ତି, 'ଆମ ଦେଶରେ ଅମୃତଭଣ୍ଡା କିଲୋ ପ୍ରତି ୪୦ ଟଙ୍କାରେ ବିକ୍ରି ହେଉଛି।' ଅନ୍ୟ ଜଣେ ୟୁଜର ଲେଖିଛନ୍ତି, 'ପାକିସ୍ତାନୀମାନେ ଫଳ ବର୍ଜନ କରିବା ଉଚିତ।'





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

## ମା'ବୁଢ଼ୀ ଜାଗୁଳାଇ ପାଲା ସଙ୍ଘର ମକର ମହୋତ୍ସବ



**କେନ୍ଦ୍ରାପଡ଼ା,୨୩।୨ (ସଂଚାର ବ୍ୟୁରୋ)**:ମା'ବୁଢ଼ୀ ଜାଗୁଳାଇ ପାଲା ସଙ୍ଘ ପକ୍ଷରୁ କଷୋଟି ଦୁହୁରିଆ ସ୍ଥିତ ବିଲେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ମକର ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସଙ୍ଘର ସମ୍ପାଦକ ଗାୟକ ପ୍ରକୃତିବନ୍ଧୁ ଗଗନବିହାରୀ ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୋଦା ବ୍ୟାଙ୍କର ଅବସରପ୍ରାପ୍ତ ପରିଚାଳକ ଅମରେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଆଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଅଭୟ କୁମାର ଶତପଥୀ, ସମାଜସେବୀ ସସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ, ବୃଦ୍ଧ,ବୃଦ୍ଧାମାନଙ୍କୁ ଶାଢ଼ୀ, ଯୋଡ, ଚନ୍ଦନ, ପୁଷ୍ପଗୁଛ, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାବାଜି ପଟ୍ଟନାୟକ, ସତ୍ୟବ୍ରତ ପରିଡା, ପ୍ରଦୀପ କୁମାର ଦାଶ, କେଦାରନାଥ ସାମନ୍ତରାୟ, ଅଶୋକ କୁମାର ସାହୁ, ନିରଞ୍ଜନ ପାତ୍ର, ବିଧୁଭୂଷଣ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ । ଏଥିସହିତ ନୃତ୍ୟ, ସଂଗୀତ, ଘୋଡାନାଚ ଓ ପାଲା ପରିବେଷଣ ହୋଇଥିଲା । ନଳିନୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କ୍ଷୀରୋଦ କୁମାର ନାଥ, ରଘୁନାଥ ଦାସ, ନରହରି ସେଠୀ, ଦ୍ରୁବ ସାହୁ, ରାଜେନ୍ଦ୍ର ଦାସ, ବାବାଜି ଦାସ, ଲକ୍ଷ୍ମନ ନାଥଶର୍ମା, ନାଥ ସେଠୀ, ବାବାଜି ନାୟକ, ନାରାୟଣ ନାଥ, ସୋରିଆ ଦାସ, ଶୁକ ଦାସ, ଠୁରୀ ଦାସ, ମାତା ମଳିକ, ରେବତୀ ପଲାଇ, ରେବତୀ ଦାସ, କୌଶଲ୍ୟା ବେହେରା, ମାତା ବେହେରା, ରୁକ୍ମଣୀ ଦାସ, ସଙ୍ଘର କର୍ମକର୍ତ୍ତା ରାଜ କୁମାର ପଲାଇ, ପ୍ରଶନ୍ନ କୁମାର ପଲାଇ, ବିଶ୍ୱଜିତ ଦାସ, ସତ୍ୟଜିତ ଦାସ, ବର୍ଷାପ୍ରିୟଦର୍ଶିନୀ ଦାସ, ଇପସିତା ଦାସ, ରୋଜାଲିନ ଦାସ, ସୌମ୍ୟରଞ୍ଜନ ଦାସ, ଅଞ୍ଜନ କୁମାର ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୁବାଷ ଶତପଥୀ ଓ ଶ୍ରୀଧର ସାହୁ ପାଲା ପରିବେଷଣ କରିଥିବା ବେଳେ ଦେବକୀ ବେହେରା ଘୋଡାନାଚ, ଉପେନ୍ଦ୍ର ମଳିକ ସଙ୍କୀର୍ତ୍ତନ ଓ ନଳିନୀ ସ୍ୱାଇଁ ଏକତାର ଭଜନ ଗାନ କରିଥିଲେ ।

## ଆସୁଛି ଖରାଦିନ, ବଢୁଛି ପ୍ରଦୂଷଣ

# ନିର୍ଭୟରେ ଗଛକାଟି ନେଉଛନ୍ତି ଲୋକେ, ପ୍ରଶାସନ ନୀରବ

**କଳିଙ୍ଗନଗର,୨୩।୨ (ସଂଚାର ବ୍ୟୁରୋ)**: କଳିଙ୍ଗନଗର ଶିଳ୍ପାଞ୍ଚଳରେ ଯେତିକି ମାତ୍ରାରେ ଶିଳ୍ପ ଗଠି ଉଠିଲାଣି ସେତିକି ପରିମାଣରେ ପରିବେଶକୁ ସୁସ୍ଥ ଓ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ବୃକ୍ଷ ରୋପଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଶିଳ୍ପ କର୍ତ୍ତୃପକ୍ଷ ମାନେ କାଗଜ କଲମରେ ଯେତିକି ବୃକ୍ଷ ରୋପଣ କଲେ ବୋଲି ଦର୍ଶାଉଛନ୍ତି ବାସ୍ତବରେ ତାର ଅଧା ଗଛ ଥିବା ଦେଖିବାକୁ ମିଳୁନାହିଁ, ଯେତିକି କି ଗଛ ଲଗାଉଛନ୍ତି ସେଗୁଡିକ ବଞ୍ଚିଲା ପରେ ତାର ରକ୍ଷଣାବେକ୍ଷଣା ଦାୟିତ୍ୱ କିଏ ନେବ ବୁଝା ପଡୁନାହିଁ।

କଳିଙ୍ଗନଗର ଶିଳ୍ପାଞ୍ଚଳର ଡୁବୁରୀ ଛକରୁ ମାନପୁର ଓଭର ବ୍ରିଜ ପର୍ଯ୍ୟନ୍ତ ଟାଟା ଓ ଜିନ୍ଦଲ, ବି. ଆର. ପି. ଏଲ କାରଖାନା ପାଚେରୀ ପାର୍ଶ୍ୱରେ ରାସ୍ତା କଡେ କଡେ ବିଗତ ବର୍ଷ ବର୍ଷା ଦିନରେ ଯେଉଁ ସବୁ ବୃକ୍ଷ ରୋପଣ କରାଯାଇ ଥିଲା କାଳ କ୍ରମେ ତାହା ବଡ଼ ହୋଇ ଯାଇଥିଲା, ସେଥିପାଇଁ ଗ୍ରୀଷ୍ମ ଦିନେ ବାଟୋଇ ମାନେ ରାସ୍ତା କଡ଼ରେ ଛାଇରେ ବିଶ୍ରାମ ନେଉଥିଲେ, ଧୂଳି, ଧୂଆଁ ସବୁ ବୃକ୍ଷ ଅଟକାଉ ଥିଲା, ସବୁଜ ସୁନ୍ଦର ଲାଗୁଥିଲା। ଟାଟା କାରଖାନା ଆରମ୍ଭ ଡି. ଇ. ଟି ଫାଟକ ପାଖରୁ ଖୁରୁଣ୍ଟି ଛକ ପର୍ଯ୍ୟନ୍ତ, ସେ ଗଛ



ଗୁଡିକୁ ଲୋକମାନେ ଦିନ ଦ୍ୱିପ୍ରହରରେ କାଟିକି ନେଇ ଧୀରେ ଧୀରେ ସଫା କଲେଣି। ଲୋକ ମାନେ ଏତେ ଚାଲାକ ଖରାବେଳେ ଆସି ନିଆଁ ଲଗାଇ ଦେଉଛନ୍ତି ଗଛ ମୂଳରେ ଥିବା ଘାସ, ଲଟା, ଡାଳ ପତ୍ର ପୋଡି ଗଲା ପରେ କିଛି ଦିନ ପରେ ଗଛ ଗୁଡିକ ଶୁଖି ଯାଉଛି, ଶୁଖିଲା ଗଛ ଜାଳ କାଠ ପାଇଁ ନେଉଛୁ କହି କାଟି ନେଉଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ ଚାରିପାଖରେ ରାସ୍ତା କଡ଼ରେ ଥିବା ଗଛ ଗୁଡିକୁ କାଟି ନେଉଥିବା ର ସମସ୍ତଙ୍କ ଦୃଷ୍ଟିରେ ପଡୁଥିବା ବେଳେ କମ୍ପାନୀ ସୁରକ୍ଷାକର୍ମୀ, ପୋଲିସ ପ୍ରଶାସନ, ବନ ବିଭାଗ, ପରିବେଶବିତ, ବୁଦ୍ଧିଜୀବୀ ସମସ୍ତେ ନୀରବ କାହିଁକି କିଛି ବୁଝା ପଡୁନାହିଁ।

ଅନୁରୂପ ଭାବେ ଧୂଳିଗଡ଼ ପୁରୁଣା ଜଙ୍ଗଲ ଲୁଟ ହୋଇଗଲାଣି, ନୂଆ ଶାଗୁଆନ ଜଙ୍ଗଲଟିରେ ଲୋକମାନେ ପଶି ଗଛ କାଟିବା ଆରମ୍ଭ କଲେଣି, ବୃକ୍ଷ ରୋପଣ ନାଁରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି, ଗୋଟେ ଗଛ ପାଣି ଦେଇ, ତାର ବାଡ଼ ଦେଇ ବଞ୍ଚାଇ ବଡ଼ କରିବା ପାଇଁ କେତେ ଟଙ୍କା ଖର୍ଚ୍ଚ ଆଉ କେତେ ବର୍ଷ ସମୟ ଲାଗୁଛି କିନ୍ତୁ ତାର ସୁରକ୍ଷା କଥା କେହି ଚିନ୍ତା କରୁନାହାନ୍ତି କି ଦୃଷ୍ଟି ଦେଉନାହାନ୍ତି ଯାହା ଫଳରେ ବର୍ଷ ବର୍ଷ ଧରି ହୋଇଥିବା ଗଛ ଗୋଟେ ଗୋଟେ ଘଣ୍ଟାରେ ସଫା ହୋଇ ପଦା ହୋଇ ଯାଉଛି।

ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁର ପରିବର୍ତ୍ତନ ଯାହା ହେଲାଣି, ଜଙ୍ଗଲ ଓ ବୃକ୍ଷ ରୋପଣ, ଗଛର ମାନବ ସମାଜ ପାଇଁ କେତେ ଆବଶ୍ୟକତା ତାହା ଜନସାଧାରଣଙ୍କୁ ସଚେତନତା କରିବା ସହ ଏହି ଗଛ ଗୁଡିକ କିପରି ସୁରକ୍ଷିତ ରହି ପାରିବ ତାହା ବନ ବିଭାଗ, କାରଖାନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ, ଯେଉଁ ମାନେ ଗଛ କାଟୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଦରକାର।

## କେନ୍ଦ୍ରାପଡାରେ ଷ୍ଟେଟ ବ୍ୟାଙ୍କ ପେନସନର୍ସ ସମସ୍ୟା ସମାଧାନ ବୈଠକ




**କେନ୍ଦ୍ରାପଡ଼ା,୨୩।୨ (ସଂଚାର ବ୍ୟୁରୋ)**: ପାରାଦୀପସ୍ଥିତ ଷ୍ଟେଟବ୍ୟାଙ୍କ ଆଳିକ ବାଣିଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ସମ୍ମିଳନୀ କକ୍ଷରେ ଷ୍ଟେଟବ୍ୟାଙ୍କ ପେନସନର୍ସ ସମସ୍ୟା ସମାଧାନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆଳିକ କାର୍ଯ୍ୟାଳୟର ମୁଖ୍ୟ ଆଳିକ ମହାପରିଚାଳକ ପିୟୁଷରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଳିକ କାର୍ଯ୍ୟାଳୟର ମାନବସମ୍ବଳ ପରିଚାଳକ ସୁଶାନ୍ତ କୁମାର ଦାସ, କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡିଶା ସର୍କଲର ଆଳିକ ସମ୍ପାଦକ ଗଣେଶ୍ୱର ମେକାପ ପେନସନର୍ସମାନଙ୍କ ବିଭିନ୍ନ ସମସ୍ୟା ବୈଠକରେ ଉପସ୍ଥାପନ କରିଥିଲେ । କେନ୍ଦ୍ରାପଡାରେ ଷ୍ଟେଟବ୍ୟାଙ୍କ ଡିସପେନସରୀ(ଚିକିତ୍ସା କେନ୍ଦ୍ର) ସହ ଏକ ଡାଇଗ୍ନୋଷ୍ଟିକ ସେର ଖୋଲାଯିବା ପାଇଁ ଆଳିକ କାର୍ଯ୍ୟାଳୟ ସୁପାରିଶ କରିବାକୁ ଆଳିକ ସମ୍ପାଦକ ଶ୍ରୀ ମେକାପ ଦାବି ଉପସ୍ଥାପନ କରିଥିଲେ । କେନ୍ଦ୍ରାପଡାରେ ଏହା ଖୋଲାଗଲେ ପେନସନର୍ସଙ୍କ ସମେତ ଷ୍ଟେଟବ୍ୟାଙ୍କ କର୍ମଚାରୀମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ଶ୍ରୀ ମେକାପ କହିଥିଲେ । ମୁଖ୍ୟ ଆଳିକ ମହାପରିଚାଳକ ଶ୍ରୀ ସ୍ୱାଇଁ ଓ କେନ୍ଦ୍ରାପଡା ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ଶ୍ରୀ ଭଟ୍ଟାଚାର୍ଯ୍ୟ ତୁରନ୍ତ କେନ୍ଦ୍ରାପଡାରେ ଏକ ଡାଇଗ୍ନୋଷ୍ଟିକ ସେର ଖୋଲାଯିବା ପାଇଁ ସୁପାରିଶ କରାଯିବ ବୋଲି ଦୃଢ ପ୍ରତିଶୃତି ଦେଇଥିଲେ । ବୈଠକରେ ପେନସନର୍ସ ସଙ୍ଘ ପକ୍ଷରୁ ମାଧବାନନ୍ଦ ମହାପାତ୍ର, ଶରତ କୁମାର ମୁଦୁଲି, ରବିନ ଗୋଛାୟତ, ସେକ ଏସାନ ମହମ୍ମଦ, ଶୁକଦେବ ଦାସ, ଦୁର୍ଯ୍ୟୋଧନ ସେଠୀ, ବିଜୟ ନାୟକ, ନିତ୍ୟାନନ୍ଦ ସେଠୀ, ରାମଚନ୍ଦ୍ର ସେଠୀ, ଅତୁଲ ଚନ୍ଦ୍ର ଗିରି, ସୁନାକର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଆଳିକ ସମ୍ପାଦକ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦଶରଥପୁର ବ୍ଲକ୍‌ରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

● ୧୩୮ ଅଭିଯୋଗ ପଞ୍ଜୀକୃତ, ୨୪ଟିର ତତ୍କାଳ ନିଷ୍ପତ୍ତି

**ଯାଜପୁର ଟାଉନ,୨୩।୨ (ସଂଚାର ବ୍ୟୁରୋ)**: ଜପୁର ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ସ୍ଥାନୀୟ ଲୋକଙ୍କ




ମଧ୍ୟରେ ସାର୍ଥକ ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କର ନିଜେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ସିଧାସଳଖ ଶୁଣାଣି କରିଥିଲେ।ମୋଟ ୧୩୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୧୧୩ଟି ବ୍ୟକ୍ତିଗତ, ୪ଟି ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ଓ ୨୧ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଆସିଥିଲା। ଏହାମଧ୍ୟରୁ ୨୪ଟି ଅଭିଯୋଗର ସ୍ଥଳରେ ହିଁ ତତ୍କାଳ ନିଷ୍ପତ୍ତି କରାଯାଇ ଥିବାରୁ ଅଭିଯୋଗକାରୀମାନେ ସନ୍ତୋଷ ପ୍ରକାଶ କରିଥିଲେ।

ଅନ୍ୟାନ୍ୟ ଅଭିଯୋଗକୁ ସମ୍ପର୍କିତ ବିଭାଗୀୟ ଅଧିକାରୀଙ୍କୁ ଯାଞ୍ଚ ପାଇଁ ପଠାଇ କରାଯାଇଥିବା ବେଳେ ଯୋଗ୍ୟ ମାମଲାର ତୁରନ୍ତ ସମାଧାନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ।ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଦଶରଥପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ଓ ତହସିଲଦାର ଶୁଭ୍ରାଂଶୁ ସାହୁ ସହ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ବିଭିନ୍ନ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

## ପ୍ଲାଷ୍ଟିକ୍ ମୁକ୍ତ ସମାଜ ଉଦ୍ଦେଶ୍ୟରେ ସୋଆ କୃଷି ମହାବିଦ୍ୟାଳୟର ପକ୍ଷରୁ କର୍ମଶାଳା

**ଭୁବନେଶ୍ୱର,୨୩।୨ (ସଂଚାର ବ୍ୟୁରୋ)**: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ପକ୍ଷରୁ ଜାତୀୟ ସେବା ସଂସ୍ଥା ଏନ୍.ଏସ୍.ଏସ୍ ଶାଖା ପକ୍ଷରୁ ଗତ ଶୁକ୍ରବାର ଦିନ ଭୁବନେଶ୍ୱର ସ୍ଥିତ ଶ୍ୟାମପୁର ଗ୍ରାମର ଓଁ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି।

ଏହି କର୍ମଶାଳାରେ ସୋଆ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ, ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫେସର କମଳ ଲୋଚନ ମହନ୍ତ ଓ ବରିଷ୍ଠ ଏନ୍.ଏସ୍.ଏସ୍ ପ୍ରୋଗ୍ରାମ ଅଫିସର ଡ. ସରୋଜ କୁମାର ମହାନ୍ତି କର୍ମଶାଳାକୁ ଉଦ୍‌ଘାଟନ କରି ବର୍ତ୍ତମାନ ସମୟରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଓ ସମାଜ




ପ୍ରତି ଏହାର କୁପ୍ରଭାବ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ସକ୍ରିୟ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ସେମାନଙ୍କ ଦ୍ୱାରା ମନ୍ଦିର ପ୍ରାଙ୍ଗଣ ଓ ଗ୍ରାମର ବିଭିନ୍ନ ଅଳିଆ ସ୍ଥାନଗୁଡିକୁ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

ଏହି କର୍ମଶାଳାରେ ଶ୍ୟାମପୁରର ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ଏନ୍.ଏସ୍, ଏସ୍ ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ମନରେ ପ୍ଲାଷ୍ଟିକ ଦ୍ରବ୍ୟର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ମାନସ ଦାସଙ୍କ ରଚିତ ପଥପ୍ରାନ୍ତ ନାଟକ "ଆଜିର ପ୍ଲାଷ୍ଟିକ କାଲିର ବିପଦ' ଗ୍ରାମର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇଥିଲା। ଏହି ନାଟକ ମାଧ୍ୟମରେ ପ୍ଲାଷ୍ଟିକ ଦ୍ରବ୍ୟର ବ୍ୟବହାର ଓ ଭବିଷ୍ୟତ ପାଇଁ ଆମ ସମାଜ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଗ୍ରାମବାସୀମାନଙ୍କୁ ଅବଗତ କରାଯାଇଥିଲା। ତାପରେ ଗ୍ରାମବାସୀଙ୍କ ସହ ଏକ ସମୂହ ସଂକଳ୍ପ କରିଥିଲେ। ପରେ ପରେ ସେବକ/ସେବିକାମାନେ ପ୍ଲାଷ୍ଟିକ ମୁକ୍ତ ସମାଜର ସ୍ଲୋଗାନ ସହିତ ପଦଯାତ୍ରା କରି ଗ୍ରାମ ପରିକ୍ରମା କରିଥିଲେ।

## ସୋଆ କ୍ରିଏଟିଭୋ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ




**ଭୁବନେଶ୍ୱର,୨୩।୨ (ସଂଚାର ବ୍ୟୁରୋ)**: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଅଧିନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରକଲ୍‌ଚରାଲ୍ ସାଇନ୍‌ସେସ୍ ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଏଟିଭୋ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ୨୦୨୬ ପାଳିତ ହୋଇଯାଇଛି। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ଉତ୍ସବକୁ ଉଦ୍‌ଘାଟନ କରିବା ସହ ମାତୃଭାଷା ଗୋଟିଏ ଜାତିର ଉନ୍ନତିର ଭିତିଭୂମି ବୋଲି କହିଥିଲେ।

ଏହି ଅବସରରେ ବରିଷ୍ଠ ପ୍ରଫେସର ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ।

ଏହି କାର୍ଯ୍ୟକ୍ରମର ଆବାହକ ଡକ୍ଟର ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ କ୍ରିଆଟିଭୋ ଉପଦେଷ୍ଟା ପ୍ରଫେସର ବିବୁଧ ପରାଶର, ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ଏବଂ ବରିଷ୍ଠ ପ୍ରଫେସର ଡକ୍ଟର ସରୋଜ କୁମାର ମହାନ୍ତି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଓଡ଼ିଆ କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାତୃଭାଷା ଦିବସ ପାଳନର ସଂଯୋଜକ ଡକ୍ଟର ସୁବ୍ରତ ସେନାପତି କବିତା ଆବୃତି ଅଧିବେଶନ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ନନ୍ଦିତା ଜେନା ଓ ଡକ୍ଟର ଅମ୍ବରିଶ ମଙ୍ଗରାଜ ବିଚାରକ ଭାବେ ଯୋଗ ଦେଇଥିଲେ।

ଏହି କବିତା ଆସରରେ ଶ୍ରୀମତି ଲୋପାମୁଦ୍ରା ମହାନ୍ତି, ଡକ୍ଟର କୁମାର ସମ୍ଭବ ଗିରି, ଡକ୍ଟର ସୁବ୍ରତ ସେନାପତି, ଅଦିତି ରଥ, ଆଶିଷ ପ୍ରତୀକ, ଅର୍ପିତା ସେନାପତି, ଆଦିତ୍ୟ ମହାପାତ୍ର, ଅଶୋକା ପାଣିଗ୍ରାହୀ, ସୋମ୍ୟାଶ୍ରୀ ମିଶ୍ର, ବର୍ଷାରାଣି ଓଝା ପ୍ରମୁଖ କବିତା ଆବୃତି କରିଥିଲେ। ଶେଷରେ ଡକ୍ଟର ବିଦ୍ୱାନ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ରାଜୀବ କୁମାର ବେହେରା, ଡକ୍ଟର ଏସ୍. ପି ମୋନାଲିସା, ଡକ୍ଟର ରାମକୃଷ୍ଣ ବସ୍ତିଆ, ଡକ୍ଟର ଦୀପାଳି ଦାଶା ଓ ବିଶ୍ୱଜିତ ମିଶ୍ର ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲେ।

## ଆଞ୍ଚଳିକ କୁଇକୁଳ ଉପଶାଖା ବାର୍ଷିକ ଉତ୍ସବ



**କନ୍ଧମାଳ,୨୩।୨ (ସଂଚାର ବ୍ୟୁରୋ)**: କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାରଙ୍ଗଡ଼ କୁଇକୁଳ ସମିତି ସଭା ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ରେ ଆଞ୍ଚଳିକ କୁଇକୁଳ ସମିତି ସଭାପତି ନିରାକାର ପ୍ରଧାନ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଶ୍ରୀନିବାସ ଜାନୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଶ୍ରୀଯୁକ୍ତ ପୁଷାରା କହଁର,ସିନାଲା ପ୍ରଧାନ, ଦୟାନିଧି ମଲିକ, ମଦନମୋହନ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ମୁଖ୍ୟ ବକ୍ତା ଭାବେ କ୍ଲେଶ ପ୍ରଧାନ ସହ ଉପଶାଖା ସଭାପତି ଗଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ବ୍ଲକ ବିଭିନ୍ନ ପଞ୍ଚାୟତ ର ସଭାପତି କର୍ମକର୍ତ୍ତା ଯୋଗଦେଇ ଥିବା ବେଳେ ଆଞ୍ଚଳିକ ଶାଖା ସଭାପତି ନିରାକାର ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ । ଏଥିରେ ବିଭିନ୍ନ ପାରମ୍ପାରିକ କୁଇ ନୃତ୍ୟ ଦଳକୁ ଉପସ୍ଥିତ ଥିବା ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ପ୍ରଦାନ କରିଥିବା ବେଳେ ଶାଖା ସଭାପତି ନିରାକାର ପ୍ରଧାନ, ସଂପାଦକ ବିବେକାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ବିସ୍କେକେଶନ ପ୍ରଧାନ, ବରିଷ୍ଠ କର୍ମକର୍ତ୍ତା କଳାକୁଞ୍ଜ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ,ବିଜୟ ଚନ୍ଦ୍ର ପ୍ରଧାନ,ବୈଦ୍ୟନାଥ ପ୍ରଧାନ, ଲାମ୍ବୁରା ପ୍ରଧାନ, ବିଜୟ ଚନ୍ଦ୍ର ପ୍ରଧାନ ଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଭାରତୀ ବିଦ୍ୟାମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ




**ଗରଦପୁର,୨୩।୨ (ସଂଚାର ବ୍ୟୁରୋ)**: କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ପାଟକୁରା ଠାରେ ଗଢି ଉଠିଥିବା ଭାରତୀ ବିଦ୍ୟାମନ୍ଦିର ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପଞ୍ଚମ ବାର୍ଷିକ ଉତ୍ସବ ବହୁ ଆଡମ୍ବର ସହକାରେ ପାଳନ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟକୁରା ଲୋକନାଥ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ଶ୍ରୀମତୀ ବିଚିତ୍ରା ମଞ୍ଜରୀ ତ୍ରିପାଠୀ ଯୋଗଦେବା ସହ ମାର୍ଶାଘାଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମୁଖ୍ୟ ବକ୍ତା ଓ ସମ୍ମାନନୀୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗନ୍ଧର୍ବ ମହାପାତ୍ର,ପ୍ରଧ୍ୟାପକ ବରିଷ୍ଠ ଶିକ୍ଷାବିତ ଅଜୟ କୁମାର ରାଉତ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ର ମୋହନ ପଟ୍ଟନାୟକ,ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ନାୟକ ଏବଂ ପାଟକୁରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୀନାବାଳା ମହାନ୍ତି ଉପସ୍ଥିତ ରହି ଉପସ୍ଥିତ ଥିବା କୁନି କୁନି ଛାତ୍ର ଛାତ୍ରୀଙ୍କୁ ପାଠ ପଢି ଭଲ ମଣିଷ ହୋଇ ନିଜ ଅଞ୍ଚଳର ଏବଂ ନିଜ ଗୁରୁ, ପିତା ମାତାଙ୍କ ଯଶ ରଖିବା ସହ ସମାଜ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଉପଦେଶ ଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର କୁନି କୁନି କଳାକାର ମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ସଭିଙ୍କ ପାଇଁ ରାତ୍ରି ଭୋଜନର ବ୍ୟବସ୍ଥା କରାଯାଇଥିଲା।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

**ସୁବର୍ଣ୍ଣପୁର,୨୩।୨ (ସଂଚାର ବ୍ୟୁରୋ)**: ସୁବର୍ଣ୍ଣପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅଶୋକ କୁମାର ବଡମାଳିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀଯୁକ୍ତ ଅଶୋକ କୁମାର ବଡମାଳୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ନନ୍ଦ କିଶୋର ମିଶ୍ର ଗୁରୁଜୀ ମାତୃଭାଷା ବିଷୟରେ ଅଭିଭାଷଣ ଦେଇଥିଲେ। ଷଷ୍ଠ ରୁ ନବମ ଶ୍ରେଣୀର ଶିଶୁମାନଙ୍କ ଦ୍ୱାରା ନଗର ପରିକ୍ରମା କରାଯାଇଥିଲା। ମୁଖ୍ୟ ବକ୍ତା ନନ୍ଦକିଶୋର ମିଶ୍ର ଉଦ୍ଦେଶ୍ୟ କଥନ ଅଶୋକ କୁମାର ବନମାଳି ସଂଯୋଜିକା ରୀତାଞ୍ଜଳୀ ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀରେ ଷଷ୍ଠଶ୍ରେଣୀ ଭଉଣୀ ଭାଗନେଇଥିଲେ। ସମ୍ବଲପୁରୀ ଚତୁର୍ଥ ଶ୍ରେଣୀ ଭାଗରେ ସାମିଲ ହୋଇଥିଲେ ଓ ସାମୂହିକ କଣ୍ଠଦାନ ସପ୍ତମ ଓ ଅଷ୍ଟମ ଶ୍ରେଣୀ ଭଉଣୀ ମାନେ କାର୍ଯ୍ୟକ୍ରମ ଆରମ୍ଭରେ ସାମୂହିକ କଣ୍ଠ ସଙ୍ଗୀତ ଗାନ କରାଯାଇଥିଲା। ଅଶୋକ ବନମାଳୀ ଙ୍କ ଉଦ୍ଦେଶ୍ୟ କଥନ କରିଥିଲେ ନନ୍ଦକିଶୋର ମିଶ୍ର ନବମ ଶ୍ରେଣୀର ଛାତ୍ର ମାନେ ମାତୃଭାଷା ବିଷୟ ଭାଷଣ ଦେଇଥିଲେ। ପ୍ରତ୍ୟେକ ଶ୍ରେଣୀରେ ମାତୃଭାଷାର ଆଗ୍ରହ ସୃଷ୍ଟି ନିମନ୍ତେ ଅନ୍ତାକ୍ଷରୀ ହୋଇଥିଲା। ଶପଥ ପାଠ ରୀତାଞ୍ଜଳୀ ପ୍ରଧାନ କରିଥିଲେ। ଶେଷରେ ଅନ୍ତର୍ଯ୍ୟାମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମାତୃଭାଷାର ସ୍ଲୋଗାନ କରି ଷଷ୍ଠଶ୍ରେଣୀରୁ ନବମ ଶ୍ରେଣୀ ଛାତ୍ର ଛାତ୍ରୀ ମାନେ ଶୋଭାଯାତ୍ରା କରିଥିଲେ।

ହେମନ୍ତ ଗୁରୁଜୀଙ୍କ ଦାୟିତ୍ୱରେ ଅନ୍ୟ ସମସ୍ତ ଗୁରୁଜୀ ଗୁରୁମା ଶିଶୁଙ୍କ ସହ ଶୋଭା ଯାତ୍ରାରେ ଯାଇଥିଲେ ।

## 'କୁଇ' ଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ




**ଫୁଲବାଣୀ,୨୩।୨ (ସଂଚାର ବ୍ୟୁରୋ)**:ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାରମ୍ଭ ହୋଇଥିବା "ଆମେ ପଢ଼ିବା ଆମ ଭାଷାରେ" କାର୍ଯ୍ୟକ୍ରମ ମାଧ୍ୟମରେ "କୁଇ" ଭାଷାରେ ଅଙ୍ଗନବାଡ଼ି ଶିଶୁମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଜିଲ୍ଲାସ୍ତରୀୟ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଫୁଲବାଣୀ ବ୍ଲକ ସଭାଗୃହ, ଫୁଲବାଣୀ ଠାରେ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ ତାଲିମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ରବି ନାରାୟଣ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ନେହଲତା ସାହୁ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୌମ୍ୟରଞ୍ଜନ ପାତ୍ର, ଅଙ୍ଗନବାଡ଼ି କର୍ମୀ, ଜନପ୍ରତିନିଧି , ଶିକ୍ଷକଶିକ୍ଷୟତ୍ରୀ, ଭାଷା ବିଶେଷଜ୍ଞ ଓ ସମ୍ପୃକ୍ତ ଅଧିକାରୀମାନେ ଭାଗ ନେଇଥିଲେ । ତାଲିମରେ ଭାଷା ନିର୍ଦ୍ଦିଷ୍ଟ ଶିକ୍ଷଣ ପଦ୍ଧତି, ଶିକ୍ଷଣ ସାମଗ୍ରୀ ବ୍ୟବହାର, ଅଡ଼ିଓ-ଭିଜୁଆଲ୍ ଉପକରଣ ଓ ପିଲାମାନଙ୍କର ଶିକ୍ଷଣ ଫଳାଫଳ ଉନ୍ନତି ପାଇଁ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ ଯେ, "ଆମେ ପଢ଼ିବା ଆମ ଭାଷାରେ" ଯୋଜନା ଆଦିବାସୀ ଅଞ୍ଚଳର ପିଲାମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ। ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଦ୍ୱାରା ପିଲାମାନଙ୍କର ବୁଦ୍ଧିବିକାଶ ଓ ଶିକ୍ଷଣ ପ୍ରତି ଆଗ୍ରହ ବୃଦ୍ଧି ପାଇବ। କନ୍ଧମାଳ ଜିଲ୍ଲାରେ ଏହି ଯୋଜନାକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଜଣାଇଥିଲେ।

## 'ମାଁ ମାଣିକେଶ୍ୱରୀ' ଇଣ୍ଡିଆନ୍ ଅଏଲ୍ ଫିଲିଂ ଷ୍ଟେସନ ଉଦ୍‌ଘାଟିତ

**କନ୍ଧମାଳ,୨୩।୨ (ସଂଚାର ବ୍ୟୁରୋ)**: କନ୍ଧମାଳ ଜିଲ୍ଲାର ଟିକାବାଲି ବ୍ଲକ ଅନ୍ତର୍ଗତ ପାବୁରିଆ ପଞ୍ଚାୟତ ରାଇକିଆ ରାସ୍ତା ପାର୍ଶ୍ୱରେ ଆଜି 'ମାଁ ମାଣିକେଶ୍ୱରୀ' ନାମକ ନୂତନ ଫିଲିଂ ଷ୍ଟେସନ ଭବ୍ୟ ଉଦଘାଟନ ଉତ୍ସାହ ଓ ଆଡ଼ମ୍ବର ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଏହି ସେଣ୍ଟରଟି ଇଣ୍ଡିଆନ୍ ଅଏଲ କର୍ପୋରେସନ ସହ ସଂଯୁକ୍ତ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବିଶେଷ ଆନନ୍ଦ ଓ ଆଶା ଦେଖାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଉଦ୍ ଘାଟନ କରିଥିଲେ । ସେଣ୍ଟର୍ ର ମାଲିକ ଶ୍ରୀ କିଶୋର ବିଶ୍ୱାଳଙ୍କ ଉପସ୍ଥିତିରେ ବିଧିବତ୍ ପୂଜାର୍ଚ୍ଚନା କରାଯାଇଥିଲା। ମାଁ ମାଣିକେଶ୍ୱରୀଙ୍କ ଆଶୀର୍ବାଦ କାମନା କରି ହୋମ-ଯଜ୍ଞ ଓ ପୂଜା ପର୍ବ ସମ୍ପନ୍ନ ହୋଇଥିଲା। ପରେ ଫିତା କାଟି ଓ ପୂଜାର ଶଙ୍ଖଧ୍ୱନି ମଧ୍ୟରେ ସେଣ୍ଟରଟି ସାଧାରଣ ଲୋକଙ୍କ ପାଇଁ ଉଦଘାଟିତ କରାଯାଇଥିଲା।

ଉଦଘାଟନ ସମୟରେ ଅଞ୍ଚଳର ବହୁ ସଂଖ୍ୟକ ଗ୍ରାମବାସୀ, ଯାନଚାଳକ ଓ ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ଓ ସାଧାରଣ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ବିଶେଷ ଆକର୍ଷଣ ଭାବେ କିଛି ଯାନ ଚାଳକଙ୍କୁ ପେଟ୍ରୋଲ ପ୍ରଦାନ କରାଯାଇଥିବାରୁ ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ପ୍ରକାଶ ପାଇଥିଲା। ଏହି ନୂତନ ମା ମାଣିକେଶ୍ୱରୀ ଫିଲିଂ ଷ୍ଟେସନ ଖୋଲାଯାଇଥିବାରୁ ପାବୁରିଆ-ରାଇକିଆ ରାସ୍ତାରେ ଯାତାୟାତ କରୁଥିବା ଯାନ ଚାଳକମାନେ ଏବେ ସ୍ଥାନୀୟ ସ୍ତରରେ ଉଚ୍ଚ ଗୁଣସ୍ତରୀୟ ଇନ୍ଧନ ସୁବିଧା ପାଇପାରିବେ। ପୂର୍ବରୁ ଇନ୍ଧନ ପାଇଁ ଦୂରସ୍ଥ ସ୍ଥାନକୁ ଯିବାକୁ ପଡୁଥିବା ଅସୁବିଧା ଏବେ ହ୍ରାସ ପାଇବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।






# ଧନୁରାସନ ମଧୁମେହ ରୋଗୀଙ୍କ ପାଇଁ ବରଦାନ







ସମାଜରେ ମଧୁମେହର ସମସ୍ୟା ଖୁବ ଜଲଦି ବୃଦ୍ଧି ପାଇବାରେ ଲାଗିଛି। ବଦଳୁଥିବା ଜୀବନଶୈଳୀ,କମ ବ୍ୟାୟାମ ଏବଂ ଖାଦ୍ୟ ପାନୀୟରେ ସମସ୍ୟା କାରଣରୁ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଇଣ୍ଟରନାସନାଲ ଡାଇବେଟୀଜ ଫାଉଣ୍ଡେସନ ଅନୁସାରେ ୭ କୋଟିରୁ ଅଧିକ ଭାରତୀୟ ଏହି ରୋଗରେ ଆକ୍ରାନ୍ତ ଅଛନ୍ତି। ଯଦି ସମୟ ଭିତରେ ଏହାର ଚିକିତ୍ସା ନ କରାଯାଏ ତେବେ ଏହାର ପ୍ରଭାବରୁ ଆହୁରି ଅନେକ ରୋଗ ମଧ୍ୟ ହୋଇଥାଏ। ଯଥା,କ୍ରୋନିକ କିଡନୀର ବିଫଳତା,ଚକ୍ଷୁ ସମସ୍ୟା,ହୃଦୟ ରୋଗ,ଷ୍ଟ୍ରୋକରେ ସମସ୍ୟା ଇତ୍ୟାଦି। କିନ୍ତୁ ଯଦି ଆପଣ ସମୟ ଭିତରେ ଏହାକୁ ଧ୍ୟାନ ଦିଅନ୍ତି ତାହେଲେ ଏଥିରୁ ମୁକ୍ତି ପାଇପାରିବେ। ଆଜି ଆମେ ଆପଣଙ୍କୁ ଜଣାଇବୁ କିଛି ଏମିତି ଯୋଗ ଯାହାକୁ ନିୟମିତ ପ୍ରୟାସ କରିବା ଦ୍ୱାରା ଆପଣ ଏହି ରୋଗକୁ ଦୁରେଇ ପାରିବେ।

**ବୃକ୍ଷାସନଃ** ବୃକ୍ଷାସନର ନାମ ବୃକ୍ଷ ଶବ୍ଦରୁ ହୋଇଛି। ଏହି ଆସନ କରିବାକୁ ହେଲେ ଆପଣଙ୍କୁ ଗଛର ମୁଦ୍ରାଭଳି ଠିଆ ହେବାକୁ ପଡିଥାଏ। ଯେଉଁ କାରଣରୁ ଏହାକୁ ବୃକ୍ଷାସନ କୁହାଯାଏ। ମଧୁମେହ ରୋଗୀଙ୍କ ପାଇଁ ଏହା ବହୁତ ଫାଇଦାପୂର୍ଣ୍ଣ ହୋଇଥାଏ।

**ଧନୁରାସନଃ** ଏହି ଆସନ ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ ହୋଇଥାଏ। ନିୟମିତ ଏହାକୁ ଅଭ୍ୟାସ କରିବା ଦ୍ୱାରା ପାନକ୍ରୀୟାଜ ଉତ୍ତେଜିତ ହୋଇଥାଏ ଏବଂ ଇନସୁଲିନ କ୍ଷରଣରେ ଲାଭ ମିଳିଥାଏ ଯାହା ସୁଗାରକୁ ସନ୍ତୁଳନ ରଖିବାରେ ସହାୟକ ହୋଇଥାଏ। ଏହା ମଧୁମେହ ଟାଇପ ୧ ଏବଂ ମଧୁମେହ ଟାଇପ ୨ ଉଭୟରେ ଲାଭ ପହଞ୍ଚାଇଥାଏ।

**ହଳାସନଃ** ହଳାସନ ସଂସ୍କୃତ ଶବ୍ଦ ହଳ ଏବଂ ଆସନରୁ ସୃଷ୍ଟି ହୋଇଛି। ଯେଉଁ ଲୋକମାନେ ମଧୁମେହ ରୋଗରେ ଆକ୍ରାନ୍ତ ସେମାନଙ୍କୁ ହଳାସନ ଆସନ ନିୟମିତ ଅଭ୍ୟାସ କରିବା ଉଚିତ।

# ନିୟମିତ ଲିଚୁ ଖାଉଛନ୍ତି କି ?

ଗରମ ଋତୁର ଆରମ୍ଭରେ ଅଧିକାଂଶ ଲୋକମାନେ ଲିଚୁ ଖାଇବା ପସନ୍ଦ କରିଥାନ୍ତି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଲିଚୁ କୋଳି ଖାଇବାକୁ ପସନ୍ଦ କରନ୍ତି। କିନ୍ତୁ ଆପଣ ଜାଣିଛନ୍ତି, ଲିଚୁ ମିଠା ଏବଂ ରସାଳ ହେବା ସହ ଏଥିରେ ଅନେକ ପୋଷକ ତତ୍ତ୍ୱ ମଧ୍ୟ ରହିଥାଏ। ଅଜ୍ଞା ହଁ, ଲିଚୁ ଶରୀର ପାଇଁ ଖୁବ ଲାଭଦାୟକ। ଏଥିରେ କାର୍ବୋହାଇଡ୍ରେଡ୍, ଭିଟାମିନ-ସି, ଏ ଏବଂ ବି କମ୍ପ୍ଲେକ୍ସ ଆଦି ପ୍ରଚୁର ମାତ୍ରାରେ ରହିଥାଏ। ଏହା ବ୍ୟତିତ ଏଥିରେ



ପୋଟାସିୟମ, କ୍ୟାଲସିୟମ, ମ୍ୟାଗନେସିୟମ, ଫସଫରସ ଏବଂ ଆଇରନ ଭଳି ମିନେରାଲ ମଧ୍ୟ ରହିଥାଏ। ଏହି କାରଣରୁ ଲିଚୁକୁ ଖରାଦିନରେ ସୁପର ଫୁଡ୍ ମଧ୍ୟ କୁହାଯାଇଥାଏ।

ପାଚନ ପକ୍ରିୟାରେ ଉନ୍ନତିଃ ଲିଚୁରେ ବିଟା କେରୋଟିନ, ରାଇବୋଫ୍ଲୋବିନ, ଫୋଲେଟ, ନିୟାସନ ଏବଂ ଭିଟାମିନ-ବି ପ୍ରଚୁର ମାତ୍ରାରେ ରହିଥାଏ। ଯାହା ଶରୀରରେ କୋଲଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରିତ ରଖିବା ସହ ରକ୍ତର ମାତ୍ରା ବୃଦ୍ଧି କରିଥାଏ। ଏହାସହ ପାଚନକ୍ରିୟା ମଧ୍ୟ ନିୟନ୍ତ୍ରିତ କରିଥାଏ। ଏହି କାରଣରୁ ଲିଚୁ ଶରୀର ପାଇଁ ଖୁବ ଲାଭଦାୟକ ହୋଇଥାଏ।

ଓଜନ କମାଇଥାଏଃ ଲିଚୁରେ ଅଧିକ ମାତ୍ରାରେ ଫାଇବର ରହିଥାଏ ଯାହା ମୋଟାପଣ ଦୂର କରିବାରେ ସହାୟକ ହୋଇଥାଏ। ଫାଇବର ଖାଦ୍ୟକୁ ହଜମ କରିବା ସହ ସଂକ୍ରମଣ ରୋଗ ଦୂର କରିବାରେ ଶରୀରରେ ଇମ୍ୟୁନିଟି ବଢାଇଥାଏ।

ଏନର୍ଜି ବଢାଇଥାଏଃ ଲିଚୁକୁ ଏନର୍ଜିର ପ୍ରମୁଖ ସ୍ରୋତ କୁହାଯାଇଥାଏ। ଏଥିରେ ଥିବା ନିୟାସିନ ଶରୀରରେ ଏନର୍ଜି ପାଇଁ ଆବଶ୍ୟକୀୟ ଷ୍ଟେରାଇଡ ହରମୋନ ବା ହିମଗ୍ଲୋବିନ ପ୍ରସ୍ତୁତ କରିଥାଏ। ଏହି କାରଣରୁ ଲିଚୁ ଖାଇଲେ ଆପଣ ଉର୍ଜାବାନ ଅନୁଭବ କରିବେ। ଦୁର୍ବଳ ଲାଗିବା ସମୟରେ ମଧ୍ୟ ଲିଚୁ ଖାଇଲେ ଅନେକ ଲାଭ ମିଳିଥାଏ।

ରକ୍ତଚାପ କମ କରିଥାଏଃ ଲିଚୁରେ ଥିବା ପୋଟାସିୟମ ଏବଂ କପର ଛାତି ଯନ୍ତ୍ରଣା ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରିତ ରଖିବା ସହ ହାର୍ଟଆଟାକ୍ ଭୟକୁ ଦୂର କରିଥାଏ।

କ୍ୟାନସରରୁ ରକ୍ଷା କରିଥାଏଃ ଅଧ୍ୟୟନରୁ ଜଣାପଡିଛି ଲିଚୁରେ ପ୍ରଚୁର ମାତ୍ରାରେ ଭିଟାମିନ-ସି ରହିଥାଏ ଯାହା କ୍ୟାନ୍ସର ରୋଗ ଦୂର କରିବାରେ ଲାଭଦାୟକ ହୋଇଥାଏ। ନିୟମିତ ଲିଚୁ ସେବନ କରିବା ଦ୍ୱାରା କ୍ୟାନ୍ସର ହେବା ଭୟ ଦୂର ହୋଇଯାଇଥାଏ।

ତ୍ୱଚାରେ ଉନ୍ନତି ଆଣେଃ ଲିଚୁରେ ଥିବା ପ୍ରଚୁର ମାତ୍ରାରେ ଆଣ୍ଟି-ଅକ୍ସିଡେଣ୍ଟ ତ୍ୱଚାରେ ସୁନ୍ଦରତା ଆଣିବାରେ ସହାୟକ ହୋଇଥାଏ। ଏଥି ସହିତ ଲିଚୁ ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମୀରୁ ମଧ୍ୟ ରକ୍ଷା କରିଥାଏ। ନିୟମିତ ଲିଚୁ ସେବନ କରିବା ଦ୍ୱାରା ତେଲିଆ ତ୍ୱଚାରେ ପୋଷଣ ମିଳିଥାଏ ଏବଂ ତ୍ୱଚାରେ ଥିବା ଦାଗ ମଧ୍ୟ ଦୂର ହୋଇଯାଇଥାଏ।

ସେବନ କରିବା ସମୟରେ ଧ୍ୟାନ ରଖନ୍ତୁଃ ଏହା କୁ ସେବନ କରିବା ସମୟରେ ସିମିତ ମାତ୍ରାରେ ସେବନ କରନ୍ତୁ ନଚେତ ଏହା ଶରୀର ପାଇଁ ମଧ୍ୟ କ୍ଷତି କାରକ ହୋଇପାରେ। ଅଧିକ ଲିଚୁ ସେବନ କରିବା ଦ୍ୱାରା ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧା, ଶରୀର କୁଣ୍ଡେଇ ହେବା ଏବଂ ଶ୍ୱାସକ୍ରିୟାରେ ସମସ୍ୟା ହେବା ଭଳି ଅନେକ ସମସ୍ୟା ଦେଖାଯାଇଥାଏ।

# ଖରାଦିନେ ଖାଆନ୍ତୁ ତାଳସଜ

ଖୁବ୍ ଶୀଘ୍ର ଆସିବାକୁ ଯାଉଛି ଗ୍ରୀଷ୍ମଋତୁ। ଅତ୍ୟଧିକ ଗରମ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳିଥାଏ। ସେଥିପାଇଁ ଲୋକମାନେ ଖରାଦିନେ ପେଟ ଥଣ୍ଡା ରଖିବା ପାଇଁ ପଖାଳଠାରୁ ଆରମ୍ଭକରି ପଇଡ଼ ଯାଏଁ ଅନେକ ଥଣ୍ଡା ଜାତୀୟ ଖାଦ୍ୟ ଖାଇଥାଆନ୍ତି। ଯାହା ଖରାଦିନ ସମସ୍ୟାରୁ ରକ୍ଷା କରିବା ପାଇଁ ବେଷ୍ଟ ହୋଇଥାଏ। ସେହି ସବୁ ମଧ୍ୟରୁ ତାଳସଜ ଅନ୍ୟତମ। ତାଳସଜ ବାହାରୁ ନଡ଼ିଆ ପରି ଏବଂ ଭିତରୁ ଲିଚି ପରି ଦେଖାଯାଇଥାଏ। ତାଳସଜ ଦେଖିବାକୁ ଯେତିକି ସୁନ୍ଦର ଦିଶିଥାଏ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭଦାୟକ ହୋଇଥାଏ। ତାଳସଜରୁ ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'କେ' ପରି ଭିଟାମିନ ପ୍ରଚୁର ପରିମାଣର ମିଳିଥାଏ। ଯାହା ଖାଇବା ଦ୍ୱାରା ଆପଣଙ୍କ ଶରୀରକୁ ହାଇଡ୍ରେଟ୍ ରଖିବା ସହ ପେଟକୁ ମଧ୍ୟ ଥଣ୍ଡା ରଖିଥାଏ। ତେବେ ଆସନ୍ତୁ ଏହାର ଲାଭ ସମ୍ପର୍କରେ ଜାଣିବା।

**ଶରୀରକୁ ହାଇଡ୍ରେଟ୍ ରଖେଃ** ପ୍ରବଳ ଖରା ବଢ଼ିବା ହେତୁ ଲୋକଙ୍କ ଶରୀର ପ୍ରଭାବିତ ହୋଇଥାଏ। ଯେଉଁଥିପାଇଁ ଲୋକଙ୍କ ଶରୀରରେ ଜଳର ଅଭାବ ଦେଖା ଦେଇଥାଏ। ଏପରି ପରିସ୍ଥିତିରେ ତାଳସଜ ଖାଇବା ଦ୍ୱାରା ଆପଣଙ୍କୁ ହାଇଡ୍ରେଟ୍ କରି ରଖିଥାଏ। ସେଥିପାଇଁ ଡିହାଇଡ୍ରେସନରୁ ନିଜକୁ ରକ୍ଷା କରିବା ପାଇଁ ଚାହୁଁଥିଲେ ତାଳସଜ ଖାଆନ୍ତୁ।

**ପେଟ ଜନିତ ସମସ୍ୟାରେ ଲାଭଦାୟକଃ** ଖରାଦିନେ ତାଳସଜ ଆପଣଙ୍କ ପେଟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏହା ଖାଇବା ଦ୍ୱାରା ଆପଣଙ୍କ ପେଟକୁ ତୁରନ୍ତ ଥଣ୍ଡା କରି ରଖିଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟା ମଜବୁତ ହେବା ସହ କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଗ୍ୟାସ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ।

**ରୋଗ ପ୍ରତିରୋଧକ ଶକ୍ତି ବଢିଥାଏଃ** ରୋଗ ପ୍ରତିରୋଧକ ଶକ୍ତି ଅଭାବ କାରଣରୁ ମଧ୍ୟ ଲୋକମାନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ କରିଥାଆନ୍ତି। ତାଳସଜ ଭିଟାମିନ୍ Cରେ ଭରପୂର। ଯାହା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ।

**ମେଟାବୋଲିଜିମ୍କୁ ବଢାଇ ଥାଏଃ** ମେଟାବୋଲିଜିମ୍ କାରଣରୁ ଲୋକମାନଙ୍କ ଓଜନ ବଢ଼ିବା ମଧ୍ୟ ଆରମ୍ଭ ହୋଇଯାଇଥାଏ। ଯାହା ଦ୍ୱାରା ବର୍ତ୍ତମାନ ସମୟ ପାଇଁ ସମସ୍ତଙ୍କ ଚିନ୍ତାର ବିଷୟ ପାଲଟିଛି। ଏପରି ପରିସ୍ଥିତିରେ ଫାଇବରରେ ଭରପୂର ହୋଇଥିବା ଏହି ଫଳ ଖାଇବା ଦ୍ୱାରା ମେଟାବୋଲିଜିମ୍ ଶୀଘ୍ର ବଢିଥାଏ। ଯାହା ଦ୍ୱାରା ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଭୋକିଲା ଅନୁଭବ କରିବେ ନାହିଁ ଏବଂ ସହଜରେ ଆପଣଙ୍କ ଓଜନ ହ୍ରାସ ହୋଇଯାଇପାରିବ।

**ଡାଇବେଟିସ୍ ପାଇଁ ଲାଭଦାୟକଃ** ଏବେ ଘରେ ଘରେ ଡାଇବେଟିସ୍ ରୋଗ ଦେଖିବାକୁ ମିଳୁଛି। କିନ୍ତୁ ଏହି ରୋଗୀମାନଙ୍କ ପାଇଁ ତାଳସଜ ଖୁବ୍ ଫଳପ୍ରଦ ହୋଇଥାଏ। ଏଥିରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହା ସୁଗାରକୁ ନିୟନ୍ତ୍ରଣ କରି ରଖିଥାଏ। ସେଥିପାଇଁ ଡାଇବେଟିସ୍ ରୋଗୀମାନେ ଏହାକୁ ଖାଇପାରିବେ। ଏହା ବ୍ୟତୀତ ତାଳସଜ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିଥାଏ। ହୃଦଘାତର ଆଶଙ୍କା ମଧ୍ୟ କମ୍ ହୋଇଥାଏ। ଚକ୍ଷୁଜନିତ ସମସ୍ୟା ଦୂର କରିବା ପାଇଁ ମଧ୍ୟ ଏହା ଖୁବ୍ ପ୍ରଭାବଶାଳୀ। ତେଣୁ ଖରାଦିନେ ଏହି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଥିଲେ ତାଳସଜ ଖାଇପାରିବେ।



# ଔଷଧୀୟ ଗୁଣରେ ଭରପୂର ଅଶ୍ୱଗନ୍ଧା



ଆୟୁର୍ବେଦ ଅନୁସାରେ ଅଶ୍ୱଗନ୍ଧାକୁ ଔଷଧ ଭାବେ ବିବେଚନା କରାଯାଏ। ଆପଣ ଏଥିରୁ କାଢା କିମ୍ବା ଚା' ପ୍ରସ୍ତୁତ କରି ପିଇପାରିବେ। ବର୍ତ୍ତମାନ ଜୀବନଶୈଳୀ ବଦଳିବା ସହ ଲୋକଙ୍କ ଟେଷ୍ଟରେ ମଧ୍ୟ ପରିବର୍ତ୍ତନ ଆସିଛି। ଏବେ ବିଭିନ୍ନ ପ୍ରକାରର ଚା' ପିଉଛେ। କିନ୍ତୁ ଅଶ୍ୱଗନ୍ଧାର ଏହି ଚା' ଆମ ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ। ଯାହା କେବଳ ରିଲାକ୍ସ ଫିଲ୍ କରାଇନଥାଏ ବରଂ ଶରୀର ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଅଶ୍ୱଗନ୍ଧାରେ ଅନେକ ଔଷଧୀୟ ଗୁଣ ଭରପୁର ମାତ୍ରାରେ ଥିବାରୁ ଆମ ସ୍ୱାସ୍ଥ୍ୟ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଅଶ୍ୱଗନ୍ଧା ଚା' ପିଇବା ଦ୍ୱାରା ଶରୀର ରୋଗ ମୁକ୍ତ ରହିଥାଏ। ଶାରୀରିକ ଦୁର୍ବଳତା, ନିଦ୍ରା ଅଭାବ, ଚାପ ଏବଂ ଗଣ୍ଠି ଯନ୍ତ୍ରଣା ଭୋଗୁଥିବା ଲୋକମାନେ ନିଶ୍ଚିତ ଭାବରେ ନିଜ ଖାଦ୍ୟରେ ଅଶ୍ୱଗନ୍ଧାକୁ ସାମିଲ କରିବା ଉଚିତ୍। ଏହାକୁ ସେବନ କରିବା ଦ୍ୱାରା ବଢ଼ୁଥିବା ଚାପ ହରମୋନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ମନକୁ ଶାନ୍ତ କରିଥାଏ। ଏହାକୁ ଚା' ଭାବେ କିପରି ପ୍ରସ୍ତୁତ କରିବେ ଏବଂ ଅଶ୍ୱଗନ୍ଧାକୁ ସେବନ କରିବାର ଲାଭ ସମ୍ପର୍କରେ ଆସନ୍ତୁ ଜାଣିବା।

ଚା' କିପରି ପ୍ରସ୍ତୁତ କରିବେଃ ଗୋଟିଏ ପାତ୍ରରେ ଗୋଟିଏ ଗ୍ଲାସ୍ ପାଣି ନିଅନ୍ତୁ। ପାଣି ଫୁଟିଯିବା ପରେ ୧ ରୁ ୨ଟି ଅଶ୍ୱଗନ୍ଧା ମୂଳ କିମ୍ବା ଗୋଟିଏ ଚାମଚ ଅଶ୍ୱଗନ୍ଧା ପାଉଡର ମିଶାନ୍ତୁ। ପୁଣି ପାଣିକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଯେତେବେଳେ ପ୍ରାୟ ୧ କପ୍ ପାଣି ରହିବ ଏହାକୁ ଛାଣି ଦିଅନ୍ତୁ। ସେଥିରେ ଲେମ୍ବୁ ଏବଂ ମହୁ ମିଶାନ୍ତୁ ଏବଂ ଏହାକୁ ଚା' ପରି ପିଅନ୍ତୁ। ଆପଣ ପ୍ରତିଦିନ ଗୋଟିଏରୁ ଦୁଇଥର ଅଶ୍ୱଗନ୍ଧା ଚା ପିଇପାରିବେ।

ଅଶ୍ୱଗନ୍ଧାର ଲାଭଃ ଓଜନ ହ୍ରାସ କରିଥାଏ : ଯେଉଁମାନେ ଓଜନ ହ୍ରାସ କରିବାକୁ ନେଇ ଚିନ୍ତିତ ରହୁଛନ୍ତି ସେମାନେ ଅଶ୍ୱଗନ୍ଧା ଖାଇବା ନିହାତି ଜରୁରୀ। ଯାହାକୁ ଆପଣ ଗୋଟିଏ ଗ୍ଲାସ୍ କ୍ଷୀର ସହିତ ମଧ୍ୟ ମିଶାଇ ପିଇପାରିବେ। ଯାହା ସେବନ କରିବା ଦ୍ୱାରା ଆପଣଙ୍କ ପାଚନ କ୍ରିୟାରେ ଉନ୍ନତି ଆସିବା ସହ ଶୀଘ୍ର ଓଜନ ହ୍ରାସ ହେବ।

ଦୁର୍ବଳତା ଦୂର କରିବଃ କ୍ଷୀର ସହିତ ଅଶ୍ୱଗନ୍ଧା ପିଇବା ଦ୍ୱାରା ଦୁର୍ବଳତା ଦୂର ହେବ। ଗୋଟିଏ ଗ୍ଲାସ୍ କ୍ଷୀରରେ ୨ ଗ୍ରାମ୍ ଅଶ୍ୱଗନ୍ଧା ପାଉଡର ସହିତ ୧୨୫ ଗ୍ରାମ ତ୍ରିକାଟୁ ପାଉଡର ମିଶାଇ ପିଅନ୍ତୁ। ଯାହା ଦ୍ୱାରା ଆପଣ ଶକ୍ତିଶାଳୀ ଅନୁଭବ କରିବେ। ଯାହା ପିଇବା ଦ୍ୱାରା ଆପଣ କିଛି ଦିନ ମଧ୍ୟରେ ଫରକ୍ ଦେଖିବାକୁ ପାଇବେ। ତେଣୁ ଏହାକୁ ପିଇବାର ଅଭ୍ୟାସ କରନ୍ତୁ।

ରକ୍ତଚାପ ନିୟନ୍ତ୍ରଣ କରେଃ ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ଅଶ୍ୱଗନ୍ଧା ପ୍ରଭାବଶାଳୀ ହୋଇଥାଏ। ଏହାକୁ ସେବନ କରିବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ସେଥିପାଇଁ ୨ ଗ୍ରାମ ଅଶ୍ୱଗନ୍ଧା ପାଉଡର, ୧୨୫ ଗ୍ରାମ ଗୁଣ୍ଡ ହଳଦୀ ଏବଂ ୧ ଗ୍ଲାସ କ୍ଷୀର ନିଅନ୍ତୁ। ଯାହା ରକ୍ତଚାପ ରୋଗୀଙ୍କ ପାଇଁ ବେଷ୍ଟ ହେବ।

ଭଲ ନିଦଃ ଯଦି ଆପଣ ସାରା ଦିନ କ୍ଲାନ୍ତ ଏବଂ ରାତିରେ ଭଲ ନିଦ ହେଉନାହିଁ, ତେବେ ପ୍ରତିଦିନ ଗୋଟିଏ ଗ୍ଲାସ କ୍ଷୀରରେ ୧ ଚାମଚ ଅଶ୍ୱଗନ୍ଧା ମିଶାଇ ପିଇବା ଆରମ୍ଭ କରନ୍ତୁ। ଏହା ଆପଣଙ୍କ ଉଭୟ ସମସ୍ୟାର ସମାଧାନ କରିବ।

## ବିନା ପାଠରେ ହିନ୍ଦୀ ପରୀକ୍ଷା: ହାଇକୋର୍ଟରେ ଦାଏର ହେବ ଜନସ୍ୱାର୍ଥ ମାମଲା



ନର୍ଲା,୨୩।୨ (ସଂଚାର ବ୍ୟୁରୋ):ବିନା ହିନ୍ଦୀ ଶିକ୍ଷକ ଓ ବିନା ଅଧ୍ୟାପନାରେ ମାଟ୍ରିକ ବୋର୍ଡରେ ହିନ୍ଦୀ ପରୀକ୍ଷା ଦେଉଛନ୍ତି ରୁପ୍ରାରୋଡ ହାଇସ୍କୁଲର ଛାତ୍ରଛାତ୍ରୀ। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଅଭିଭାବକ ଅନିଲ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଦିଲୀପ କୁମାର ସା, ପ୍ରମୋଦ ପାଢ଼ୀ, ସୁରେଶ ପାଢ଼ୀ, ଗଣେଶ ମାଝୀଙ୍କ ସମେତ ୨୦ ରୁ ଊର୍ଦ୍ଧ୍ୱ ଅଭିଭାବକ ନର୍ଲା ହାଇସ୍କୁଲ ତୋଟାଲ କେନ୍ଦ୍ର ମୁଖ୍ୟ ଗେଟ ବାହାରେ ସାମ୍ବାଦିକ ସମ୍ମିଳନୀ କରି ଏଥିପାଇଁ ଶିକ୍ଷା ବିଭାଗକୁ ଦାୟୀ କରିଛନ୍ତି। ରୁପ୍ରାରୋଡ ହାଇସ୍କୁଲର ହିନ୍ଦୀ ଶିକ୍ଷୟତ୍ରୀ ଗତ ୩୦ ଅପ୍ରେଲ ୨୦୨୪ ରେ ଅବସର ଗ୍ରହଣ କରିସାରିଥିବା ବେଳେ ତାଙ୍କ ସ୍ଥାନରେ ଶିକ୍ଷା ବିଭାଗ ଅଦ୍ୟାବଧି ଉକ୍ତ ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେଇ ନାହାନ୍ତି। ଏହାକୁ ନେଇ ଅଭିଭାବକ ମାନେ ହିନ୍ଦୀ ଶିକ୍ଷକ ଅବସର ନେବା ପରଠୁ ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କୁ ରୁପ୍ରାରୋଡ ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ଦେବାପାଇଁ ବାରମ୍ବାର ଲିଖିତ ଗୁହାରୀ କରି ଆସିଥିଲେ ମଧ୍ୟ ସେମାନଙ୍କ ଅନୁରୋଧ ଅରଣ୍ୟ ରୋଦନ ସାଜିଥିଲା। ଆଜି ଶିକ୍ଷକ ଦେବୁ, ଆର ମାସରେ ଦେବୁ କହି କହି ଦୁଇବର୍ଷ ହେବାକୁ ବସିଲାଣି ହେଲେ ବିଭାଗ ହିନ୍ଦୀ ଶିକ୍ଷକ ଦେଇନାହିଁ। କିମ୍ବା ଡେପୁଟେସନରେ ମଧ୍ୟ କୌଣସି ହିନ୍ଦୀ ଶିକ୍ଷକଙ୍କୁ ରୁପ୍ରାରୋଡ ବିଦ୍ୟାଳୟକୁ ପଠାଇଲା ନାହିଁ। ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ନଥିବା ଯୋଗୁଁ ବର୍ଷସାରା ପିଲାଙ୍କୁ ହିନ୍ଦୀ ପାଠ ପଢ଼ା ହୋଇନି। ହିନ୍ଦୀ ଭାଷା ପ୍ରତି ସ୍ୱତନ୍ତ୍ର ରୁଚି ରଖି ହିନ୍ଦୀ ପଢୁଥିବା ରୁପ୍ରାରୋଡର ଛାତ୍ରଛାତ୍ରୀ ମାନେ ନିରାଶ ହୋଇଛନ୍ତି। ଏହି ମ୍ୟାଟ୍ରିକ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀ ଭଲ ନମ୍ବର ରଖି ନପାରିବା ସ୍ୱାଭାବିକ କଥା ବୋଲି ଅଭିଭାବକ ଅଭିଯୋଗ ଆଣି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାର ଓ ଶିକ୍ଷା ବିଭାଗକୁ ଉତ୍ତରଦାୟୀ କରିବା ସହ ଓଡିଶା ହାଇକୋର୍ଟରେ ଏହାକୁ ନେଇ ଜନସ୍ୱାର୍ଥ ମାମଲା ଦାଏର କରିବେ ବୋଲି ସୂଚନା ଦେଇଛନ୍ତି।

## ପଞ୍ଜିକୃତ ଚାଷୀଙ୍କ ଧାନ ଉଠାଯିବାକୁ ନେଇ ଉପଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ

ନୀଳଗିରି,୨୩।୨ (ସଂଚାର ବ୍ୟୁରୋ): ଆଜି ଅପରାହ୍ନ ଏକ. ଘଟିକା ପର୍ଯ୍ୟନ୍ତ ମିଳିଥିବା ସୂଚନାରୁ ପ୍ରାପ୍ତ ଯାହା ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଲିଖିତ ଭାବେ ଜଣାଇଛନ୍ତି।

ନୀଳଗିରି ଲ୍ୟାମ୍ପସେସସ ରେ ମୋଟ ୩୫୬୨ଚାଷୀ ପଞ୍ଜିକୃତ କରି ଥିବା ବେଳେ ଦେଇଛନ୍ତି ୧୩୫୦ଜଣ, ମାଟିଆଳି ଲ୍ୟାମ୍ପସିଏସସ ରେ ୨୩୨୦ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଦେଇଛନ୍ତି ୯୪୦ଜଣ, ନିଜଗଡ଼ ସୋସାଇଟି ରେ ୭୫୩ ପଞ୍ଜିକରଣ କରିଥିବା ବେଳେ ୫୫୦ଜଣ ଚାଷୀ ଦେଇଛନ୍ତି । ଗୋପୀନାଥପୁର ସୋସାଇଟି ରେ ୫୦୫ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୩୧୧ ଜଣ ଚାଷୀ ଦେଇଛନ୍ତି, ଔପଦା ବ୍ଲକରେ ବଡ଼ପୋଖରୀ ସୋସାଇଟି ୧୨୧୨ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ୮୧୧ଜଣ ଚାଷୀ ଦେଇଥିଲେ, ତଳକିଆ ସୋସାଇଟି ୧୦୨୬ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୬୦୬ଜଣ ଚାଷୀ ଦେଇ ଛନ୍ତି, ଫତେପୁର ସୋସାଇଟି ୭୪୫ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୩୧୫ଜଣ ଚାଷୀ ଦେଇଛନ୍ତି ଦକ୍ଷିଣ ନରସିଂହ ପୁର ସୋସାଇଟି ୬୧୮ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୧୯୯ଜଣ ଚାଷୀ ଦେଇଛନ୍ତି, ଶ୍ୟାମସୁନ୍ଦର ପୁର ସୋସାଇଟି ୯୫୬ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୭୯୬ଜଣ ଚାଷୀ ଦେଇଛନ୍ତିଓ. ଈଶ୍ୱର ପୁର ସୋସାଇଟି ୧୦୦୭ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୫୮୫ଜଣ ଚାଷୀ ଦେଇଛନ୍ତି। ଅବଶିଷ୍ଟ ଦେଇ ପାରି ନଥିବା ଚାଷୀ ଙ୍କ ଭାଗ୍ୟ ଜିଲ୍ଲାପାଳ ଓ ଜିଲ୍ଲା ବେସାମରିକ ଯୋଗାଣ ବିଭାଗ, ବାଲେଶ୍ୱର ଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରୁଛି

ମିଲର,ଯୋଗାଣ ବିଭାଗ ଅଧିକାରୀ ଓ ସମବାୟ ବିଭାଗ ଙ୍କୁ ନେଇ ଏକ ମିଳିତ ବୈଠକ କରି ଶୀଘ୍ର ଧାନ ଉଠାଇବାର ବ୍ୟବସ୍ଥା ନ କରାଇ ପାରିଲେ ଚାଷୀ ହତାଶ ହେବେବୋଲି ସନ୍ଦେହ ପ୍ରକଟ କରିଛନ୍ତି ପୂର୍ବତନ ବିଧାୟକ ସୁକାନ୍ତ ନାୟକ।

## ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଲେ ଦୁର୍ବୃତ୍ତ

ବୈଶିଙ୍ଗା,୨୩।୨ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ଗଡଦେଉଳିଆ ନିକଟରେ ସୋମବାର ଦିନ ୧୦ ଟା ସମୟରେ ମହିଳାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ଫେରାର ହେଲେ ଦୁର୍ବୃତ୍ତ। ମିଳିଥିବା ସୂଚନା ଅନୁସାରେ ଏହି ଜିଲ୍ଲାର ଖୁଣ୍ଟା ଥାନା ଅର୍ନ୍ତଗତ ପୁରୁଣାପାଣି ଗ୍ରାମ ର ସୁମନ୍ତ କୁମାର ଚୌଧୁରୀ ସ୍ତ୍ରୀ ଙ୍କ ସହ ତାଙ୍କ ପୁତୁରା ବିଭାଘର କାର୍ଯ୍ୟ ରେ ଯୋଗଦେବା ପାଇଁ ରବିବାର ବାଲେଶ୍ୱର ଯାଇଥିଲେ। ଆଜି ସକାଳେ ନିଜ ଗ୍ରାମ କୁ ଫେରୁଥିବା ବେଳେ ଗଡଦେଉଳିଆ ନିକଟରେ ହଠାତ ଦୁଇଜଣ ଯୁବକ ଏକ ବାଇକ୍ ରେ ଆସି ତାଙ୍କ ସ୍ତ୍ରୀ ଙ୍କ ବେକରୁ ୩୦ ଗ୍ରାମ ଓଜନର ହାର ଝାମ୍ପି ନେଇ ଦୃତ ଗତିରେ ବାଲେଶ୍ୱର ରାସ୍ତାରେ ପଳାଇଥିଲେ ବୋଲି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲେ ହେଁ ରାତି ଆଠଟା ପର୍ଯ୍ୟନ୍ତ ଅଭିଯୁକ୍ତ ମାନଙ୍କ ବାବଦରେ କୌଣସି ସୂଚନା ପୋଲିସକୁ ମିଳିପାରି ନାହିଁ। ଏହି ଥାନା ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ସତ୍ୱେ ପୋଲିସର ପାରିବା ପଣିଆକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

## ଛୁଆ ଚୋରି ସନ୍ଦେହରେ ଯୁବକକୁ ପିଟିପିଟି ମାରିଦେଲେ

ବାରିପଦା,୨୩।୨ (ସଂଚାର ବ୍ୟୁରୋ):ଏବେ ଚାରିଆଡ଼େ ଶୁଣିବାକୁ ମିଳୁଅଛି ଛୁଆଚୋରି ଗୁଜବ । ବିଗତ କିଛିଦିନ ତଳେ ବାରିପଦା ସହରରେ ଘର ସମ୍ମୁଖରୁ ତିନି ଜଣ ଯୁବକ ଜଣେ ପିଲାକୁ ଉଠାଇ ନେଉଥିବାର ଦୃଶ୍ୟର ଭିଡିଓ ସବୁଆଡେ ଭାଇରାଲ ହେବାପରେ ଲୋକମାନଙ୍କ ଭିତରେ ଆତଙ୍କ ଦେଖାଦେଇଛି । କିନ୍ତୁ ପିଲାଚୋର ଏକ ଗୁଜବ ବୋଲି ସବୁବେଳେ କୁହାଯାଉଅଛି । ଏହି ଗୁଜବ ଘଟଣାରେ ଆଜି ଜଣେ ଯୁବକ ର ଜୀବନହାନୀ ହୋଇଅଛି। ଏହିଭଳି ଏକ ଛୁଆଚୋରି ଘଟଣା ସନ୍ଦେହ କରି କିଛି ଲୋକ ଜଣେ ମାନସିକ ବିକାରଗ୍ରସ୍ତ ଯୁବକର ଜୀବନ ନେଇଛନ୍ତି। ଆଜି ମଧ୍ୟାନ୍ନ ସମୟରେ ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅନ୍ତର୍ଗତ ଡେଙ୍ଗାଶୁଳ ଲୋଧାସାହି ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ବୁଲୁଥିଲା । ତାକୁ ସ୍ଥାନୀୟ କିଛି ଲୋକ ତାର ପରିଚୟ ପଚାରିଥିଲେ। ମାତ୍ର ସିଏ ହିନ୍ଦୀରେ କଥା କହୁଥିବାବେଳେ ତାର ପରିଚୟ ଠିକଭାବେ କହିପାରିନଥିଲା । ତାର କଥାରେ ସନ୍ଦେହ କରି ତାକୁ ଲୋକମାନେ ନିର୍ଘାତ ପିଟିଥିଲେ। ଫଳରେ ସିଏ ଅଚେତ ହୋଇଯାଇଥିଲା। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ଗୁରୁତର ଅବସ୍ଥାରେ ଯୁବକକୁ ସ୍ଥାନୀୟ କିସାନତାଣ୍ଡି ହସ୍ପିଟାଲ କୁ ଆଣିଥିଲେ। ମାତ୍ର ଚିକିତ୍ସା ଅବସ୍ଥାରେ ତାର ମୃତ୍ୟୁ ଘଟିଅଛି। ପୋଲିସ ମୃତକ ର ଶବକୁ ଜବତ କରିବା ସହ ମୋରଡ଼ା ଥାନାରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରିରଖିଅଛି।

## ରାଜ୍ୟସ୍ତରୀୟ ସୃଜନ ଉତ୍ସବ

ପାରାଦ୍ୱୀପ,୨୩।୨ (ସଂଚାର ବ୍ୟୁରୋ): ପାରାଦ୍ୱୀପ ଅଫିସର୍ସ କ୍ଲବ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ କୁଜଙ୍ଗର ଅଗ୍ରଣୀ ଅନୁଷ୍ଠାନ ମେଘମହ୍ଲାର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସୃଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ରାଜ୍ୟରୁ ପାଖାପାଖି ୧୪୦ ରୁ ଊର୍ଦ୍ଧ୍ୱ କବି, ଲେଖକ ଓ ସୃଜନ ସାଧର ଯୋଗ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧିରେ ଜଗତସିଂହପୁର ର ଅବଦାନ’ ଶୀର୍ଷକ ଆଲୋଚନା ଚକ୍ର, କବିତାପାଠ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଜଗତସିଂହପୁର ସାଂସଦ ଡକ୍ଟର ବିଭୂପ୍ରସାଦ ତରାଇ। ଏଥି ସହିତ ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ର ଶେଖର ହୋତା, ବିଶିଷ୍ଟ କବି ଡକ୍ଟର ରଞ୍ଜିତା ନାୟକ, କବି ପୀତାମ୍ବର ତରାଇ, ଶ୍ରୀମନ ନାରାୟଣ ମିଶ୍ର ,ମୋନାଲିସା ସଂପାଦିକା ସଂଘମିତ୍ରା ସ୍ୱାଇଁ , କବି ଉମାକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମେଘମହ୍ଲାର ପ୍ରଦତ୍ତ ସାରଳା ଦାସ ସାହିତ୍ୟ ସମ୍ମାନ, ଶୁଦ୍ରମୁନି କାବ୍ୟ କବିତା ସମ୍ମାନ ଓ ଆଦିକବି ସାରଳାଦାସ ସାଧନା ସମ୍ମାନ ଯଥାକ୍ରମେ ଜିଲ୍ଲାର ୩ ସାରସ୍ୱତ ସାଧକ ସ୍ୱତ ସାଧକ ଶରତ କୁମାର ମହାପାତ୍ର, ଇଂ. ନିର୍ମଳ ଚନ୍ଦ୍ର ରାଉତ, ଡକ୍ଟର ରଘୁ ସାହୁଙ୍କୁ ପ୍ରଦାନ କରାଯାଇଛି।

## କଳସୀ ମଣ୍ଡେଇ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ରାଇଘର,୨୩।୨ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଚଳିତ ବର୍ଷ ହେବାକୁ ଥିବା ପ୍ରସିଦ୍ଧ ମାଁ କଳସୀ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ମାଁ କଳସୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗାଁ ମୁଖିଆ (ଗାଉଣ୍ଟିଆ) କମଲସିଂ ରାଜପୁତ, ଇନ୍ଦଲ ଗଣ୍ଡ, ବିଲୁସିଂ ରାଜପୁତ , କିରଣ ପଟ୍ଟନାୟକ, ଶ୍ରୀରାମ ସୁନାନୀ, ମାଲିସିଂ ପାତ୍ର, ତଟ ବାରିକ, ରଘୁନାଥ ମାଳି, ଦିବାକର ନାୟକ ପ୍ରମୁଖଙ୍କ ସମେତ ସାତପାଲି ଗ୍ରାମର ସମସ୍ତ ସିଆନ ମୁଖିଆ, ପୂଜାରୀ, ଶିରହା, ନେଙ୍ଗୀ ପାତ୍ର ,ଦଣ୍ଡସେନା, ଗାଇଁତା, ଧୁରୁଆ, ସାମପୁରିଆ, ସମରଥ ,ଡେଙ୍ଗୁରମୁଣ୍ଡିଆ ତଥା ଗ୍ରାମର ଭଦ୍ରବ୍ୟକ୍ତି ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ। ଆଜି ଅପରାହ୍ନ ୩ଟା ସମୟରେ ଆରମ୍ଭ ହୋଇ ଏହି ବୈଠକରେ ଗତବର୍ଷ ମଣ୍ଡେଇ ଯାତ୍ରାର ସମସ୍ତ ଆୟ ବ୍ୟୟ ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ଚଳିତ ବର୍ଷର ସାତପାଲି ଗ୍ରାମ ର କଳସୀ ମଣ୍ଡେଇ ପୂଜା କାର୍ଯ୍ୟକ୍ରମ ନିମନ୍ତେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା । ସଭାପତି ଭାବେ ଦେବେନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଥିବା ୱେଳେ ଉପସଭାପତି ଭାବେ ସୁଶାନ୍ତ ସାମନ୍ତରାୟ ଓ ଦିଲ୍ଲୀପ ସିଂ ରାଜପୁତ ଙ୍କୁ ମନୋନୀତ କରାଯାଇଥିଲା । ସେହିଭଳି ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ରାଇ , ସହ ସମ୍ପାଦକ ଭାବେ ମଧୁ ନାୟକ ଓ ରିଙ୍କୁ ଶ୍ରୀବାସ୍ତବ ମନୋନୀତ ହୋଇଥିଲେ । କୋଷାଧକ୍ଷ ଭାବେ ସାଇ କ୍ରିଷ୍ଣା ମୋନାନୀତ ହୋଇଥିବା ସହିତ ସହଯୋଗୀ ଭାବେ ଜିତୁ ଶ୍ରୀବାସ୍ତବ ମନୋନୀତ ହୋଇଥିଲେ । ଚଳିତ ବର୍ଷ ମାର୍ଚ୍ଚ 24ତାରିଖ ଠାରୁ ମାଁ କଳସୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହେବା ସହିତ ଗ୍ରାମ ପରିକ୍ରମା ମଧ୍ୟ ଆରମ୍ଭ ହେବ ବୋଲି ସମୟ ନିର୍ଧାରଣ କରାଯାଇଛି। ମାର୍ଚ୍ଚ ୩୧ ତାରିଖ ଦିନ ଠାରୁ ଆରମ୍ଭ ହୋଇ ୪ ଦିନ ଧରି ମଣ୍ଡେଇ (ମେଳା)ର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି କରାଗଲା ।

## ଲିଟିଲ୍ ଫ୍ଲାୱାର୍ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ସୁବର୍ଣ୍ଣପୁର,୨୩।୨ (ସଂଚାର ବ୍ୟୁରୋ):ସୋନପୁର ଜିଲ୍ଲା ଲଛିପୁର ଠାରେ ଥିବା ଲିଟିଲ୍ ଫ୍ଲାୱାର୍ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଉତ୍ସବରେ ସ୍କୁଲର ମ୍ୟାନେଜିଙ୍ଗ ଡାଇରେକ୍ଟର ଶ୍ରୀ ପୀତବାସ ଦେବତା ଓ ଆସିଷ୍ଟାଣ୍ଟ ମ୍ୟାନେଜିଙ୍ଗ ଡାଇରେକ୍ଟର ଦୀପକ କୁମାର ମେହେର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଲଛିପୁର ଭାରପ୍ରାପ୍ତ ଥାନା ଅଧିକାରୀ ଜଜାତି କେଶରୀ ସାହୁ, ମୁଖ୍ୟବକ୍ତା ଭାବରେ ବାସୁଦେବ ରଣା ଏବଂ ସମ୍ମାନିତ ଅତିଥି ଭାବରେ ଜ୍ୟୋତି ରଞ୍ଜନ ନୁଆଇଁ ଓ ମେଘନାଥ ସାହୁ ଯୋଗଦାନ କରିଥିଲେ । ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗିତାକୁ ପୁରସ୍କୃତ କରାଯାଇଥିଲା ବେଳେ ପରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇଥିଲା । ଏହି ରକ୍ତଦାନ ଶିବିରରେ ଡାକ୍ତର ଅଂଶୁମାନ ହୋତା ରକ୍ତ ଦାତାଙ୍କ ସ୍ୱାସ୍ଥ୍ୟ ଏବଂ ସୋନପୁର ରକ୍ତ ଭଣ୍ଡାରର ସୁଦାମ ବିଶ୍ୱାଳ, ଜଗତ ଦରୱାନ ଓ ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ । ସ୍କୁଲର ଅଭିଭାବକ, ଅଭିଭାବିକା, ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ରକ୍ତଦାନ କରିଥିଲେ। ଏହି ଶିବିରରେ ଦଶ ଜଣ ମହିଳାଙ୍କ ସମେତ ୩୧ ୟୁନିଟ ରକ୍ତ ସଂଗ୍ରହ ହେଇଥିଲା । ଏଥିରେ ସହଯୋଗ କରିଥିଲେ ସ୍କୁଲର ଯୁଗଳ କିଶୋର ଦେହେରୀ, ଭୁବନ ପୁଟେଲ, ସସ୍ମିତା ବଡ଼ମାଳି, ପାଞ୍ଚାଳୀ ଧରୁଆ, ଜ୍ୟୋତି ମହାକୁର ଅଙ୍କିତା ବିଶ୍ୱାଳ, ଝୁନା ମହାକୁର, ଯୁଗେଶ୍ୱରି ଥପା, ପୁଷ୍ପାଞ୍ଜଳି ଗୁରୁ, ପ୍ରକାଶ ମହାନନ୍ଦ, ସୁଶାନ୍ତ ତଣ୍ଡକାର, ପପୁନ ଦାଶ । ଏହି ରକ୍ତଦାନ ଶିବିର ପାଇଁ ଜିଲ୍ଲା ରକ୍ତ ଦାତାର ମନୋଜ ପଣ୍ଡା ସମସ୍ତ ରକ୍ତ ଦାତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ମିଲର ନେଉଥିବା ଧାନକୁ ଅଟକ ରଖିଲେ ଚାଷୀ

### ପୁଲିସ ଅଧିକାରୀଙ୍କ ବୁଝାସୁଝା ପରେ ମଣ୍ଡିରୁ ଗଲା ଧାନ



ଡେରାବିଶ,୨୩।୨ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି ରୁ ମିଲର ମିଲ୍ କୁ ନେଉଥିବା ଧାନକୁ ଅଟକ ରଖିଥିଲେ ଚାଷୀ। ଏହି ମଣ୍ଡିରେ ପ୍ରାୟ ମାସେ ହେଲା ଧାନ ପଡ଼ି ରହିଥିବା ଅଭିଯୋଗ ହେଉଛି। ଗତ ଶୁକ୍ରବାର ଦିନ ଏକ ମିଲର ଏହି ମଣ୍ଡି ରୁ ଆଗରୁ ପଡ଼ି ରହିଥିବା ଧାନକୁ ନ ନେଇ ପଛରେ ଆସିଥିବା ଧାନକୁ ଗାଡ଼ିରେ ଭର୍ତ୍ତି କରାଯାଇଥିଲା। ଏ ବିଷୟରେ କେତେକ ଚାଷୀ ମାନେ ଏକଜୁଟ ହୋଇ ମିଲର ଗାଡ଼ିକୁ ଅଟକାଇ ଥିଲେ। ଆମର ଧାନ ଆଗେ ଯିବ ପରେ ଏ ଗାଡି ପଛରେ ଯିବ ବୋଲି ଅଡି ବସିଥିଲେ। ଏ ବିଷୟରେ ଚାଷୀ ମାନଙ୍କୁ ସରକାର ନିୟମ ଅନୁସାରେ ଧାନ ଯିବ ବୋଲି କହିଥିଲେ ସୁଦ୍ଧା ଚାଷୀ ଗାଡ଼ି କୁ ଅଟକାଇ ରଖିଥିଲେ। ପରେ ଡେରାବିଶ ଥାନା ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରି ଥିବା ବେଳେ ଶନିବାର ଦିନ ସକାଳ ସମୟରେ ମିଲର ଗାଡ଼ି ଯାଇଥିବା ସୂଚନା ମିଳିଛି। ଏ ବିଷୟରେ ମଣ୍ଡି ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ସରକାରଙ୍କ ନିୟମ ଅନୁସାରେ ଝୋଟ ଅଖାରେ ଥିବା ଧାନ ଯିବାର ବ୍ୟବସ୍ଥା କରାଯାଇଥିଲା କିନ୍ତୁ ପ୍ଲାଷ୍ଟିକ ଅଖା ବସ୍ତାରେ ଥିବା ଧାନ ଯିବାର ଅସୁବିଧା ହେଉଥିବା କହିଛନ୍ତି।

## ଅଗ୍ନିବିପନ୍ନ ପରିବା ବ୍ୟବସାୟୀଙ୍କୁ ଭେଟିଲେ ମନ୍ତ୍ରୀ ଓ ସାଂସଦ



ପାରାଦ୍ୱୀପ ,୨୩।୨ (ସଂଚାର ବ୍ୟୁରୋ): ଅଗ୍ନିବିପନ୍ନ ବ୍ୟବସାୟୀଙ୍କୁ ଭେଟିଲେ ମନ୍ତ୍ରୀ ଏବଂ ସାଂସଦ। ଶନିବାର ବିଳମ୍ବିତ ରାତିରେ ପାରାଦୀପ ବଡପଡିଆ ଠାରେ ଥିବା ପରିବା ଦୋକାନ ରେ ଅଗ୍ନିକାଣ୍ଡ ଘଟି ୫୦ରୁ ଊର୍ଦ୍ଧ ପରିବା ବ୍ୟବସାୟୀଙ୍କ ଦୋକାନ ଘର ଜଳି ଧ୍ୱଂସ ହୋଇ ଯାଇଛି। ପାରାଦୀପ ବନ୍ଦର ତରଫରୁ ପରିବା ବ୍ୟବସାୟ କରିବା ପାଇଁ ଅସ୍ଥାୟୀ ଭାବେ ପିଣ୍ଡି ଯୋଗାଇ ଦିଆ ଯାଇଥିଲା। ଦୀର୍ଘ ବର୍ଷ ଧରି ପରିବା ବ୍ୟବସାୟୀ ମାନେ ପରିବା ବ୍ୟବସାୟ କରି ଆସୁଥିଲେ। କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୬୦ରୁ ଊର୍ଦ୍ଧ ଦୋକାନ ପୋଡିଯିବା ସହିତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇବା କ୍ଷଣି ସ୍ଥାନୀୟ ବିଧାୟକ ତଥା ଶୀଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ପାରାଦୀପ ପୋର୍ଟ ବଣିକ ସଂଘ ଓ ଅଗ୍ନିବିପନ୍ନ ଙ୍କ ସହିତ ଆଲୋଚନା କରିଥିଲେ। ପୁନର୍ବାର କିପରି ବ୍ୟବସାୟ କରିବେ ସେନେଇ ସମସ୍ତ ଙ୍କର ସାହାଯ୍ୟ ସହଯୋଗ ଓ ଏକତା ମନୋଭାବ ରହିବା ଦରକାର ଏବଂ ଅଗ୍ନି ୱିପନ୍ନ ବ୍ୟବସାୟୀ ମାନେ କିପରି ସ୍ଥାୟୀ ଭାବରେ ବ୍ୟବସାୟ କରିବେ ସେନେଇ ପାରାଦୀପ ବନ୍ଦର ଓ ପାରାଦୀପ ମୁନିସିପାଲିଟି ସହ ଆଲୋଚନା କରିଛନ୍ତି ବୋଲି ଶୀଳ୍ପମନ୍ତ୍ରୀ କହିଛନ୍ତି ।

ଏଭଳି ଅସମୟରେ ପ୍ରଶାସନ ତରଫରୁ ଯାହା କିଛି ସାହାଯ୍ୟ ଦରକାର ରହିଛି ସମସ୍ତ ସହଯୋଗ ରହିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ସରକାର ଙ୍କ ନିୟମାନୁଯାୟୀ ରିଲିଫ କୋର୍ଡ ଅନୁସାରେ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ ଏବଂ ଏଭଳି ଦୁଃଖଦାୟକ ସମୟରେ ପାରାଦୀପ ବନ୍ଦର ସମସ୍ତ ସାହାଯ୍ୟ ର ହାତ ବଢାଇବା ର ଆବଶ୍ୟକତା ରହିଛି ବୋଲି ସାଂସଦ ବିଭୂ ପ୍ରସାଦ ତରାଇ କହିଛନ୍ତି । ତେଣୁ କିପରି ସ୍ଥାୟୀ ବ୍ୟବସାୟ କରାଯିବ ସେନେଇ ସମସ୍ତ ଙ୍କର ଦାୟିତ୍ୱ ନେବାର ଆବଶ୍ୟକତା ରହିଛି ବୋଲି କହିବା ସହିତ ପାରାଦୀପ ମୁନିସିପାଲିଟି ଓ ପାରାଦୀପ ବନ୍ଦର ସହିତ ଆଲୋଚନା କରି ଖୁବଶୀଘ୍ର ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ ଜୋନ୍ କରାଯାଇପାରିବ ବୋଲି ସାଂସଦ କହିଛନ୍ତି। ଏଭଳି ଦୁଖଦ ସମୟରେ ପାରାଦୀପ ମୁନସିପାଲିଟି ଅଧ୍ୟକ୍ଷ ଓ ପାରାଦୀପ ପୋର୍ଟ ବଣିକସଂଘ ର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଅଗ୍ନିବିପନ୍ନ ଙ୍କୁ ମୁନିସିପାଲିଟି ତରଫରୁ ଯାହା ସାହାଯ୍ୟ ଦରକାର ତାହା ତୁରନ୍ତ ଯୋଗାଇ ଦିଆଯିବ ବୋଲି ପୌରାଧ୍ୟକ୍ଷ ବସନ୍ତ ବଶ୍ୱାଳ କହିଥିବା ବେଳେ ପ୍ରାୟ ଏକକୋଟି ରୁ ଊର୍ଦ୍ଧ ସାମଗ୍ରୀ ନଷ୍ଟ ହୋଇଛି ବୋଲି ଅନୁମାନ କରାଯାଉଛି ବୋଲି କହିଛନ୍ତି ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ।

## ପୁଣି ଫାଇନାନ୍ସ କମ୍ପାନୀର ଜୁଲୁମ, ଥାନାରେ ମହିଳାଙ୍କ ଅଭିଯୋଗ

ବୈଶିଙ୍ଗା,୨୩।୨ (ସଂଚାର ବ୍ୟୁରୋ): -ପ୍ରାୟ ୪/୫ ମାସ ତଳେ ବିଭିନ୍ନ ଫାଇନାନ୍ସ କମ୍ପାନୀର କର୍ମଚାରୀ ମାନେ ଜୁଲମ କରି ବିଦୁକୁଡିଆ ଅଞ୍ଚଳର ୫୦ ରୁ ଅଧିକ ମହିଳା ଙ୍କ ଠାରୁ ଅର୍ଥ ଆଦାୟ ପାଇଁ ଧମକ ଦେଉଥିଲେ। ମାତ୍ର ଏହି ମହିଳାଙ୍କ ନାମରେ ଲୋନ କରି ଅନ୍ୟ ଜଣେ ମହିଳା ଟଙ୍କା ନେଇ ଶୁଝିବା ପରିବର୍ତ୍ତେ ଘର ଛାଡି ବାହାରେ ରହୁଥିଲେ । ଅଭିଯୋଗକାରୀ ମହିଳାମାନେ ଥାନାରେ ଦ୍ୱାରସ୍ଥ ହେବା ପରେ ଘଟଣାର ସମାଧାନ ହୋଇଥିଲା | ଠିକ୍ ସେହିପରି ସରବଣା ଗ୍ରାମର ସ୍ୱାମୀ ଭରତ ଆଚାର୍ଯ୍ୟ ଏବଂ ସ୍ତ୍ରୀ ଜ୍ୟୋତିରାଣୀ ଆଚାର୍ଯ୍ୟ ଦୁହେଁ ଫାଇନାନ୍ସ କମ୍ପାନୀର କର୍ମଚାରୀ ଙ୍କ ସଲାସୁତୁରା ରେ କିଛି ମହିଳାଙ୍କ ନାମ ରେ ୧୦ ଲକ୍ଷ ୨୪ ହଜାର ଟଙ୍କା ଲୋନ କରି କିଛି ଦିନ କିସ୍ତି ଦେବା ପରେ ପ୍ରାୟ ଏକ ବର୍ଷ ହେବ ଆଉ ସୁଝୁ ନାହାନ୍ତି ବୋଲି ଏହି ମହିଳାମାନେ ବୈଶିଙ୍ଗା ଆନରେ ଏକ ଅଭିଯୋଗ କରିଛନ୍ତି ।ଏହି ଅଭିଯୋଗକାରୀ ମାନେ ହେଲେ ଶ୍ରୀମତୀ କବିତା ମହାପାତ୍ର , ଟିକିଲି ଦଳେଇ ,ଜ୍ୟୋତ୍ସ୍ନା ଦେହୁରୀ , ଭାରତୀ ଦେହୁରୀ ,ମଲ୍ଲୀ ମୌଳିକ , ଟିକି ଦେହୁରୀ , ସବିତା ଦଳେଇ , କୁନି ଦେହୁରୀ , ସବିତା ଦେହୁରୀ ପ୍ରମୂଖ ସରବଣା ଗ୍ରାମର ଅଟନ୍ତି। ଏମାନଙ୍କ ଠାରୁ ମୋଟ ୧୦ ଲକ୍ଷ ୨୪ ହଜାର ଟଙ୍କାର ଫାଇନାନ୍ସ ହୋଇଥିବା ଅଭିଯୋଗ ରେ ଦର୍ଶାଯାଇଛି । ଏହି ମହିଳା ମାନଙ୍କୁ ଚିଟିଂ କରି ଭରତ ଆଚାର୍ଯ୍ୟ ଏବଂ ଜ୍ୟୋତିରାଣୀ ଆଚାର୍ଯ୍ୟ ସ୍ୱାମୀ ସ୍ତ୍ରୀ ଉଭୟେ ଲୋନ ଟଙ୍କା ନସୁଝିବାରୁ ଫାଇନାନ୍ସ କମ୍ପାନୀ କର୍ମଚାରୀ ମାନଙ୍କର ଏହି ମହିଳାମାନଙ୍କ ଉପରେ ଜୁଲମ ଜାରି ରଖିଛନ୍ତି। ଏଥିପାଇଁ ଏହି ମହିଳାଙ୍କ ପରିବାର ମଧ୍ୟରେ ଅଶାନ୍ତି ବଢ଼ି ଚାଲିଛି । ଏଥିରୁ ମୁକ୍ତି ପାଇଁ ସେମାନେ ବୈଶିଙ୍ଗା ଆନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ମାମଲା ଗ୍ରହଣ କରି ଘଟଣାର ସତ୍ୟାସତ୍ୟ ଉପରେ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

## ନୀଳଗିରି ସଂସ୍କୃତ ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ




ନୀଳଗିରି,୨୩।୨ (ସଂଚାର ବ୍ୟୁରୋ): ଆଜି ଦିବା ୧୧ଘଟିକା ସମୟରେ ନୀଳଗିରି ସଂସ୍କୃତ ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏନ୍. ଏ. ସି. ର କାର୍ଯ୍ୟ ନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଶ୍ରୀରାମ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ନିରଞ୍ଜନ ଦାଶ ଏବଂ ସମ୍ମାନୀତ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀଯୁକ୍ତ ଗୋବର୍ଦ୍ଧନ ବିଶ୍ୱାଳ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ନିରଞ୍ଜନ ସନ୍ଧି ବିଗ୍ରହ ଅତିଥି ପରିଚୟ,ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେ ସଙ୍ଗେ ମଞ୍ଚ ପରିଚାଳନା କରିଥିଲେ।ପ୍ରାରମ୍ଭରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଧୂପ ଦୀପ ପୁଷ୍ପାଞ୍ଜଳି ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ଏହି ବାର୍ଷିକ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପୌରହିତ୍ୟ କରି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା କେବଳ ଜ୍ଞାନ ଆହରଣ କରିବା କିମ୍ବା ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଅର୍ଜନ କରିବା ନୁହେଁ ସଂସ୍କାର ,ନୈତିକ ମୂଲ୍ୟବୋଧ ,ଦୃଢ ଆତ୍ମ ବିଶ୍ୱାସ ସହିତ ଜଡିତ।ଅତ୍ୟନ୍ତ ଦୃଢ ସଂକଳ୍ପ ପୂର୍ବକ ଅଦମ୍ୟ ଅଭିଳାଷ ପୂର୍ଣ୍ଣ ପ୍ରୟାସ ଜାରି ଦ୍ୱାରା ସଫଳତା ହାସଲ ହୁଏ ବୋଲି ମତ ପ୍ରକାଶ କରିଥିଲେ।ଏହି ବାର୍ଷିକ ଉତ୍ସବ ପାଳନ ଅବସରରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଗଣଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା।ଶେଷରେ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ

## ଧାମନଗର ସହରି ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ ଓ ନୂତନ କର୍ମକର୍ତ୍ତା ବୁଥ କମିଟି ମନୋନୀତ



ଧାମନଗର,୨୩।୨ (ସଂଚାର ବ୍ୟୁରୋ): ଧାମନଗର ସହରି ମଣ୍ଡଳ ପକ୍ଷରୁ ସାଂଗଠନିକ ବୈଠକ ଓ ନୂତନ କର୍ମକର୍ତ୍ତା,ବୁଥ କମିଟି ମନୋନୀତ ଏବଂ ପାଞ୍ଚଟି ଶକ୍ତିକେନ୍ଦ୍ର ଗଠିତ ହୋଇଯାଇଛି। ବିଭିନ୍ନ କେନ୍ଦ୍ରର ନୂଆକରି ସଭାପତି ଉପସଭାପ୍ତତି ସମ୍ପାଦକ ସହ ସମ୍ପାଦକ ଏବଂ ୧୭ଗୋଟି ବୁଥ କମିଟିର ସଭାପତି ଉପସଭାପ୍ତିତି ସମ୍ପାଦକ ସହ ସମ୍ପାଦକ ଓ ପ୍ରଭାରି କୋଷାଧ୍ୟକ୍ଷ ସଭ୍ୟ ମାନଙ୍କୁ ନିଯୁକ୍ତ ହେବା ସହ ଦାୟିତ୍ୱ ହସ୍ତାତର କରାଯାଇଛି। ସାଂସଦଙ୍କ ନଗର ପ୍ରତିନିଧି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏହି ସାଂଗଠନିକ ବୈଠକରେ ବିଜେପି ବରିଷ୍ଠ ନେତା ପୁର୍ବତନ ଜିଲ୍ଲା ପରିଷଦ ଶରତ ଚନ୍ଦ୍ର ମହାନ୍ତି,ଜିଲ୍ଲା ସାଧାରଣ ସମ୍ପାଦକ ଅରବିନ୍ଦ ପତି ଦର୍ଶକ କୈଳାସ ଚନ୍ଦ୍ର ଗୁପ୍ତା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର ସହରି ସାଧାରଣ ସମ୍ପାଦକ ନାରାୟଣ ରାଉତ, ବିଜୟ କୁମାର ରାମ,କାଉନସିଲର ଉତ୍ତମ ମହାନ୍ତି,ସ୍ୱାଧୀନ ସମ୍ବିତ ଦାଶ,କୃଷ୍ଣ ଚନ୍ଦ୍ର ଜେନା ଧିରେନ୍ଦ୍ର କର ଶ୍ରୀଧର ବେହେରା,ସହରୀ ନାରୀନେତ୍ରୀ ପୁଷ୍ପାଞ୍ଜଳି ବେହେରା, କବିତାରାୟ ,ସ୍ୱପ୍ନାବେହୁରିଆ,ଶାନ୍ତିଲତା ସେଠୀଙ୍କ ସମେତ ନବନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ଦଳ କେମିତି ଆଗକୁ ବିଢ଼ିବ ମଜବୁତ ହେଓ୍ୱ ସବୁ କର୍ମୀ ଏକ ହୋଇ ଲାଗିପଡିଲେ ଦଳ ଆହୁରି ମଜବୁତ ସୁଦୃଢ଼ ହୋଇପାରିବ ସେନେଇ ଉପସ୍ଥିତ କର୍ମୀଙ୍କୁ ପଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ପରିପେକ୍ଷୀରେ ମଣ୍ଡଳ ସ୍ତରୀୟ ପାଞ୍ଚୋଟି ଶକ୍ତି କେନ୍ଦ୍ର ଗଠନ କରାଯାଇଛି। ମହାବୀର ଶକ୍ତି କେନ୍ଦ୍ର ଅଟଳ ବିହାରୀ ଶକ୍ତି କେନ୍ଦ୍ର ଦିନଦୟାଲ ଶକ୍ତି କେନ୍ଦ୍ର ଅବଦୁଲ କାଲାମ ଶକ୍ତି କେନ୍ଦ୍ର ଦାଣ୍ଡସୁନାମୁଖୀ ଶକ୍ତି କେନ୍ଦ୍ର ପାଞ୍ଚ ଜଣ ସଭାପତି ଛଜଣ ଉପସଭାପତି ମନୋନୀତ କରାଯାଇଛି। ଏଥିରେ ସରୋଜ ମହାପାତ୍ର,ଲକ୍ଷ୍ମଣ ବେହେରା କୃଷ୍ଣ ଚନ୍ଦ୍ର ଜେନା,ସୁଶାନ୍ତ ରାଉତ,ଶୁଭେନ୍ଦୁ ପାତ୍ର,ଉପସଭାପତି ଚିନ୍ତାମଣି ଜେନା,ବିଶ୍ୱଜିତ ମହାପାତ୍ର,ସଞ୍ଜୟ ମାଝୀ,ଗୋଲାମ ଜିଲାନି ହବିବି,ସଞ୍ଜୟ କୁମାର ସ୍ୱାଇଁ ନିଯୁକ୍ତ ମନୋନୀତ ହୋଇଥିବାବେଳେ ସହରି ସାଧାରଣ ସମ୍ପାଦକ ନାରାୟଣ ରାଉତ ସହସମ୍ପାଦକ ଶେଷଦେବ କବି ନିଯୁକ୍ତ ହୋଇଛନ୍ତି।ଏଥିସହିତ ଏଗାର ଟି ୱାର୍ଡ ସତରଟି ବୁଥର କମିଟିର ବହୁ ସଦସ୍ୟ ଓ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଙ୍କୁ ଯୁବ ନେତୃତ୍ୱ ଶ୍ରୀକାନ୍ତ ମଲ୍ଲିକ ଲକ୍ଷ୍ମଣ କର ରବିନ୍ଦ୍ର ପୁହାଣ ମାନସ ପରିଡା ବାବାଜୀ ପରିଡା ବୈରାଗୀ ସ୍ୱାଇଁ ପ୍ରଭାତ ମଲ୍ଲିକ ଚିତ୍ତରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ନୀଳଗିରି,୨୩।୨ (ସଂଚାର ବ୍ୟୁରୋ):ନୀଳଗିରି ବ୍ଲକ ଅଧିନସ୍ଥ ଅଯୋଧ୍ୟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ବାର୍ଷିକ ଉତ୍ସବ ମହାସମାରୋହ ରେ ପାଳିତ ହୋଇ ଯାଇଛି।ବିଶିଷ୍ଟ ଶିକ୍ଷାବିତ ତଥା ଅନୁଷ୍ଠାନ ର ସଭାପତି ବାମନ ଚନ୍ଦ୍ର ମହାନ୍ତି ଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବ ରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଚିନ୍ତାମଣି ଦାସ ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକଦୁର୍ଗା ଚରଣ ପରିଡା ମୁଖ୍ୟ ବକ୍ତା ଓ ରାଜ୍ୟ ପୁରସ୍କାର ପ୍ରାପ୍ତସେବା ନିବୃତ୍ତି ପ୍ରଧାନ ଶିକ୍ଷକ ସୋମନାଥ ନାୟକ ସମ୍ମାନିତ ବକ୍ତା ଭାବେ ଯୋଗ ଦାନ କରି ଛାତ୍ରଛାତ୍ରୀ ଙ୍କୁ ମୋବାଇଲ ଠାରୁ ଦୂରରେ ରହିବା ସହିତ ଅଭିଭାବକ ମାନେ ପିଲା ମାନଙ୍କୁ ଚାପମୁକ୍ତ ରଖିବା ଓ ନିଜର ଇଚ୍ଛା ପିଲାମାନଙ୍କ ଉପରେ ଲଦିଦେଇ ସେମାନଙ୍କ ର ବୋଝ ନ ବହିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା କୃତି ପ୍ରତିଯୋଗି ମାନଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିବା ସହିତ ମୁଖ୍ୟ ଅତିଥି ନିଜ ତରଫରୁ କିଛି ସତନ୍ତ୍ର ପୁରସ୍କାର ପିଲାମାନଙ୍କୁ ପ୍ରଦାନ କରିଥିଲେ।ଶେଷରେ ପିଲାମାନଙ୍କ ଦ୍ୱାରା ଆକର୍ଷଣିୟ ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ କରାଇ ଥିଲେ। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଜୋସ୍ନାରାଣୀ ପତି ବିବରଣୀ ପାଠ କରିବା ସହିତ, ସମସ୍ତ ଗୁରୁଜୀ,ଗୁରୁମା ଓ ପରିଚଳନା ସମିତିର କର୍ମ କର୍ତ୍ତା କାର୍ଯ୍ୟ କ୍ରମ ର ସଫଳତା ପାଇଁ ସହଯୋଗ କରିଥିଲେ।